ଏଇ ତ ନିୟମ

ଅନୁବାଦକ

କିଶୋର ଚନ୍ଦ୍ର ମେହେର

ସଂପାଦନା

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

Digitized by srujanika@gmail.com

ଏଇ ତ ନିୟମ

ଅନୁସୃଜନ
କିଶୋର ଚନ୍ଦ୍ର ମେହେର

ସଂପାଦନା
ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
(ଓଡ଼ିଆ, ଇଂରାଜୀ ଓ ଉର୍ଦ୍ଦୁ)
ଫକୀରମୋହନ ବିଶ୍ୱବିଦ୍ୟାଳୟ,ବାଲେଶ୍ୱର

Digitized by srujanika@gmail.com

ଏଇ ତ ନିୟମ (ଅନୁବାଦ ଗଳ୍ପ)

- ଅନୁସୃଜନ : କିଶୋର ଚନ୍ଦ୍ର ମେହେର
- ସଂପାଦନା : ପ୍ରଫେସର ମଣୀନ୍ଦ୍ର କୁମାର ମେହେର
  ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ
  (ଓଡ଼ିଆ, ଇଂରାଜୀ ଓ ଉର୍ଦ୍ଦୁ)
  ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର-୭୫୬୦୮୯
- ପ୍ରକାଶକ: ସ୍ୱୟଂସିଦ୍ଧା ଫାଉଣ୍ଡେସନ୍
  ପ୍ଲଟ୍ ନଂ-୨୮୬, ସେକ୍ଟର-୫
  ନୀଳାଦ୍ରି ବିହାର,ଭୁବନେଶ୍ୱର-୨୧
- ମୁଦ୍ରଣ: ୟୁ.ଏନ୍. ଗ୍ରାଫିକ୍ସ, ଭୁବନେଶ୍ୱର
- ପ୍ରଥମ ସଂସ୍କରଣ: ୨୦୨୩
- ମୂଲ୍ୟ: ୮୦ ଟଙ୍କା

EAI TA NIYAMA

- **Transcreation by** Kishor Chndra Meher
- **Edited by** Prof. Manindra Kumar Meher
  P.G. Dept. of Languager & Literature
  (Odia, English and Urdu)
  Fakira Mohan Univeristy, Bolasore
- **Publisher:** Swayamsiddha Foundation
  Niladri Vihar, Bhubaneswar-21
- **Printer :** U.N. Graphics, Bhubaneswar
- **1st. Edition:** 2023
- **Price:** Rs. 80/-

ISBN : 978-93-94543-01-0

Digitized by srujanika@gmail.com

ଭୂମିକା

ମୋର ପରମାରାଧ୍ୟ ପିତା ସ୍ୱର୍ଗତ କିଶୋର ଚନ୍ଦ୍ର ମେହେର ହେଉଛନ୍ତି ସ୍ୱଭାବକବି ଗଙ୍ଗାଧର ମେହେରଙ୍କ କନିଷ୍ଠ ପୌତ୍ର। ସାହିତ୍ୟାନୁରାଗ ତାଙ୍କ ଶିରା ପ୍ରଶିରାରେ ହେଉଥିଲା ନିତ୍ୟ ପ୍ରବାହିତ। କୈଶୋର କାଳଠାରୁ ସାହିତ୍ୟର ଅସୀମ ଜଗତ ମଧ୍ୟକୁ ସେ ପ୍ରବେଶ କରିଥିଲେ ଜଣେ ଦୁଃସାହସିକ ସାଗର-ଯାତ୍ରୀ ପରି। ଯେଉଁ ମଣି ମୁକ୍ତାର ଅଧିକାରୀ ସେ ହୋଇଥିଲେ ଆଉ ସେହି ସୁଗଭୀର ସାହିତ୍ୟ-ସାଗର ମଧ୍ୟରୁ ଫେରି ଆସିବାକୁ କେବେହେଲେ ଚାହିଁନାହାନ୍ତି। ଓଡ଼ିଆ, ବଙ୍ଗଳା, ହିନ୍ଦୀ ତଥା ଇଂରାଜୀ ସାହିତ୍ୟର କେତେ ଯେ ଅମୂଲ୍ୟଗ୍ରନ୍ଥ ସେ ପାଠ କରିଛନ୍ତି, ତାହାର ହିସାବ ରଖିବା ସମ୍ଭବ ହୋଇନାହିଁ। ଜଣେ ଅନୁସନ୍ଧିତ୍ସୁ ପାଠକ ଭାବରେ ସେ ଥିଲେ ପ୍ରଜ୍ଞାଶୀଳ। ମାତ୍ର ନିଜେ ଲେଖକ ହେବାର ସ୍ୱପ୍ନରେ କେବେହେଲେ ଅଧୀର ହୋଇନାହାନ୍ତି। ତଥାପି ଯେଉଁ ସାହିତ୍ୟିକ ଉପାଦାନରେ ତାଙ୍କର ମାନସ-ଜଗତ ଗଠିତ ହୋଇଥିଲା, ସେଥିରୁ ମୁକ୍ତ ହୋଇ ସେ ରହନ୍ତେ ବା କିପରି ?

ଯୌବନ କାଳରେ ହୃଦୟର ଅମାପ ଆବେଗ ନେଇ ସେ ଯେତେବେଳେ ପାଠ କରିଛନ୍ତି ଅସଂଖ୍ୟ ବଙ୍ଗଳା ଓ ହିନ୍ଦୀ ଗଳ୍ପ-ତାହାକୁ ଓଡ଼ିଆରେ ଭାଷାନ୍ତରିତ କରିବାର ବିପୁଳ ପ୍ରେରଣା ଲାଭ କରିଛନ୍ତି ସ୍ରଷ୍ଟା-ଚିତ୍ତର ସମ୍ବେଦନଶୀଳତା ନେଇ। ବିଶେଷତଃ ଯେଉଁ ଗଳ୍ପ ସବୁ ତାଙ୍କୁ ତୀବ୍ର ଭାବରେ ଆଲୋଡ଼ିତ କରିଛି, ତାହାକୁ ସ୍ୱତଃସ୍ଫୂର୍ତ୍ତ ପ୍ରେରଣା ବଳରେ ସେ ଅନୁବାଦ କରିଦେଇଛନ୍ତି। ଏଗୁଡ଼ିକ ଯେ ଦିନେ ପ୍ରକାଶିତ ହେବ - ଏହି ଭାବନା ତାଙ୍କ ମନରେ ସ୍ଥାନ ପାଇନାହିଁ। ଅନୁବାଦ

Digitized by srujanika@gmail.com

ସମୟରେ କେତେକ ସ୍ଥଳରେ ସେଥିପାଇଁ ମୂଳ ଲେଖକଙ୍କ ନାମ ଉଲ୍ଲେଖ କରିବାକୁ ସେ ଭୁଲି ଯାଇଛନ୍ତି ।

ଓଡ଼ିଆ ସାହିତ୍ୟରେ ବିଶେଷ ଆଲୋଡ଼ନ ସୃଷ୍ଟି କରିଥିବା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ବୁଢ଼ାଶଙ୍ଖାରୀ' ଗଳ୍ପ ତାଙ୍କୁ ଏକଦା ଭାବାବିଷ୍ଟ କରି ତୋଳିଥିଲା । ସମାଲୋଚକମାନେ ଏହା ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ 'କାବୁଲିଓ୍ୱାଲା' ଗଳ୍ପ ପ୍ରଭାବରେ ଲିଖିତ ବୋଲି ବର୍ଣ୍ଣନା କରିଥିବାବେଳେ ଚାରୁଚନ୍ଦ୍ର ବନ୍ଦୋପାଧ୍ୟାୟଙ୍କ ଦ୍ୱାରା ରଚିତ 'ଚୁଡ଼ିଓ୍ୱାଲା' ଗଳ୍ପର ପ୍ରେରଣାରେ ଏହା ରଚିତ ବୋଲି ସେ ଉପଲବ୍ଧି କରିପାରିଥିଲେ । କାରଣ ସେହି ବଙ୍ଗଳା ଗଳ୍ପଟିର ପାଠକ ଓ ଅନୁବାଦକ ଥିଲେ ସେ ସ୍ୱୟଂ । ମୁଁ ଯେତେବେଳେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀର ଛାତ୍ର, ସେତେବେଳେ ଏହି ସତ୍ୟ ମୋ ନିକଟରେ ସେ ଉନ୍ମୋଚନ କରିଦେଇଥିଲେ । ଏହି ଗଳ୍ପଟି ଗଙ୍ଗାଧର ମେହେର ମହାବିଦ୍ୟାଳୟ ଆନୁକୂଲ୍ୟରେ ପ୍ରକାଶିତ 'ମେହେର ପ୍ରଦୀପ' ପତ୍ରିକାରେ ପ୍ରକାଶିତ ହୋଇ ପାଠକମାନଙ୍କ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିପାରିଥିଲା । 'ଚୁଡ଼ିଓ୍ୱାଲା' ଓ 'ବୁଢ଼ାଶଙ୍ଖାରୀ' ଗଳ୍ପର କଥାବସ୍ତୁ ମଧ୍ୟରେ ବିଶେଷ ତାରତମ୍ୟ ଅନୁପସ୍ଥିତ । ତଥାପି 'ବୁଢ଼ାଶଙ୍ଖାରୀ' ଗଳ୍ପଟି ନିଜସ୍ୱ ମହିମାରେ କିପରି ସମୁଜ୍ଜ୍ୱଳ, ତାହାର ମର୍ମସ୍ପର୍ଶୀ ଆଲୋଚନା କରିଥିଲେ ମୋର ପୂଜ୍ୟ ଅଗ୍ରଜ 'ଅଙ୍କୁର' ପତ୍ରିକାର ସମ୍ପାଦକ ମନୋରଞ୍ଜନ ମେହେର । ଉକ୍ତ ତୁଳନାତ୍ମକ ପ୍ରବନ୍ଧଟି 'ଅଙ୍କୁର' ପତ୍ରିକାରେ ପ୍ରକାଶିତ ହୋଇଛି, ଯାହା ଏକ ଅତୁଳନୀୟ ତୁଳନାତ୍ମକ ଅନ୍ତର୍ଦୃଷ୍ଟିର ପରିଚାୟକ ।

ବାପା ଏଥିରେ ସ୍ଥାନିତ ଗଳ୍ପଗୁଡ଼ିକର ଅନୁବାଦ କରିଛନ୍ତି ୧୯୫୩-୫୫ ମସିହା ବେଳକୁ । ୧୯୫୪ରେ ତାଙ୍କର ମାତୃବିୟୋଗ ଅକଳନ୍ତି ବ୍ୟଥା ଓ ବେଦନାରେ ତାଙ୍କୁ ଅସ୍ଥିର ଓ ଅଥୟ କରି ତୋଳିଥିଲା । ବୋଧହୁଏ ସେହି ଅସହ୍ୟ ଯନ୍ତ୍ରଣାକୁ ଅନ୍ତଃସ୍ଥଳରେ ଚାପି ରଖିବା ପାଇଁ ସେ ଏହି ଗଳ୍ପଗୁଡ଼ିକର ଅନୁବାଦରେ ଢାଳି ଦେଇଛନ୍ତି ତାଙ୍କର ସକଳ ପ୍ରାଣାବେଗ । ସେଥିପାଇଁ ଓଡ଼ିଆରେ ରୂପାନ୍ତରିତ ଏହି ଗଳ୍ପଗୁଡ଼ିକ ପାଠ କରିବାବେଳେ ବ୍ୟକ୍ତିଗତ ଭାବରେ ମୋର ଅନୁଭବ ହୋଇଛି ଯେ, ସତେକି ମୋ ପିତାଙ୍କ ଦ୍ୱାରା ରଚିତ ମୌଳିକ ଗଳ୍ପ ପାଠରେ ମୁଁ ଧ୍ୟାନମଗ୍ନ । ଏଠାରେ ଯେଉଁ ଛ'ଟି ମାତ୍ର ଗଳ୍ପ ସଂକଳିତ ତା' ମଧ୍ୟରୁ 'ଏଇ ତ ନିୟମ' ଗଳ୍ପଟିକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଗଳ୍ପ ସେଇ ଗୋଟିଏ ସମୟର ରଚନା । ଅନୂଦିତ ଗଳ୍ପଗୁଡ଼ିକ ମଧ୍ୟରେ ଅନୁବାଦକର ସୃଜନଦୀପ୍ତ ହୃଦୟ କିପରି ପରିସ୍ପନ୍ଦିତ ତାହା

Digitized by srujanika@gmail.com

ଏକ ସ୍ୱତନ୍ତ୍ର ଅଧ୍ୟୟନ ଓ ଅନୁଧ୍ୟାନର ବିଷୟ, ଯାହା କି ଏପର୍ଯ୍ୟନ୍ତ ଆମ ସମାଲୋଚନା ସାହିତ୍ୟରେ କରାଯାଇ ପାରିନାହିଁ। ଛ'ଟି ଗଳ୍ପ ମଧ୍ୟରୁ 'ମନ୍ଦିରର ପାବଚ୍ଛରାଶି' ଓ 'ରକ୍ତ କମଳ' ଏ ଉଭୟର ଲେଖକ କିଏ ତାହା ବହୁ ଚେଷ୍ଟା ସତ୍ତ୍ୱେ ରହିଗଲା ମୋର ଅଗୋଚରରେ। ସେଥିପାଇଁ ସେମାନଙ୍କ ପବିତ୍ର ନାମୋଲ୍ଲେଖ କରିବାର ସୁଯୋଗରୁ ଏ ସମ୍ପାଦକ ବଂଚିତ। ଯଦି କୌଣସି ଦରଦୀ ପାଠକଙ୍କ ତାହା ଦୃଷ୍ଟିଗୋଚର ହୁଏ, ତା'ହେଲେ ଏ ସମ୍ପାଦକକୁ ଜାଣିବାର ସୁଯୋଗ ଦେଲେ ପରବର୍ତ୍ତୀ ସଂସ୍କରଣରେ ତାହା ଉଲ୍ଲେଖ କରିଦିଆଯିବ ନିଶ୍ଚୟ।

ପ୍ରଥମେ ଭାବିଥିଲି ଏହି ଅନୁବାଦ ଗଳ୍ପର କ୍ଷୁଦ୍ର ସଂକଳନଟିକୁ 'ଚୁଡ଼ିୱାଲା' ନାମରେ ନାମିତ କରିବା ପାଇଁ। ଶେଷରେ ଏଥିପାଇଁ ହିଁ ମୋର ନିଷ୍ପତ୍ତିକୁ ପରିବର୍ତ୍ତନ କରିବାର ଅନ୍ତଃପ୍ରେରଣା ଲାଭ କଲି ଯେ 'ଏଇ ତ ନିୟମ' ଗଳ୍ପ ମଧ୍ୟରେ ପ୍ରକାଶିତ ହୋଇଛି ଯେଉଁ ଜୀବନ-ସତ୍ୟ, ତାହାରି ଭିତରେ ସମସ୍ତ ଗଳ୍ପର ପ୍ରାଣସ୍ପନ୍ଦନ ସନ୍ନିହିତ। ଏହା ମଧ୍ୟ ପାଠକର ଚେତନାରେ ସୃଷ୍ଟି କରିପାରେ ଜୀବନ ସମ୍ପର୍କିତ ସୂକ୍ଷ୍ମ ଦାର୍ଶନିକ ଚିନ୍ତନ।

ଯାହା ହେଉନା କାହିଁକି, ଆଜି ମୋର ପୂଜ୍ୟ ପିତାଙ୍କ ଅନୂଦିତ ଗଳ୍ପ ସଂକଳନ ପ୍ରକାଶ କରିପାରି ଅନୁଭବ କରୁଛି ଅବ୍ୟକ୍ତ ତୃପ୍ତି। ଆଉ ପୁନଶ୍ଚ ମନେହେଉଛି ପିତାଙ୍କ ଜୀବିତାବସ୍ଥାରେ ଏହା ପ୍ରକାଶିତ ହୋଇଥିଲେ ଏ ଆନନ୍ଦ ହୋଇଥାନ୍ତା ଦ୍ୱିଗୁଣିତ। ବୋଧହୁଏ ସେ ଜାଣିଥିଲେ ଯେ ତାଙ୍କ ପୁତ୍ର ଯେତିକି ଅଯୋଗ୍ୟ ହେଉନା କାହିଁକି, ଏହା ତାହାରି ଉଦ୍ୟମରେ ନିଶ୍ଚୟ ଦିନେ ଆଲୋକ ଦେଖିବ। ମୋର ସ୍ନେହଶୀଳ ପିତାଙ୍କ ପବିତ୍ର ଆତ୍ମା ପ୍ରତି ସଶ୍ରଦ୍ଧ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସଂଗେସଂଗେ ସହୃଦୟ ପାଠକମାନଙ୍କ ଭାବ-ସ୍ନିଗ୍ଧ ହସ୍ତରେ ଏହାକୁ ସମର୍ପଣ କରିଦେଉଛି।

ବିନୟାବନତ

ବ୍ୟାସବିହାର

ମଣୀନ୍ଦ୍ର କୁମାର ମେହେର

ତା: ୨୦-୧୨-୨୦୨୨ରିଖ

Digitized by srujanika@gmail.com

ଗଳ୍ପକ୍ରମ

ଗଳ୍ପର ଶୀର୍ଷକ	ଗାଳ୍ପିକ	
୧- ଚୁଡ଼ିୱାଲା	ଚାରୁ ବନ୍ଦୋପାଧ୍ୟାୟ	୭
୨- ନିର୍ବାସିତର ଆତ୍ମକଥା	ଭୋଲାନାଥ ମୁଖୋପାଧ୍ୟାୟ	୧୫
୩- ଦାର୍ଶନିକ	ଫଣୀଭୂଷଣ ଚକ୍ରବର୍ତ୍ତୀ	୩୧
୪- ଏଇ ତ ନିୟମ	ମୂଳ ରଚନା: ଜ୍ୟାକ୍ ଲଣ୍ଡନ ବଙ୍ଗାନୁବାଦ: ସୁଧୀର ନାଥ ରାହା	୪୦
୫- ମନ୍ଦିରର ପାବଚ୍ଛ ରାଶି	ହିନ୍ଦୀ ଗଳ୍ପର ରୂପାନ୍ତର	୫୦
୬- ରକ୍ତ କମଳ	ବଙ୍ଗଳା ଗଳ୍ପର ଅନୁବାଦ	୬୧

Digitized by srujanika@gmail.com

ଚୁଡ଼ିୱାଲା

ମୂଳ ରଚନା:ଚାରୁ ବନ୍ଦୋପାଧ୍ୟାୟ

"ବେଲୋୟାରୀ* ଚୁଡ଼ି ନିଅ, କାଚର ଖେଳନା, ଗ୍ଲାସ୍, ଗିନା, ଫୁଲଦାନୀ ନିଅ।"

ଗ୍ରୀଷ୍ମଦିନ, ଦ୍ୱିପ୍ରହର, ଖରା ସେତେବେଳେ ଝାଇଁ ଝାଇଁ କରୁଛି। ଗଳି ବାଟରେ ଲୋକଙ୍କର ଗମନାଗମନ ନାହିଁ। ଘରେ ଘରେ ଗୃହିଣୀମାନେ କାମ ସାରି ନିଶ୍ଚିନ୍ତ ହୋଇ ଟିକିଏ ବିଶ୍ରାମ ନେଇଛନ୍ତି। ସେତେବେଳେ ନିଜ ପସରା ମୁଣ୍ଡରେ ବୋହି ଚୁଡ଼ିୱାଲା ଉଚ୍ଚ ସ୍ୱରରେ ଡାକି ଫେରି କରୁଥିଲା-ବେଲୋୟାରୀ ଚୁଡ଼ି ନିଅ, କାଚର ଖେଳନା, ଗ୍ଲାସ୍, ଗିନା, ଫୁଲଦାନୀ ନିଅ।

ଗଳି ଶେଷରେ ଗୋଟିଏ ଝରକା ଅଳ୍ପ ଟିକିଏ ଖୋଲି ଏକ କିଶୋରୀ ଝିଅ ଡାକିଲା- "ଓ ଚୁଡ଼ିୱାଲା, ଚୁଡ଼ିୱାଲା ଏଇ ଘରକୁ ଆସ।" ଚୁଡ଼ିୱାଲା ଲେଉଟି ଦୁଇ ହାତରେ ତା'ର ମୁଣ୍ଡର ଟୋକେଇ ଟିକିଏ ଟେକିଧରି ଉପରକୁ ଅନାଇ ପଚାରିଲା - କିଏ ଡାକୁଛ ଗୋ ?

କିଶୋରୀ କହିଲା - ଏଇ ଯେ ଏଇ ଘରକୁ।

ଚୁଡ଼ିୱାଲା ଦେଖିଲା ଗୋଟିଏ ତନୁ ସୁନ୍ଦରୀ କିଶୋରୀ ଖଣ୍ଡିଏ ଚଉଡ଼ା ଲାଲ ପଟା ପଡ଼ିଥିବା ଶାଢ଼ି ପରିଧାନ କରି ଅଳ୍ପ ଅବଗୁଣ୍ଠନ ଦେଇ ଠିଆ ହୋଇଛି। ଶାଢ଼ିର ଲାଲ ଚଉଡ଼ା ପଟାଟି ତା'ର ମୁଣ୍ଡର ମଝିରେ ସିନ୍ଦୂର ପରି ଜକ ଜକ କରି ଜଳୁଛି। କିଶୋରୀ ନାକରେ ଗୋଟିଏ ଫୁଲି। କାନରେ ଦିଇଟି କାନଫୁଲ। ଦେହର

Digitized by srujanika@gmail.com

ରଙ୍ଗରେ ଯେପରି ସେ ସବୁ ମିଶିଯାଇ ଲୁଚି ପଡୁଛି। ତାହାକୁ ଦେଖିବା ମାତ୍ରେ ବୁଢ଼ା ଆଲିଜାନ୍‌ର ମନଟା ଖୁସି ହୋଇଗଲା। ଏତେ ମଧୁର ରୂପ ସେ ଆଉ କେଉଁଠି ଦେଖିନଥିଲା। ଅନେକ ସୁନ୍ଦରୀଙ୍କୁ ସେ ଚୁଡ଼ି ବିକ୍ରି କରିଛି କିନ୍ତୁ କାହାକୁ ଦେଖି ତାହାର ପ୍ରାଣ ଏପରି ଆନନ୍ଦ ଉଦ୍‌ବେଳିତ ହୋଇନଥିଲା। ସେ ମୁଣ୍ଡର ଟୋକେଇ ତଳକୁ ଓହ୍ଲାଇ ଘର ବାରଣ୍ଡାରେ ଆସି ଠିଆ ହେଲା।

କିଶୋରୀ ତଳକୁ ଆସି ଚୁଡ଼ିଓ୍ୱାଲା ଆଗରେ ଠିଆହୋଇ ପଚାରିଲା - "ଲାଲ ଚୁଡ଼ି ଅଛି ଚୁଡ଼ିଓ୍ୱାଲା ?" ଚୁଡ଼ିଓ୍ୱାଲା ହସି କହିଲା - "ଅଛି ମା' ଲକ୍ଷ୍ମୀ, କାହାରି ହାତର ନେବ ? ତମ ହାତର ?"

କିଶୋରୀ ମୁଣ୍ଡ ହଲାଇ କହିଲା, "ହଁ"।

ଆଲିଜାନ୍ ଟୋକେଇର ଉପର ଢାଙ୍କୁଣୀ ଖୋଲୁଁ ଖୋଲୁଁ ହସି କହିଲା, "ନାଲି ଚୁଡ଼ି ତ ତମର ଏଇ ନାଲି ହାତକୁ ମାନିବ ନାହିଁ ମା' ଲକ୍ଷ୍ମୀ। ରଙ୍ଗକୁ ରଙ୍ଗ ମିଶିଯିବ ଯେ ? ଏ ରଙ୍ଗ ହାତକୁ କଳା ଚୁଡ଼ି ଭଲ ମାନିବ। କଳା ଚୁଡ଼ି ଦେବି ?"

କିଶୋରୀ ଲଜ୍ଜାରେ ହସି ହସି ମୁହଁ ନୁଆଁଇ କହିଲା - "ନା, ନାଲି ଚୁଡ଼ି ବାହାର କର।"

ବୁଢ଼ା ଚୁଡ଼ିଓ୍ୱାଲା ହସି କହିଲା - "ମା' ମୋର ନାଲିର ଭକ୍ତ। ଆସ ତ ମା' ହାତ ଦେଖାଅ।"

କିଶୋରୀ ଲଜ୍ଜିତ ହୋଇ କହିଲା - "ନା, ତୁମେ ଚୁଡ଼ି ଦିଅ ମୁଁ ଦେଖାଇ ଆଣୁଛି।"

ଚୁଡ଼ିଓ୍ୱାଲା କହିଲା - "ତୁମ ହାତରେ ମୁଁ ପିନ୍ଧାଇ ଦେବି ମା'।"

କିଶୋରୀ କହିଲା - "ନା, ମୁଁ ମା'ଙ୍କ ପାଖରେ ପିନ୍ଧିବି।"

ବୁଢ଼ା ଚୁଡ଼ିଓ୍ୱାଲା ହସି କହିଲା - "ନା ମା' ତା' ହେବ ନାହିଁ। ଏ ରଙ୍ଗ ହାତକୁ ରଙ୍ଗ ଚୁଡ଼ି ମୁଁ ପିନ୍ଧାଇ ଦେଇ ଯିବି। ତା' ଯଦି ନ ହୁଏ ମୁଁ ଚୁଡ଼ି ବିକ୍ରି କରିବି ନାହିଁ।"

ବୁଢ଼ା ମନେ ମନେ ଭାବୁଥିଲା ଏହି ବ୍ୟବସାୟ ଅବଲମ୍ବନ କରି ସେ କେତେ ଘରର କେତେ ଝିଅଙ୍କ ହାତ ନିଜ ହାତରେ ଧରି ଚୁଡ଼ି ପିନ୍ଧାଇ ଦେଇଛି। କେତେ ସ୍ପର୍ଶ ତାହାକୁ କ୍ଷଣିକ ପାଇଁ ଟିକିଏ ବିଚଳିତ କରିଦେଇଛି। କିନ୍ତୁ ତାହାକୁ କେହି ତ ମୁଗ୍ଧ କରିପାରି ନାହିଁ। ଆଜି ବୁଢ଼ାର ମନେହେଲା ଏ ସୁନ୍ଦରୀ କିଶୋରୀ

Digitized by srujanika@gmail.com

ହାତରେ ସେ ଯଦି ଚୁଡ଼ି ପିନ୍ଧାଇ ନ ପାରିବ ତେବେ ତା'ର ଏ ବ୍ୟବସାୟ କରିବା ବୃଥାଶ୍ରମ ହୋଇଯିବ। ଏହି ହାତର ହିଁ ସନ୍ଧାନରେ ସେ ସମସ୍ତ ଜୀବନ ଖରା ଖରାରେ ଗଳି ଗଳିରେ ବୁଲି ବୁଲି ଘରେ ଘରେ ଖୋଜି ଖୋଜି ତା'ର ବୟସ କଟାଇଛି। ତା'ର କଞ୍ଚାବାଳ ପାକଳ କରି ପକାଇଛି। ଏବେ ଯଦି ସେହି କିଶୋରୀ ତା' ହାତରୁ ଚୁଡ଼ି ପିନ୍ଧିବ ନାହିଁ ବୋଲି କହିଲା! ବୁଢ଼ା କହି ବସିଲା – "ତୁମେ ଯଦି ଚୁଡ଼ି ପିନ୍ଧାଇବାକୁ ନ ଦିଅ ମୁଁ ଚୁଡ଼ି ବିକ୍ରି କରିବି ନାହିଁ।"

ଏହି କଥାରେ କିଶୋରୀର ବଡ଼ ଲଜ୍ଜାବୋଧ ହେଲା। ସେ ଆଉ କିଛି ନ କହି ଆସ୍ତେ ଆସ୍ତେ ଆଗକୁ ଆସି ବୁଢ଼ା ପାଖରେ ବସିଲା ଆଉ ତା'ର ସୁନ୍ଦର ସୁକୋମଳ ହାତ ଦୁଇଟି ବଢ଼ାଇଦେଲା। ତା'ର ମୁହଁର ଲଜ୍ଜାଭାବ ଶାଢ଼ିର ଲାଲଧଡ଼ିରେ ଛାୟା ପରି ଫୁଟି ଉଠିଥିଲା।

ଚୁଡ଼ିଓ୍ୱାଲା ମୃଣାଳ ସଂଯୁକ୍ତ ପଦ୍ମ ପାଖୁଡ଼ା ପରି କିଶୋରୀର ହାତ ମୁଠାକୁ ନିଜର ଦୁଇ ହାତରେ ଧରି ଥରେ ହୃଦୟର ସମସ୍ତ ସ୍ନେହ ଦେଇ ଚାପି ଧରିଲା ଆଉ ଚୁଡ଼ିର ମାପ ଠିକ୍ କରିନେଲା। ବୁଢ଼ାର ମନେ ହେଉଥିଲା ଯଦି ସେ ଏହି ସୁନ୍ଦର ସୁକୋମଳ ପଦ୍ମ ପାଖୁଡ଼ା ପରି ହାତ ଦୁଇଟି ଅଶ୍ରୁଧୌତ ପୂର୍ବକ ଚୁମ୍ବନ ଚୁମ୍ବନରେ ଏକେବାରେ ଆଚ୍ଛନ୍ନ କରି ଦିଅନ୍ତା, ତା'ପରେ ତା' ନିଜର ପସରାଟି ଉଜାଡ଼ି ଦେଇ ରିକ୍ତ ହସ୍ତରେ ଫେରି ଯାଆନ୍ତା। ତେବେ ଅବା ତାହାର ଉଚ୍ଛ୍ୱସିତ ସ୍ନେହର ଆବେଗ କିଞ୍ଚିତ ଚରିତାର୍ଥ ହୋଇ ଶାନ୍ତ ହୁଅନ୍ତା।

ଚୁଡ଼ିଓ୍ୱାଲା କିଶୋରୀର ହାତ ଦୁଇଟିକୁ ଧରି ଚିପି ଚିପି ଲାଲ ଚୁଡ଼ିସବୁ ପିନ୍ଧାଇ ଦେବାକୁ ଲାଗିଲା। ବେଦନାରେ କିଶୋରୀର ମୁହଁ ସାମାନ୍ୟ କୁଞ୍ଚିତ ହେଲେ ସେ କଷ୍ଟ ସହସ୍ର ଗୁଣ ହୋଇ ବୁଢ଼ାର ହୃଦୟରେ ଆଘାତ କରୁଥିଲା। ଆଉ ବୁଢ଼ା କହୁଥିଲା – "ବହୁତ କାଟୁଛିକି ମା' ? ଟିକିଏ ସହିଯାଅ ତ ମା', ତା' ହେଲେ ଏ ଚୁଡ଼ି ସବୁ ତୁମର ହାତକୁ ଚାପି ବସିବ। ସେ ଯେପରି ମାନିବ ମା' !!"

କିଶୋରୀର ଅଶ୍ରୁ ଢଳଢଳ କରୁଥିଲା।

ତେବେ ବି ସେ ବୁଢ଼ାର କଥା ଶୁଣି ମୁହଁ ଲାଲ କରି ହସିଲା। ହସରେ ତା'ର ଦୁଇ ଗାଲରେ ଦୁଇଟି ଗାତ ହୋଇଗଲା। ଚୁଡ଼ି ପିନ୍ଧାଇଦେଇ ଚୁଡ଼ିଓ୍ୱାଲା ନିଜ ଟୋକେଇରୁ ବାଛି ବାଛି ଭଲ ଭଲ ଖେଳଣା, ଫୁଲଦାନୀ ବାହାର କଲା। କିଶୋରୀ ତାହା ଦେଖି କହିଲା, "ଏ ସବୁ ମୋର କିଛି ଦରକାର ନାହିଁ।"

Digitized by srujanika@gmail.com

ବୁଢ଼ା ହସି କହିଲା – "ତୁମର ଦରକାର ନଥିଲେ ବି ତୁମର ପୁଅକୁ ଦିଅ।"

ଲଜ୍ଜାରେ କିଶୋରୀର ଆପାଦ ମସ୍ତକ ଲାଲ୍ ହୋଇଗଲା। ତାହାର ଶାଶୁବୁଢ଼ୀ ସେଠାରେ ଆସି ଠିଆ ହୋଇଥିଲେ। ସେ ହସି କହିଲେ – ବୋହୂମା'ର ଏବେ ତ ପୁଅ ହେଇନି। ସେ ସବୁର ଦରକାର ନାହିଁ।

ଚୁଡ଼ିଓ୍ୱାଲା ତା'ର ଟୋକେଇର ଢାଙ୍କୁଣୀ ଦେଇ ତା' ଉପରେ ଦଉଡ଼ି ବାନ୍ଧୁ ବାନ୍ଧୁ କହିଲା–"ତା' ନ ହେଉ। ମୋର ମା' ତ ଏବେ ଛୋଟ ଅଛି। ସେ ଖେଳିବ।" କିଶୋରୀ ବୋହୂର ଶାଶୁବୁଢ଼ୀ କହିଲେ – 'ସେ ସବୁର ଦାମ କେତେ।' ଚୁଡ଼ିଓ୍ୱାଲା ଟୋକେଇ ମୁଣ୍ଡରେ ରଖି ଠିଆ ହୋଇ କହିଲା – "ସେ ସବୁ ମୁଁ ମା'କୁ ଦେଲି।"

ଶାଶୁ ବୁଢ଼ୀ କହିଲେ, "ଆରେ ଏପରି କି ହୁଏ। ହଇଗୋ ଚୁଡ଼ିଓ୍ୱାଲା ତୁମେ ଯାଅନା, ଟିକିଏ ଠିଆ ହୁଅ। ଏହାର ଦାମ ନେଇଯାଅ।" ସେହି ସମୟରେ ଚୁଡ଼ିଓ୍ୱାଲା ରାସ୍ତା ଉପରକୁ ଆସି ଖୁସି ମନରେ ହସି ହସି ଡାକି ଡାକି ଯାଉଛି – 'ବେଲୋୟାରୀ ଚୁଡ଼ି ନିଅ, କାଚର ଖେଳନା ନିଅ, ଗ୍ଲାସ୍, ଗିନା, ଫୁଲଦାନୀ ନିଅ।'

ସେହିଦିନଠାରୁ ଚୁଡ଼ିଓ୍ୱାଲା ପ୍ରତିଦିନ ଦ୍ୱିପ୍ରହରରେ ସେଇ ଗଳି ଭିତରେ ଚୁଡ଼ି ବିକ୍ରି କରିବାକୁ ଆସୁଥିଲା। ଚୁଡ଼ି ତ ଆଉ ସବୁ ଦିନର ଦରକାରୀ ଜିନିଷ ନୁହେଁ। ତାହାକୁ ଆଉ କେହି ଡାକୁ ନ ଥିଲେ। କିନ୍ତୁ ତାହାର ଡାକ ଶୁଣିଲା ମାତ୍ରକେ ସେହି କିଶୋରୀ ବୋହୂଟି ଧୀରେ ଝରକା ପାଖକୁ ଆସି ଠିଆ ହେଉଥିଲା। ଆଉ ବୁଢ଼ା ଚୁଡ଼ିଓ୍ୱାଲା ଦୁଇ ହାତରେ ମୁଣ୍ଡର ଟୋକେଇ ଉପରକୁ ଆଉ ଟିକିଏ ଟେକି ଧରି ଥରେ ତାକୁ ଦେଖି ନେଉଥିଲା।

ଉଭୟେ ଉଭୟଙ୍କୁ ଦେଖି ସଲଜ୍ଜ ହସ ଭିତରେ ନିଜ ନିଜର ଗୋଟାଏ ଦିନ, କ୍ଷଣିକ ପରିଚୟର ପ୍ରୀତି ସମ୍ପର୍କଟି ସ୍ୱୀକାର କରି ଯାଉଥିଲେ।

କିଶୋରୀ ବୋହୂର ଶାଶୁ ହସି କହନ୍ତି, "ବୋହୂମା' ତୁମର ପୁଅ ଆସିଛି ନା? ତୁମର ପାଚିଲା ଦାଢ଼ିବାଲା ପୁଅଟି ବେଶ୍ ତ!"

କିଶୋରୀ ବୋହୂ ଆନନ୍ଦରେ ଲଜ୍ଜିତ ହୋଇ ହସି ହସି ଝରକାରୁ ପଳାଇ ଯାଉଥିଲା।

ଚୁଡ଼ିଓ୍ୱାଲା ଭାବେ ସେ ଯଦି ଚୁଡ଼ି ବିକ୍ରି କରିବା ଛାଡ଼ିଦେଇ ଆଳୁ, ପୋଟଳ କିମ୍ବା କିରାସିନି ତେଲ ବିକ୍ରି ଆରମ୍ଭ କରେ, ତାହାହେଲେ ପ୍ରତ୍ୟହ ତାହାର ମା'ର ଘରକୁ ଯିବାଟା ସୁଗମ ହୋଇପାରେ।

Digitized by srujanika@gmail.com

କିନ୍ତୁ ଚୁଡ଼ି ବିକ୍ରୟ ନ କଲେ ଯେ ସେହି ପଦ୍ମ ପାଖୁଡ଼ା ସଦୃଶ ମୁଷ୍ଟିଟି ଦୁଇ ହାତ ମଧ୍ୟରେ ଚାପିଧରି ହୃଦୟର ସମସ୍ତ ଆନନ୍ଦ ଓ ସ୍ନେହର ଧାରା ମୁକ୍ତ କରିଦେବାର ସୁଯୋଗ ଘଟିବ ନାହିଁ। ସେହି ସୁଦୂର ସୁଯୋଗର ପ୍ରତ୍ୟାଶା ନେଇ ବୁଢ଼ା ଚୁଡ଼ିର ପସରା ମୁଣ୍ଡରେ ବୋଝେଇ ଗ୍ରୀଷ୍ମ ଦ୍ୱିପ୍ରହରରେ ଗଳି ଗଳିରେ ଡାକି ଡାକି ଫେରି କରୁଥିଲା – "ବେଲୋୟାରୀ ଚୁଡ଼ି ନିଅ, କାଚର ଖେଳନା, ଗ୍ଲାସ୍, ଗିନା, ଫୁଲଦାନୀ ନିଅ।"

କିଛି ଦିନ ପରେ ହଠାତ୍ ସେହି କିଶୋରୀ ଝରକାରେ ତା'ର ନିୟମିତ ଉପସ୍ଥିତି ବନ୍ଦ କରିଦେଲା। ବୃଦ୍ଧ ଚୁଡ଼ିୱାଲା ଉଚ୍ଚସ୍ୱରରେ ଡାକି ଡାକି କ୍ଲାନ୍ତ ହୋଇ ଫେରିଯାଏ। ଘର ଉପରର ସେହି ଝରକା ଫାଙ୍କରେ ସେହି ସୁନ୍ଦର ମୁହଁ ଖଣ୍ଡିକ ଆଉ ଲଜ୍ଜିତ ସ୍ମିତହସ ଉଦ୍‌ଭାସିତ ହୋଇ ଉଙ୍କି ମାରେ ନାହିଁ। ଦୀର୍ଘଶ୍ୱାସ ଛାଡ଼ି ବୁଢ଼ା ଫେରିଯାଏ। କିନ୍ତୁ ଫେରିବାକୁ ତା'ର ମନ ଚାହୁଁ ନ ଥାଏ। ପାଦ ଚଳୁ ନ ଥାଏ।

କିଛି ଦିନ ବ୍ୟର୍ଥ ପ୍ରତୀକ୍ଷାରେ ବୁଲି ବୁଲି ହାଂକି ହାଂକି ଡାକିବା ପରେ ମଧ୍ୟ ତା'ର ଆଉ ମୁହଁ ଖଣ୍ଡିକ କୌଣସି ମତେ ଦେଖାଯାଇ ନଥିଲା। ସେତିକିବେଳେ ଦିନେ ଚୁଡ଼ିୱାଲା ସାହସ କରି ଘର କବାଟ ଆଗରେ ଛିଡ଼ା ହୋଇ ଉଚ୍ଚ ସ୍ୱରରେ ପଚାରିଲା – "ମା' ଠାକୁରାଣୀ ଚୁଡ଼ି ନେବ ?"

ଘର ଭିତରୁ ସ୍ତ୍ରୀ କଣ୍ଠରେ ଉତ୍ତର ଆସିଲା – "ନା-ଗୋ"।

ଚୁଡ଼ିୱାଲା ଦୀର୍ଘ ନିଶ୍ୱାସ ପକାଇ ଚୁପ୍ ହୋଇ ଏବଂ ସ୍ତବ୍ଧ ହୋଇ କିଛିକ୍ଷଣ ଠିଆ ହୋଇ ରହିଲା। ତା'ପରେ ଆସ୍ତେ ଆସ୍ତେ ଆଗକୁ ଆସି ଘର ବାରଣ୍ଡାରେ ଠିଆ ହୋଇ କୁଣ୍ଠିତ କଣ୍ଠରେ ପଚାରିଲା, "ମା' ଠାକୁରାଣୀ ମୋର ମା' କେଉଁଠି ଗୋ ?"

ଘର ମଧ୍ୟରୁ ପୁଣି ସ୍ତ୍ରୀ କଣ୍ଠରେ ଉତ୍ତର ଆସିଲା "ଏଠାରେ ନାହିଁ ଗୋ" ସହସ୍ର ପ୍ରଶ୍ନ କରିବାର ଇଚ୍ଛା ଥିଲେ ବି ତା'ର ଆଉ ସାହସ ନଥିଲା। ସେ ଧୀରେଧୀରେ ବାହାରକୁ ଚାଲିଗଲା। ସେ ମ୍ରିୟମାଣ, ଗତି ତା'ର ମନ୍ଥର। ଗଳିରେ ସେ ଆଉ 'ଚୁଡ଼ି ନିଅ ଗୋ' ବୋଲି ଡାକି ନଥିଲା।

ଏଠାରେ ସେ ଆଉ ନାହିଁ। କିନ୍ତୁ କେବେ ଆଉ ଆସିବ ତାହାର ବି ତ କୌଣସି ସ୍ଥିରତା ନାହିଁ। ପ୍ରତିଦିନ ଆଶା ନେଇ ଚୁଡ଼ିୱାଲା ସେଇ ଗଳିରେ ଆସି ଡାକ ଦିଏ – "ବେଲୋୟାରୀ ଚୁଡ଼ି ନିଅ" ଇତ୍ୟାଦି।

ଥର ଥର କରି ତିନି ଥର। ତା'ପରେ ସେଇ ଶୂନ୍ୟ ଝରକାଟି ଆଡ଼କୁ ଛଳ ଛଳ ଆଖିରେ ଦେଖି ଗୋଟିଏ ଦୀର୍ଘ ନିଶ୍ୱାସ ପକାଇ ସେ ପୁଣି ଫେରିଯାଏ। ତା'

Digitized by srujanika@gmail.com

ପରଦିନ ପୁଣି ଆସେ। ଏପରି କେତେ ମାସ ଗତ ହେଲା। ପୂଜା ଆସିଲା। ଆଜି ଘରେ ଘରେ ଚୁଡ଼ି କିଣିବାରେ ସମସ୍ତେ ବ୍ୟସ୍ତ। ସଧବା କୁମାରୀ, ତରୁଣୀ ବାଳିକା ସମସ୍ତେ ନିଜ ମନ ମୁତାବକ ଚୁଡ଼ି ବାଛି କିଣୁଛନ୍ତି। ଚୁଡ଼ିଓ୍ୱାଲା ସେମାନଙ୍କ ହାତମୁଠା ସବୁ ନେଇ ନେଇ ନିଜ ହାତରେ ଚୁଡ଼ି ସବୁ ପିନ୍ଧାଇ ଦେଉଛି। କିନ୍ତୁ ତାହାର ମନ କୌଣସିଥିରେ ପ୍ରସନ୍ନ ହେଉନଥିଲା। ସାନ୍ତ୍ୱନା ଆସୁ ନଥିଲା। ତାହାରି ମା' ପରି ସୁନ୍ଦର ହାତ ଆଉ କାହାରି ନୁହେଁ। ସେପରି କୋମଳ ମୁଠା ଆଉ କାହାର ନାହିଁ। ସେପରି ମଧୁର ହସ ଆଉ କାହାରିଠାରେ ନାହିଁ ତ!

ଅପେକ୍ଷା କରି କରି ବୁଢ଼ା କ୍ଳାନ୍ତ ହୋଇ ପୁଣି ଦିନେ ସେଇ ଘର ଆଗରେ ଯାଇ ଠିଆ ହୋଇ ବାରମ୍ବାର ଡାକିବାରେ ଲାଗିଲା - "ବେଲୋୟାରୀ..." କିନ୍ତୁ ଘରେ କେହି ଥିବାର ସଂକେତ ମିଳିଲା ନାହିଁ। କେହି ତାହାକୁ ଝରକା ଫାଙ୍କରେ ଡାକିଲା ନାହିଁ। "ଏ ଚୁଡ଼ିଓ୍ୱାଲା ଚୁଡ଼ିଓ୍ୱାଲା, ଏ ଘରକୁ ଆସ।" ସେହି ଝରକା ସେପରି ଶୂନ୍ୟ ସେପରି ନିରାନନ୍ଦ। ସେତେବେଳେ ଆସ୍ତେ ଆସ୍ତେ ବାରଣ୍ଡା ଉପରକୁ ଉଠିଯାଇ ଚୁଡ଼ିଓ୍ୱାଲା ଡାକିଲା, "ଚୁଡ଼ି ନେବ ମା' ଠାକୁରାଣୀ?"

ଜଣେ ଚାକରାଣୀ ବିରକ୍ତ ହୋଇ ତୀବ୍ର କଣ୍ଠରେ ଉତ୍ତର ଦେଲା - "ନା ଗୋ ନା ଶହେ ଦିନ କହିଲିଣି ଚୁଡ଼ି ଆମର ଦରକାର ନାହିଁ। ତେବେ କାହିଁକି ତୁମେ ଆମକୁ ଜଳାଇବାକୁ ଆସ ଯେ? ଦରକାର ହେଲେ ରାସ୍ତାରୁ ଡାକିନେବୁଁ।"

ଚୁଡ଼ିଓ୍ୱାଲା ଭୟରେ, ଲଜ୍ଜାରେ ଅପ୍ରତିଭ ହୋଇ ଏତେ ଟିକିଏ ହୋଇଗଲା। ସେ ଚୋର ପରି ଫେରି ଯାଉଛି ଏପରି ସମୟରେ ଦେଖିଲା ସେହି କିଶୋରୀବୋହୂର ଶାଶୁବୁଢ଼ୀ ଘର ଭିତରୁ ବାହାରକୁ ଆସିଲେ। ତାହାଙ୍କୁ ଦେଖି ଥଙ୍ଗେଇ ବୁଢ଼ା ଚୁଡ଼ିଓ୍ୱାଲା ପଚାରିଲା- "ମା' ଠାକୁରାଣୀ ମୋର ମା' କି ଆଉ ଆସିବ ନାହିଁ।"

ଶାଶୁବୁଢ଼ୀ ମ୍ଳାନ ମୁହଁରେ, ଉଦାସ ଭାବରେ ଚୁଡ଼ିଓ୍ୱାଲାର ମୁହଁକୁ ଚାହିଁ କହିଲେ - "ଆସିଛି।"

ଚୁଡ଼ିଓ୍ୱାଲା ଟିକିଏ ହସି ଆନନ୍ଦ ଗଦ ଗଦ ସ୍ୱରରେ କହିଲା - "ମା', ଠାକୁରାଣୀ ଥରୁଟିଏ ତାକୁ ଦେଖିପାରିବିକି? ମା'କୁ ମୋର କେତେଦିନ ହେଲା ଦେଖିନି।" ଶାଶୁବୁଢ଼ୀ କିଛି କ୍ଷଣ ସ୍ତବ୍ଧ ହୋଇ ଠିଆହୋଇ ରହିଲେ। ଦେଖୁଁ

Digitized by srujanika@gmail.com

ଦେଖୁଁ ତାଙ୍କ ଆଖିରୁ ଲୁହ ଝରଝର ହୋଇ ବୋହିବାକୁ ଲାଗିଲା । ସେ ଲୁହ ପୋଛି ସ୍ଥିର କଣ୍ଠରେ କହିଲେ – "ନା ବାବା ତା' ସଙ୍ଗରେ ଆଉ ଦେଖା ହେବ ନାହିଁ ।"

ବୁଢ଼ାର ଆନନ୍ଦ ପ୍ରଦୀପ୍ତ ମୁହଁ ଏକାବେଳକେ ନିଷ୍ପ୍ରଭ ହୋଇ ଲିଭିଗଲା । ସେ ବ୍ୟଥିତ ଛଳ ଛଳ ଆଖିରେ ଥରେ ବୋହୂର ଶାଶୁବୁଢ଼ୀ ଆଡ଼କୁ ଅନାଇ ହତାଶ ମନରେ ଅନିଚ୍ଛା ସତ୍ତ୍ୱେ ପାଦ ଦୁଇଟି ଚଢ଼ାଇ ଚାଲିଗଲା । ସେ ଏ ପୂଜା ସମୟରେ ବଜାରରୁ ବାଛି ବାଛି ସବୁଠାରୁ ଭଲ ଏକ ଯୋଡ଼ା ଚୁଡ଼ି ପସନ୍ଦ କରି ଆଣିଥିଲା । ତାହାର ସୁନ୍ଦରୀ ମା'ଟିର ହାତ ନିଜ ହାତରେ ଧରି ପିନ୍ଧାଇଦେବ ବୋଲି । କିନ୍ତୁ ଯେଉଁଠାରେ ଭଲପାଇବାର ଅଧିକାର ଅଛି, ପାଇବାର ଦାବୀ କରିବାର ଅଧିକାର ନାହିଁ, ସେଠାରେ ସେ କିପରି ଜୋର୍ କରିବ । ସେହି କିଶୋରୀ ବୋହୂଟି ଯଦି ତାହାର ଝିଅ ହୋଇଥାଆନ୍ତା ତେବେ କ'ଣ ତାହାର ଶାଶୁ ବୁଢ଼ୀ ଏପରି ବିମୁଖ କରି, ହତାଶ କରି ଏପରି ଫେରାଇ ପାରନ୍ତେ ? ବୁଢ଼ା ଦୀର୍ଘ ନିଶ୍ୱାସ ପକାଇ ପତନୋନ୍ମୁଖୀ ଅଶ୍ରୁ ଗାମୁଛାରେ ପୋଛି ପକାଇଲା । ସଦର ଦରଜା ପର୍ଯ୍ୟନ୍ତ ଧୀରେଧୀରେ ଯାଇ ଚୁଡ଼ିୱାଲା କିଛିକ୍ଷଣ ନୀରବ ହୋଇ ଠିଆ ହେଲା । ତା'ପରେ ମୁହଁ ବୁଲାଇ ପଛକୁ ଦେଖିଲା । ତା'ପରେ ପୁଣି ଫେରିପଡ଼ି ମନ୍ଥର କୁଣ୍ଠିତ ପାଦରେ ଘର ବାରଣ୍ଡାକୁ ଆସି ଠିଆ ହେଲା ।

ଚୁଡ଼ିୱାଲା ଦେଖିଲା ବୋହୂର ଶାଶୁବୁଢ଼ୀ ସେତେବେଳେ ସେଠାରେ ଠିଆ ହୋଇଥିଲେ । ଚୁଡ଼ିୱାଲା ଗଳାରେ ଗାମୁଛା ପକାଇ ଦୁଇ ହାତ ଯୋଡ଼ି ମିନତି ବିଗଳିତ ସ୍ୱରରେ କହିଲା- "ମା' ଠାକୁରାଣୀ ମୁଁ ଚୁଡ଼ି ବିକ୍ରି କରି ଆସିନାହିଁ । ଥରେ ମୋର ମା'କୁ ମୁଁ ଦେଖିବାକୁ ଆସିଛି ।" ଏହା କହୁଁ କହୁଁ ବୁଢ଼ାର ଆଖିରୁ ପାଣି ଟପ୍ ଟପ୍ ହୋଇ ଝରି ପଡ଼ିଲା ।

ବୋହୂକୁ ଜଣେ ନିଃସମ୍ପର୍କ ବାଟୋଇ ଲୋକର ସମ୍ମୁଖରେ ବାହାର କରିବାର ଯେଉଁ ଟିକିଏ ଆପତ୍ତି ଥିଲା, ବୃଦ୍ଧ ଚୁଡ଼ିୱାଲା ତାହା ଆଖି ପାଣିରେ ଶେଷରେ ଧୋଇ ପୋଛି ପକାଇଲା ।

ଅଶ୍ରୁ, ଏହି ବୃଦ୍ଧ ଚୁଡ଼ିୱାଲା ସହିତ କିଶୋରୀ ବୋହୂର ପ୍ରାଣର ନିକଟ ସମ୍ପର୍କ ନିମିଷକେ ପ୍ରମାଣ କରିଦେଲା । ବୋହୂର ଶାଶୁ ବୁଢ଼ୀ ଟିକିଏ ତା' ଆଡ଼କୁ ଚାହିଁ

Digitized by srujanika@gmail.com

ଚକ୍ଷୁ ପଲ୍ଲବରୁ କମ୍ପମାନ ଅଶ୍ରୁ ବିନ୍ଦୁ ପୋଛି ଅଶ୍ରୁପୂର୍ଣ୍ଣ ସ୍ୱରରେ ଚାକରାଣୀକୁ କହିଲେ – "ମୋକ୍ଷଦା, ବୋହୂ ମା'କୁ ଥରେ ଡାକି ଦେ।"

କିଶୋରୀ ବୋହୂ ଧୀରେଧୀରେ ସଂକୁଚିତ ଜଡ଼ିତ ପାଦ ପକାଇ ଚୁଡ଼ିଓ୍ୱାଲାର ସମ୍ମୁଖରେ ଆସି ଠିଆ ହେଲା। ଚୁଡ଼ିଓ୍ୱାଲା ଟିକିଏ ହସି ଟୋକେଇରୁ କାଚର ବାକ୍ସ ଖୋଲି ଏକ ଯୋଡ଼ା ବିଚିତ୍ର ବର୍ଣ୍ଣର କାଚଚୁଡ଼ି ବାହାର କରି କହିଲା – "ମା' ହାତ ଦିଅ ତୁମ ପାଇଁ ମୁଜ୍‌ବୁଲି ଚୁଡ଼ି ଆଣିଛି।"

ଚୁଡ଼ିଓ୍ୱାଲା ହସ ହସ ମୁହଁ ଟେକି ବୋହୂର ହାତରେ ପିନ୍ଧାଇବାକୁ ଯାଇ ଦେଖିଲା କିଶୋରୀ ହାତରେ କୌଣସି ଗହଣା ନାହିଁ। ତାହାର ଲାଲ ହାତରୁ ତା'ର ଏତେ ସଉକର ଲାଲ ଚୁଡ଼ି ସେ ଭାଙ୍ଗି ପକାଇଛି। ସୁନ୍ଥାରୁ ସିନ୍ଦୂର ପୋଛି ପକାଇଛି। ମୁଣ୍ଡ ଉପରେ ଲାଲ ଶାଢ଼ିର ଚଉଡ଼ା ଧଡ଼ି ଆଉ ଦିଶୁନାହିଁ। ପାଦରେ ନାଲି ଅଳତା ନାହିଁ। ଓଠରେ ନାଲିପାନ ନାହିଁ। ନାକରେ ନାକଫୁଲ ନାହିଁ। କାନରେ ସେ ସୁନ୍ଦର କାନଫୁଲ ନାହିଁ। ମୁହଁରେ ସେ ଭୁବନମୋହିନୀ ହସ ଟିକକ ବି ନାହିଁ। ଖଣ୍ଡିଏ ଧଳା ଥାନ ତା'ର ଯୁଥିକା ସଦୃଶ ମୂର୍ତ୍ତିକୁ ଯେପରି କୁଣ୍ଠିତ ଭାବରେ ଘୋଡ଼ାଇ ଧରି ମୂର୍ଚ୍ଛିତ ହୋଇ ରହିଛି। ଏହି ମୂର୍ତ୍ତିମତି ଶୋକର ମୂର୍ତ୍ତି ଦେଖି ଚୁଡ଼ିଓ୍ୱାଲା ଚୁଡ଼ି ଯୋଡ଼ା ମାଟିରେ ଫିଙ୍ଗିଦେଇ ସେହି ଭଙ୍ଗା ଚୁଡ଼ି ପରି ଭଙ୍ଗା ହୃଦୟରେ କାନ୍ଦିଉଠି ଦୁଇ ହାତରେ ଆଖିବୁଜି କହି ଉଠିଲା, "ମା'ରେ ଏହା ମୁଁ କ'ଣ ଦେଖିଲି। ଏହା ଆଗରୁ ମୁଁ ମରିନଗଲି କାହିଁକି ?"

କିଶୋରୀ ମୁଣ୍ଡ ନୁଆଁଇ ଧୀରେଧୀରେ ସେଠାରୁ ଅପସରିଗଲା। ତାହାର ଶାଶୁବୁଢ଼ୀ ଆଖି ପୋଛି ପୋଛି ଘର ଭିତରକୁ ଚାଲିଗଲେ। ଆଉ ଭଗ୍ନ ହୃଦୟ ବୃଦ୍ଧ ଚୁଡ଼ିଓ୍ୱାଲା ଦୁର୍ବଳ କମ୍ପିତ ହସ୍ତରେ ମୁଣ୍ଡରେ ପସରା ବୋହି ଆସ୍ତେ ଆସ୍ତେ ଘର ବାହାରକୁ ଚାଲିଗଲା।

* ବେଲୋୟାରୀ – ଏକ ପ୍ରକାର ସ୍ୱଚ୍ଛ ସୁନ୍ଦର କାଚର ଚୁଡ଼ି ଫାରସୀରେ ବିଲ୍ଲୋରି କହନ୍ତି।

❖❖❖

('ମେହେର ପ୍ରଦୀପ' ୧୯୮୪ ଦ୍ୱିତୀୟ ସଂଖ୍ୟା)

Digitized by srujanika@gmail.com

ନିର୍ବାସିତର ଆତ୍ମକଥା

ମୂଳ ରଚନା: ଭୋଳାନାଥ ମୁଖୋପାଧ୍ୟାୟ

ଆଜି ଜୀବନର ପଞ୍ଚମ ଅଙ୍କ ଅଭିନୀତ ହେବା ପୂର୍ବରୁ ଯେତେବେଳେ ଯବନିକା ପତନ କରିବାକୁ ହିଁ ହେଉଛି, ସେତେବେଳେ ଏହି କ୍ଷୁଦ୍ର ଜୀବନ କାହାଣୀଟି ଲେଖିଯିବି। ଏହା ଲେଖିବାର କୌଣସି ଆବଶ୍ୟକତା ଅଛି କି ନା ଜାଣେନା, କିନ୍ତୁ ଏହି ସୁଦୂର ଦେଶରେ ସବୁ ଶେଷ ହୋଇଯିବା ପୂର୍ବରୁ ମୋର ହୃଦୟ ଅଭିମାନରେ ଭରିଯାଉଛି ଓ ଦୁଇଟାଯାକ ଥରିଉଠୁଛି। କାହା ଉପରେ ଏ ଅଭିମାନ ଜାଣେନା, ତେବେ ମୋର ଏହି ଜୀବନ ପରେ ମଧ ଯଦି କିଛି ବଂଚିଥାଏ ଏବଂ ପୃଥିବୀର କଥା ଶୁଣିପାରେ ତାହାହେଲେ ମୁଁ ଠିକ୍ ଜାଣେ ଯେ ଏ କାହାଣୀର ପାଠକ ଯଦି ସହାନୁଭୂତିରେ 'ଆହା' ବୋଲି କହେ, ତେବେ ମୋର ଅବସୋସ ନିଶ୍ଚୟ ଉଦ୍‌ବେଳିତ ଭାବେ କାନ୍ଦି ଉଠିବ।

ମୋର ବୟସ ବର୍ତ୍ତମାନ ୨୬ ବର୍ଷ। ଚାରିବର୍ଷ ପୂର୍ବେ ମୋର ଜୀବନ ଅମୃତ ସାଗରରେ ଭାସୁଥିଲା। ମନେହେଉଥିଲା ଏପରି ଭାବରେ ସମସ୍ତ ଜୀବନଟା କଟିଯିବ। ଯେଉଁଦିନ ବାର୍ଦ୍ଧକ୍ୟ ଉପରେ ପରୱାନା ଜାରି କରି ମୃତ୍ୟୁର ଦୂତ ଆସିବ, ସେତେବେଳେ ମଧ ମୁଁ ଅମୃତ ସାଗରରେ ଭାସୁଥିବି। ଆଜି ମୃତ୍ୟୁ ଏ କଞ୍ଚା ବୟସରେ ଆସି ପରୱାନା ଜାରି କରୁଛି, କିନ୍ତୁ ଜୀବନର ସେ ଦୁଖ କାହିଁ? କଣ୍ଠ ଶୁଖି ଯାଉଛି ମନ ଶୁଖିଲା ପତ୍ରଠୁ ବି ନିରସ।

Digitized by srujanika@gmail.com

ଥାଉ ସେ କଥା-ଆଜି କାହିଁକି ମୁଁ ଏହି ଆଣ୍ଡାମାନରେ ମୃତ୍ୟୁର କରାଳ ଗହ୍ୱରକୁ ପାଦ ବଢ଼ାଇଛି ତାହା ହିଁ କହୁଛି। ଏହା ଗୋଟିଏ ରମଣୀ ନିମନ୍ତେ। ଅଦ୍‌ଭୂତ ଜଣେ ନାରୀ। ସେପରି ଝିଅ ବଙ୍ଗାଳୀ ମଧ୍ୟରେ କାହିଁକି ଅନ୍ୟ କୌଣସି ଜାତିରେ ଅଛନ୍ତି ନା ସନ୍ଦେହ। ସେ ଆଜି କେଉଁଠି ଜାଣେନା। କିନ୍ତୁ ତାହାର ଜ୍ୱଳନ୍ତ ରୂପ ଆଜି ମଧ୍ୟ ଠିକ୍ ସେହିପରି ଭାବରେ ଜାଜ୍ୱଲ୍ୟମାନ। ବୋଧହୁଏ ମୃତ୍ୟୁ ପରେ ମଧ୍ୟ ଏହିପରି ଭାବରେ ପ୍ରଜ୍ୱଳିତ ହୋଇ ରହିଥିବ।

ମଫସଲର କଲେଜରୁ ଆଇଏସ୍‌ସି ପାସ୍ କରି ପ୍ରେସିଡେନ୍ସି କଲେଜରେ ପ୍ରଥମ ଦିନ ଯେଉଁ ଛାତ୍ର ସହିତ ବସିଥିଲି ତା'ର ନାମ ବୀରେନ୍। କୁଞ୍ଚିତ କେଶ, ଅଯତ୍ନ ଅବିନ୍ୟସ୍ତ। ସୁପୁଷ୍ଟ ଶରୀରରେ ଅଯତ୍ନର ଅଭାବ। ସ୍ୱଷ୍ଟ ନାକଟି ତୀକ୍ଷ୍ଣ ଧାରୁଆ। ଆଖି ଦୁଇଟି ସେତେ ଆକର୍ଷଣୀୟ ନୁହେଁ। ତେବେ ଜ୍ୱଳନ୍ତ।

ଅଧ୍ୟାପକ କଥା ପ୍ରସଙ୍ଗରେ ସେଦିନ ନେପୋଲିଅନ୍ କଥାରେ ପହଞ୍ଚିଲେ। ଅଧ୍ୟାପକ ଜଣକ ନେପୋଲିଅନ୍‌ଙ୍କ ଅନ୍ଧ। ସେ ନେପୋଲିୟନଙ୍କ ବୀରତ୍ୱ ଏବଂ ନିର୍ଭୀକତା ସମ୍ବନ୍ଧରେ ମର୍ମସ୍ପର୍ଶୀ ଭାଷଣ ଦେଇଥିଲେ। ଆଉ ବୀରେନ୍, ମନପ୍ରାଣ ଦେଇ ତାହା ଶ୍ରବଣ କରୁଥିଲା। ତାହାର ଶରୀର ମଝିରେ ମଝିରେ ରୋମାଞ୍ଚିତ ହୋଇ ଉଠୁଥିଲା।

ସେହିଦିନ ହିଁ ତାହା ସହିତ ମୋର ବନ୍ଧୁତ୍ୱ ହୋଇଯାଇଥିଲା। ସେଦିନ ମୋର ସୁଦିନ କି ଦୁର୍ଦ୍ଦିନ ଆଜି ମଧ୍ୟ ମୁଁ ଠିକ୍ କରିପାରୁ ନାହିଁ।

ବୀରେନ୍ ଥିଲା ଗୋଟିଏ ତୀବ୍ରଶକ୍ତିର ଅଫୁରନ୍ତ ଭଣ୍ଡାର। ସେ ମୋତେ ଦେଖାଉଥିଲା ଅଶନିର ଆଲୋକ। ଯାହା ଥରେ ତୀବ୍ର ଆଲୋକ ଦେଇ ଚିର ଅନ୍ଧକାରରେ ବିଲୀନ ହୁଏ।

ଗୋଟାଏ ବର୍ଷ ମଧ୍ୟରେ ଦିନେ ହେଲେ ବି ତା'ଠାରୁ ବିଚ୍ଛିନ୍ନ ହୋଇନଥିଲି। ତାକୁ ଦେଖିବା କ୍ଷଣି ମୋର ସର୍ବସ୍ୱ ପ୍ରାପ୍ତି ବୋଧ ହୁଏ। ମନେ ହେଉଥିଲା ମୁଁ ତାକୁ ସମ୍ପୂର୍ଣ୍ଣ ପାଇଛି। ସମ୍ପୂର୍ଣ୍ଣ ବୁଝିଛି।

କି ଭୁଲ୍! ତାହାକୁ ସମ୍ପୂର୍ଣ୍ଣ ପାଇଥିଲି ସତ; କିନ୍ତୁ କିଛି ମାତ୍ର ବୁଝି ନଥିଲି। ଆଜି ଯେତେବେଳେ ତାହାକୁ ବୁଝିପାରୁଛି ସେ ମୋଠାରୁ କେତେ ଦୂରରେ।

Digitized by srujanika@gmail.com

ତାହାର ବିଶେଷଗୁଣ – ସେ କଥା କୁହେ ବହୁତ ଅଳ୍ପ। ଏତେ ଅଳ୍ପଭାଷୀ ଲୋକ ମୁଁ ଦେଖି ନଥିଲି। ଆମେ ଉଭୟେ ପ୍ରାୟତଃ ବୁଲି ବାହାରୁଥିଲୁ। ଘଣ୍ଟା ଘଣ୍ଟା ଧରି ପାଖେ ପାଖେ ଚାଲିଛୁ। ତା' ମୁହଁରୁ ଗୋଟିଏ ବି ଶବ୍ଦ ବାହାରେ ନାହିଁ। ମୁଁ ତାହାର ମୌନତାରେ ମୁଗ୍ଧ ହୋଇଯାଇ କଥାର ଅଭାବ ଅନୁଭବ କରୁନଥିଲି। ସେଦିନ ଶନିବାର। କଲେଜ ଗୋଟାଏ ଓଳି ପରେ ବନ୍ଦ। ବୀରେନ୍ ସେଦିନ କ୍ଲାସ୍‌ରେ ଅନୁପସ୍ଥିତ। ସେ ବସାରେ ମୁଁ ବସିଛି। ଏପରି ସମୟରେ ବୀରେନ୍ ଉପସ୍ଥିତ। ତା' ଆଡ଼କୁ ଦୃଷ୍ଟି ଦେଇ ମନେହେଲା ସେ ଅସ୍ଥିର ଅଛି। ସେ ସଙ୍ଗେ ସଙ୍ଗେ କହିଲା ଅଶାନ୍ତ, ଏପରି ପଢ଼ାଶୁଣାର ସାର୍ଥକତା ମୁଁ ବୁଝିପାରୁ ନାହିଁ।

ମୋର ନାମ ଶାନ୍ତ। କିନ୍ତୁ ଖେଳକୁଦ, ବ୍ୟାୟାମ ଇତ୍ୟାଦିରେ ପାରଦର୍ଶିତା ଦେଖି ସେ ନାମଟା ଟିକିଏ ବଦଳାଇ ଦେଇ ଡାକେ। ସେ କହିଲା, 'ତେଣୁ ମୁଁ ଯାଉଛି।' ମୁଁ ପଚାରିଲି କେଉଁଠିକୁ? ସେ ତାହାର କୁଞ୍ଚିତ କେଶ ଗୁଚ୍ଛକୁ ମୁହଁ ଉପରୁ ଉଠାଇ ନେଇ କହିଲା, "ଦେଶକୁ, ଢାକା ଜିଲ୍ଲା।"

କେଜାଣେ କାହିଁକି ମୁଁ ନିତାନ୍ତ ଅଶାନ୍ତ ବୋଧ କରିଥିଲି। ମୁହଁ ତଳକୁ କରି ପଚାରିଲି "କ'ଣ କରିବୁ?"

ସେ କହିଲା, "ଏବେ କିଛି ଠିକ୍ କରି ନାହିଁ।" ସେ ଚାଲିଗଲା।

ଏହାପରେ ଏକ ବର୍ଷ ହେବ, ହଁ ଠିକ୍ ଏକ ବର୍ଷ ପରେ ଢାକାର ଗୋଟିଏ ଫୁଟବଲ୍ ମ୍ୟାଚ୍‌ରେ ଭୀଷଣ ଭାବରେ ଆଘାତ ପାଇ ଖେଳ ଶେଷ ହେବା ପୂର୍ବରୁ ମୁଁ ଯେତେବେଳେ ଖେଳପଡ଼ିଆ ସୀମାରୁ ବହିର୍ଗତ ହେଉଛି; ହଠାତ୍ ମୁଣ୍ଡ ବୁଲାଇ ପଡ଼ିଯିବା ପୂର୍ବରୁ ଯେଉଁ ଦୁଇଟି ସବଳ ବାହୁ ମୋତେ ଜାବୋଡ଼ି ଧରିଲା, ତାହା ବୀରେନ୍‌ର। ଠିକ୍ ମନେଅଛି ମୋର ମୁହଁ ଉପରେ ବୀରେନ୍‌ର ମୁହଁ ଝୁଙ୍କି ପଡ଼ିଥିଲା। ତା' ପରେ ଆଉ ମନେ ନାହିଁ, ସଂଜ୍ଞା ହରାଇଥିଲି।

ସଂଜ୍ଞା ଫେରି ପାଇବା ପରେ ଦେଖିଲି ବହୁ ଲୋକ ମୋତେ ଘେରି ରହିଛନ୍ତି ଆଉ ମୁଁ ବୀରେନ୍‌ର କୋଳରେ ମୁଣ୍ଡ ରଖି ଶୋଇଛି। ସଂଜ୍ଞାନ ହୋଇ ମୁଁ ଉଠିବାକୁ ଚେଷ୍ଟା କରୁଛି, ବୀରେନ୍ କହିଲା "ନା, ଶୋଇ ରହ।" ମୁଁ ଉଠି ନଥିଲି। ସେପରି ଶୋଇ ରହିଥିଲି। ଖେଳ ସଂଗୀମାନେ ଆସି ମୋର ଆଘାତ ପରୀକ୍ଷା କରି

Digitized by srujanika@gmail.com

କହିଲେ ସାଂଘାତିକ ଆଘାତ ହୋଇଛି ଆଉ ମୋତେ ଡାକ୍ତରଖାନା ନେବାକୁ ହେବ। ବୀରେନ୍ ସେମାନଙ୍କୁ କହିଲା, "ଏ ମୋର ଆତ୍ମୀୟ, ତେଣୁ ସେ ବ୍ୟବସ୍ଥା ମୁଁ କରିବି।" କେହି ଆଉ ଆପତ୍ତି କରିନଥିଲେ।

ଅତି ଯତ୍ନ ସହକାରେ ସେ ମୋତେ ଗାଡ଼ିରେ ଯେତେବେଳେ ତାହା ଘରକୁ ଘେନି ଆସିଲା, ସେତେବେଳେ ରାତ୍ର ୮ଟା ସମୟ ହେବ। ଗାଡ଼ିରୁ ଛୋଟ ଶିଶୁ ତୁଲ୍ୟ ସେ ମୋତେ ଅନାୟାସରେ କୋଳେଇ ନେଲା। ସେ ବଳିଷ୍ଠ ଜାଣିଥିଲି, କିନ୍ତୁ ସେ ଏତେ ବଳିଷ୍ଠ ବପୁ ବୋଲି ମୋର ଧାରଣା ନଥିଲା। ମୁଁ ଆପତ୍ତି କରି କହିଥିଲି, "ମୁଁ ଚାଲିଯାଇ ପାରିବି।" ସେ ଚିରଦିନ ତ ମିତଭାଷୀ; ଆଜି ମଧ୍ୟ ଅଳ୍ପ କଥାରେ କହିଲା, "ନା, ତୁମର ଗୋଡ଼ରେ ଆଘାତ ଲାଗିଛି।"

ବାରଣ୍ଡା ଅତିକ୍ରମ କରି ବୀରେନ୍ ମୋତେ ଗୋଟିଏ କୋଠରୀ ଭିତରକୁ ନେବା ସମୟରେ ଗୋଟିଏ ତରୁଣୀର କଣ୍ଠସ୍ୱର ଅତି ନିକଟରୁ ମୁଁ ଶୁଣିପାରିଲି।

"ଦାଦା"

ତରୁଣୀର ମୁହଁ ମୁଁ ଦେଖି ପାରୁନଥିଲି। କାରଣ ମୋର ମୁଣ୍ଡ ବୀରେନ୍‌ର କାନ୍ଧ ଉପରେ ଥିଲା। କିନ୍ତୁ ଯାହା କାନକୁ ଆସିଲା, ତାହା ଏଥିପୂର୍ବରୁ ମୁଁ କେବେ ଶୁଣିନାହିଁ। ଗୋଟିଏ ବୀଣାର ସପ୍ତ ମଧୁର ସ୍ୱର ଯେପରି ସମସ୍ୱରରେ ଝଙ୍କୃତ ହୋଇ ଉଠିଲା।

ବୀରେନ୍ ଯେତେବେଳେ ଗୋଟିଏ ଶଯ୍ୟାରେ ମୋତେ ଶାୟିତ କରିଦେଲା। ସେତେବେଳେ ଦେଖିପାରିଲି ସେହି ତରୁଣୀର ମୁଖଶ୍ରୀ। ୧୫/୧୬ ବର୍ଷୀୟା ଗୋଟିଏ ତରୁଣୀ ବିସ୍ମିତ ହୋଇ ମୋରି ଆଡ଼କୁ ଅନାଇଛି। ତାହାର ଠିଆ ହେବାର ଅପୂର୍ବ ଭଙ୍ଗୀ ଆଜି ଏହି ମୃତ୍ୟୁଦ୍ୱାର ସମ୍ମୁଖରେ ମଧ୍ୟ ମୁଁ ସ୍ପଷ୍ଟ ଦେଖିପାରୁଛି। ମୃତ୍ୟୁ ପରେ ଯଦି ଚକ୍ଷୁ ଥାଏ ଦେଖିବି।

ସେ ସୁନ୍ଦରୀ ନିଶ୍ଚୟ। କିନ୍ତୁ, ଅପରୂପ ଅପୂର୍ବ ସୁନ୍ଦରୀ। ତାହାର ବର୍ଣ୍ଣ ଉଜ୍ଜ୍ୱଳ ନୁହେଁ, ଶ୍ୟାମାଙ୍ଗୀ ବି ନୁହେଁ। ସ୍ନିଗ୍ଧ ମାର୍ଜିତ ସୁବର୍ଣ୍ଣ ଉପରେ ବିଦ୍ୟୁତର ଝଲକ ପରି ଦେହର ରଙ୍ଗ। ସେ କେବଳ ଆୟତଲୋଚନା ନୁହେଁ କି ବଡ଼ ନୁହେଁ। ଅନେକ ଆୟତଲୋଚନା ଦେଖିଛି। କିନ୍ତୁ ତା' ମଧ୍ୟରେ ବିଦ୍ୟୁତର ଆଲୋକ। ଅନ୍ୟ ଆଉ

Digitized by srujanika@gmail.com

କାହାରି ଆଖିରେ ସେପରି ଆଲୋକ ଦେଖିପାରି ନାହିଁ। ତା'ରି କଥା କହିବାକୁ ଯାଇ ବାରମ୍ବାର ବିଦ୍ୟୁତର କଥା କହୁଛି- କାରଣ ଏହି ସୁଦୂର ଦେଶାନ୍ତର ଅନ୍ଧକାର ମଧରେ ମୋର ସର୍ବସ୍ୱ ଅନ୍ଧକାର ହୋଇଯିବା ପୂର୍ବରୁ ତାହାକୁ ବିଦ୍ୟୁତ ଛଡ଼ା ଆଉ କିଛି ମନେ ହେଉନାହିଁ; ବିଦ୍ୟୁତ ସତରେ, ଯାହା ତେଜସ୍ୱିୟ ଆଲୋକଦାତ୍ରୀ- ଆଉ ନିମିଷକେ ତିମିରାନ୍ଧକାରରେ ମଗ୍ନ କରିପାରେ।

କିଛି କ୍ଷଣ ପରେ ଭୀଷଣ ଜ୍ୱର ଆସିଥିଲା। ୩/୪ ଦିନ ବେହୋସ ଅବସ୍ଥାରେ କଟିଯାଇଛି। କିଛି ମନେ ନାହିଁ। ଯେତେବେଳେ ଭଲ ଭାବରେ ଦେଖିବା ଓ ଜାଣିବାର କ୍ଷମତା ଲାଭ କଲି, ଜାଣିଲି ତାହା ପ୍ରାତଃକାଳ। ସେ ଖଣ୍ଡିଏ ବାସନ୍ତୀ ରଙ୍ଗର ଶାଢ଼ି ପିନ୍ଧି ଟେବୁଲ ପାଖରେ କ'ଣ କରୁଥିଲା ମୁଁ କଡ଼ ଲେଉଟେଇବା ଶବ୍ଦ ଶୁଣି ସେ ମୋ ଖଟ ଆଡ଼କୁ ଚାହିଁଲା। ଦେଖିଲା ମୁଁ ଦେଖୁଛି। ମୋର ସ୍ୱଷ୍ଟ ମନେହେଉଛି ତା'ର ସେହି ଅଦ୍‌ଭୂତ ଚକ୍ଷୁ ଦ୍ୱୟରେ ଅପୂର୍ବ ଆନନ୍ଦର ଆଭା ଖେଳିଯାଇଛି। ବୀରେନ୍ ଆସି ଘରେ ପହଞ୍ଚିଲା ଏବଂ ମୋତେ ଜାଗ୍ରତ ଦେଖି ପଚାରିଲା- "ଅଶାନ୍ତ କିପରି ଅଛ?" ମୁଁ କ୍ଷୀଣ କଣ୍ଠରେ କହିଲି, "ଭଲ ଅଛି।" ବୀରେନ୍ ମୁହଁ ବୁଲାଇ କହିଲା, "ଚପଳା ଅଶାନ୍ତକୁ କିଛି ଖାଇବାକୁ ଦେ।" ଚପଳା, ଚପଳା, ଯିଏ ଏହାର ନାମକରଣ କରିଥିଲା, ଭବିଷ୍ୟତ ଜୀବନଟା ସେ କ'ଣ ଦେଖି ନେଇଥିଲା କି?

ଚପଳା ଗ୍ଲାସ୍‌ରେ ଗରମ ଦୁଧ ନେଇ ଆସିଲା ଆଉ ବୀରେନ୍ ଫିଡିଂ କପ୍ କରି ମୋତେ ଆସ୍ତେ ଆସ୍ତେ ପିଆଇବାକୁ ଲାଗିଲା।

ଦୁଇ ଚାରି ଦିନ ପରେ ମୁଁ ଅନେକ ସୁସ୍ଥ ହୋଇ ପଡ଼ିଲି। ଡାକ୍ତରଙ୍କ ଔଷଧ ଗୁଣ ନା ଚପଳାର ସେବା ଯୋଗୁଁ, କହି ପାରୁନାହିଁ।

ସେଦିନ ଭାତ ପଥ୍ୟ କରିଛି। ଚପଳା ମୋତେ ଶୋଇବାକୁ ନ ଦେବା ନିମନ୍ତେ କେତେ ରକମର ଫନ୍ଦି ବାହାର ନ କରୁଛି-"ଆଚ୍ଛା ଆପଣଙ୍କ ନାମ ଅଶାନ୍ତ କିଏ ଦେଲା? ଆପଣଙ୍କ ମା'? ବଡ଼ ଦୁଷ୍ଟ ଥିଲେ ନା? ଠିକ୍ ଜାଣି ହୁଏ ଯେ! ନ ହେଲେ ଫୁଟବଲ୍ ଖେଳିବାକୁ ଆସି ଏପରି ଦୁର୍ଦ୍ଦଶା ଭୋଗ କରନ୍ତେ?"

ମୁଁ ହସି କହିଲି, "ନା ନା ମୋର ନାମ ଅଶାନ୍ତ ଦେଇ ନାହାନ୍ତି। ବରଂ ଶାନ୍ତ ହିଁ ଦେଇଛନ୍ତି। କିନ୍ତୁ ତୁମର ଦାଦା ହିଁ ମୋତେ 'ଅଶାନ୍ତ' କରି ପକାଇଛି।"

Digitized by srujanika@gmail.com

ଚପଳା କହିଲା, "ଠିକ୍ ଅଛି। ଏଇ ଅଶାନ୍ତ ହିଁ ଭଲ। ଅଶାନ୍ତ ଲୋକଙ୍କୁ ମୋତେ ବଡ଼ ଭଲ ଲାଗେ।"

ମୋର ମୁହଁ ମୁହୂର୍ତ୍ତକ ନିମନ୍ତେ ଆରକ୍ତ ହୋଇ ଉଠିଥିଲା। କିନ୍ତୁ ଚପଳା ସେ ଦିଗକୁ ଦୃଷ୍ଟି ନ ଦେଇ କହି ଚାଲିଥାଏ "ଚିର କାଳ ଶାନ୍ତ, ପାଦ ଗଣି ଗଣି ଚାଲିବ। ଚାରିଆଡ଼କୁ ନ ଭାବି କାମ କରୁନଥିବ। ଏପରି ଲୋକ ଦେଖିଲେ ମୋର ଘୃଣା ହୁଏ। ଯେଉଁ ଜିନିଷଟା ମନୁଷ୍ୟକୁ ମନୁଷ୍ୟ ବୋଲି ଗଣ୍ୟ କରେ, ସେ ଜିନିଷ ତାଙ୍କ ଭିତରେ ନଥାଏ। ସେମାନେ କାଠ, ପଥର ପରି।"

ଚପଳାର ଚକ୍ଷୁଦ୍ୱୟ ଯେପରି ଚକ୍‌ଚକ୍ କରି ଚମ୍‌କି ଉଠିଲା। ୧୫/୧୬ ବର୍ଷ ଝିଅର ତୁଣ୍ଡରେ ମୁଁ ଏପରି କଥା କେବେ ଶୁଣିନଥିଲି। ଯେପରି ମୁଁ ଅଭିଭୂତ ହୋଇ ଶୁଣୁଥିଲି।

ଚପଳା ବୋଧହୁଏ ମୋର ଏହି ଅଭିଭୂତ ଭାବଟା ଲକ୍ଷ୍ୟ କରି ନେଇଥିଲା। ତେଣୁ ସେ ପ୍ରସଙ୍ଗ ଉଦ୍ଦେଶ୍ୟରେ କହିଲା, "ଆଚ୍ଛା ଆପଣଙ୍କ ଘରେ କିଏ ସବୁ ଅଛନ୍ତି ?" ମୁଁ କହିଲି, "କେହି ନାହାନ୍ତି। ମୋ ବାପା ବହୁ ଆଗରୁ ଗଲେଣି। ଗୋଟିଏ ଦାଦା ଅଛନ୍ତି। ସେ ବର୍ମାରେ ରୁହନ୍ତି।" ଚପଳା କିଛିଟା ମନେ ମନେ କହିଥିଲା ଠିକ୍ ଆଗ ପରି। ଏପରି ସମୟରେ ବୀରେନ୍ ଖଣ୍ଡିଏ ପତ୍ର ହାତରେ ଧରି ଘରେ ପହଂଚି କହିଲା, - "ଚପଳା ମୁଁ ବୋଧହୁଏ କିଛି ଦିନ ପାଇଁ ବାହାରକୁ ଯାଉଛି।"

ଚପଳା କୌଣସି ଉତ୍ତର ଦେଇ ନଥିଲା। ମୁଁ ଅନୁସନ୍ଧିତ୍ସୁ ହୋଇ ପଚାରିଲି, "କୋଉଠିକି ଯାଉଛ ?" ବୀରେନ୍ କହିଲା - "କିଛି ଦୂର ସ୍ଥାନକୁ।" ମୁଁ ଜିଦ୍ ଧରି ପଚାରିଲି, "ତେବେ ବି ?" ବୀରେନ୍ ଶାନ୍ତ ଭାବରେ କହିଲା, "ସେ ସ୍ଥାନ ତୁମେ ଜାଣନା। ନାମ ଶୁଣିଲେ ବି ବୁଝିପାରିବ ନାହିଁ। ଆସାମ ପାଖକୁ।"

ତାହାର ଗମ୍ଭୀର ମୁହଁକୁ ଲକ୍ଷ୍ୟ କରି ମୁଁ ଆଉ କାରଣ ପଚାରିବାକୁ ସାହସ କରିନଥିଲି। କେବଳ ପଚାରିଲି, "କେବେ ଫେରିବ ?" - ପୂର୍ବବତ୍ ଶାନ୍ତ ସ୍ୱରରେ ସେ କହିଲା, "କିଛି ଠିକ୍ ନାହିଁ। ତେବେ ୧୫ଦିନ ଭିତରେ ନୁହେଁ। ତୁମେ ଭଲ ଭାବରେ ସୁସ୍ଥ ନ ହୋଇ ଯିବ ନାହିଁ। ଅନ୍ତତଃ ମୁଁ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବ।"

Digitized by srujanika@gmail.com

ବୀରେନ୍‌ର ଯିବା କଥା ଶୁଣିଲାବେଳୁ ମୁଁ ନିଜ ଯିବା କଥା ମଧ୍ୟ ଭାବୁଥିଲି ଏବଂ ଅଜ୍ଞାତରେ ଏକ ବ୍ୟଥା ଅନୁଭବ କରୁଥିଲି। ବୀରେନ୍‌ର ଅନୁପସ୍ଥିତିରେ ମୋର ଆଉ ଯେ ସେଠାରେ ରହିବା ଅନୁଚିତ ତା'ର ନିଶ୍ଚିତ କାରଣ ଚପଳା ଓ ଗୋଟିଏ ବୃଦ୍ଧା ଦାସୀ ଛଡ଼ା ଘରେ ଆଉ କେହି ନଥିଲେ। କିନ୍ତୁ ବୀରେନ୍‌ର ଶେଷ ବକ୍ତବ୍ୟରେ ମୋର ମନରୁ ଅଜ୍ଞାତ ବ୍ୟଥାଟି ଯେପରି ଯାଦୁମନ୍ତ୍ର ବିଦ୍ୟା ବଳରେ ଅପସରି ଗଲା ସେପରି ସାରା ମନଟା ତା' ପ୍ରତି ଅସୀମ ବିସ୍ମୟ ଓ ଶ୍ରଦ୍ଧାରେ ପୂରି ଉଠିଲା। ଏ ଲୋକଟା କ'ଣ ଦେବତା ? ସେପରି ନ ହେଲେ ବନ୍ଧୁ ପ୍ରତି ଏତେ ବିଶ୍ୱାସ !

ସେଦିନ ଏପରି ଭାବିଥିଲି କିନ୍ତୁ ପରେ ଅନ୍ୟ ରକମ ଭାବିଛି। ସେ ସେଦିନ ତାହାର ବନ୍ଧୁକୁ ବିଶ୍ୱାସ କରିନଥିଲା, ବିଶ୍ୱାସ କରିଥିଲା ତାହାର ଭଉଣୀକୁ।

ମନ ଭିତରେ ନାନା ରକମ ଓଲଟପାଲଟ ଭାବୁଛି, ଦେଖିଲି ବୀରେନ୍ ଘରୁ ବାହାରି ଯାଉଚି। ମୁଁ ତାକୁ ଡାକି କହିଲି "ବୀରେନ୍ ମୁଁ ବେଶ୍ ସୁସ୍ଥ ହେଲିଣି। ଏବେ ମୁଁ ମଧ୍ୟ ବାହାରିଲି।" "ପାଗଳ ! ଏବେ ମଧ୍ୟ ତୁମେ ବଡ଼ ଦୁର୍ବଳ।" କହି ସେ ବାହାରିଗଲା।

ମୁଁ ନିଜେ ଦେଖିପାରୁ ନଥିଲେ ମଧ୍ୟ ବୁଝି ପାରୁଥିଲି ଯେ ମୋର ମୁଖରେ ବିପନ୍ନ ଭାବ ସୁସ୍ପଷ୍ଟ। ଚପଳାର ଆଖି ଦୁଇଟି କୌତୁକରେ ନାଚି ଉଠୁଥିଲା। ତାହାର ଓଠ ଚାପା ହସରୁ ଏହା ମୁଁ ବେଶ୍ ବୁଝି ପାରିଥିଲି। ତା'ର ଚାପାହସ ଓ ଚାହାଣୀ ମୋ ମନରେ ବିଦ୍ୟୁତ ପ୍ରବାହ ସୃଷ୍ଟି କଲା। ମୁଁ ଅସଂଲଗ୍ନ କଥାରେ କହିଲି, "ଚପଳା ତୁମେ କ'ଣ ଚାହଁନା ଯେ ମୁଁ ଏଠାରେ ରହିଯାଏ ?" କଥାଟା କହିଦେଇ ମୁଁ ଲଜ୍ଜାରେ ମୁହ୍ୟମାନ ହୋଇଗଲି। କିନ୍ତୁ ସେ ଲଜ୍ଜା ଦ୍ୱିଗୁଣ ହୋଇଗଲା ଚପଳାର ଉତ୍ତର ଶୁଣି।

"ରୁଗ୍‌ଣ ଲୋକଙ୍କୁ କିଏ ଛାଡ଼ିଦେବାକୁ ଚାହେଁ, କୁହନ୍ତୁ ତ ?" ଚପଳା ସହଜ ଭାବରେ କହିଥିଲା।

ଉତ୍ତରଟା ମୋତେ ଚାବୁକ୍ ମାରି ସଜାଗ କରି ଦେଇଥିଲା। ମୁଁ ବୁଝିନେଲି ନିଜକୁ ବିଶ୍ୱାସ କରି ଆଉ ଏକ ମୁହୂର୍ତ୍ତ ମଧ୍ୟ ଏଠାରେ ରହିବା ଉଚିତ ହେବ ନାହିଁ। କହିଲି, "ମୁଁ ବେଶ୍ ସୁସ୍ଥ ହେଲିଣି। ତା'ଛଡ଼ା ମୋର ଘରକୁ ଯିବା ମଧ୍ୟ ନିତାନ୍ତ ଦରକାର। ତୁମ ଦାଦାଙ୍କୁ ଟିକିଏ ଡାକ ମୁଁ ବୁଝାଇ ଦେବି।"

Digitized by srujanika@gmail.com

ଚପଳା କହିଲା, "ଦାଦା ଚାଲିଗଲେଣି।"

ମୁଁ ବିସ୍ମିତ ହୋଇ କହିଲି, "ଚାଲିଗଲେଣି ? କେତେବେଳେ ?" "ଏଇ ଯେ ଟିକିଏ ଆଗରୁ। ଯାଏ ମୁଁ ଆପଣଙ୍କ ଲାଗି ନେଇ ଆସେ କ୍ଷୀର।" କହି ସେ ଚାଲିଗଲା।

ମୁଁ ନିର୍ବୋଧ ପରି ବିଛଣାରେ ବସିରହିଲି। ଏତେବଡ଼ ଘରେ ମୁଁ ଆଉ ଚପଳା। ମୋର ଭୟ ହେଲା।

ଆଜି ମୃତ୍ୟୁ ସମ୍ମୁଖରେ ଦଣ୍ଡାୟମାନ ରହି ମୁଁ ନିଜେ ନିଜକୁ ପ୍ରଶ୍ନ କରୁଛି – ଯେଉଁ ନାରୀ ମୋର ସମସ୍ତ ଜୀବନଟା ଏପରି ରସଶୂନ୍ୟ କରି ଘୃଣିତ ମୃତ୍ୟୁମୁଖରେ ଆଣି ପକାଇଦେଲା ତାହାକୁ କ'ଣ ଆଜି ମଧ୍ୟ ମୁଁ ଭଲପାଏ ? କହିପାରୁ ନାହିଁ। ମୋର ଏ ବିଦଗ୍ଧ ମନ ଏତେ ଦୁଃଖ କଷ୍ଟରେ ପଡ଼ି ମଧ୍ୟ ସ୍ପଷ୍ଟ ଭାବରେ 'ନା' ବୋଲି କହିପାରୁନାହିଁ। ବର୍ତ୍ତମାନ ଯଦି କୌଣସି ଯାଦୁମନ୍ତ୍ର ବଳରେ ଏହି ଲୌହ କାରାଗାର ବିବାହ ବାସରରେ ପରିଣତ ହୁଏ ଆଉ ସେହି ନାରୀ ଫୁଲମାଳ ନେଇ ମୋତେ ବରଣ କରିବାକୁ ଆସେ, ତେବେ କ'ଣ ମୁଁ ତାକୁ ପ୍ରତ୍ୟାଖ୍ୟାନ କରିପାରିବି ? ଏସବୁ ମୁଁ କ'ଣ ଭାବୁଛି ! ମୁଁ ପାଗଳ ହେଲି ନା କ'ଣ ? ଯାହା ଲେଖି ବସିଛି ତାହା ଯେ ଶେଷ କରିବାକୁ ହେବ। ପାଗଳାମି ଚଳିବ ନାହିଁ।

ହଁ, ବୀରେନ୍ ସେ ଦିନ ଚାଲିଗଲା। ସେ ଯିବାର ୩/୪ ଦିନ ପରେ ଚପଳା ଖଣ୍ଡିଏ ଖବରକାଗଜ ମୋର ହାତରେ ଦେଇ କହିଲା ମୋର ପଢ଼ିବେ ନାହିଁ ନାହିଁ ପଢ଼ିବେ-।"

ଏ ସମୟଟା ସ୍ୱଦେଶୀ ସଂଗ୍ରାମ ସମୟ। ସମସ୍ତ ବଙ୍ଗ ସେତେବେଳେ ଏକ ଉନ୍ମାଦନାରେ ପାଗଳ। ଦୁଇ ଚାରିଟା ବୋମା ଫିଙ୍ଗା କେଶ୍‌ର ବିବରଣୀ ସେ ସମ୍ବାଦପତ୍ରରେ ସ୍ଥାନ ପାଇଥିଲା। ମୁଁ କାଗଜ ଉପରେ ଆଖି ବୁଲାଇ ଦେଖିଲି ଚପଳା ଗୋଟିଏ ଚୌକିରେ ମୌନ ହୋଇ ବସିଛି। ମୁହଁ ଉପରକୁ ଉଠାଇ କହିଲା, "ଏମାନେ ମନୁଷ୍ୟ। କ'ଣ କହୁଛନ୍ତି ?" ମୁଁ ଆଉ କହନ୍ତି କ'ଣ ? ଚୁପ୍ ହୋଇ ରହିଲି। ଚପଳା କିଛି କ୍ଷଣ ନୀରବ ରହି ପୁଣି କହିଲା, "ଆଚ୍ଛା ଆପଣ କ'ଣ ଭାବୁଛନ୍ତି ଏମାନେ ଭୁଲ୍ କରୁଛନ୍ତି ?" ମୁଁ କ'ଣ ଉତ୍ତର ଦେବି ଚିନ୍ତା

Digitized by srujanika@gmail.com

କରିପାରି ନଥିଲି। ତେଣୁ କୌଣସି ପ୍ରକାରେ କହିଲି - "ହଁ ଭୁଲ୍ ବୋଲି ଅବା କିପରି କହିବ।"

ଚପଳା ମୋ କଥାରେ କର୍ଣ୍ଣପାତ ନ କରି ନିଜେ ହିଁ କହି ଚାଲିଲା। "ହୁଏତ ଭୁଲ୍ କରୁଛନ୍ତି। ହୁଏତ ଭୁଲ୍ କରୁନାହାନ୍ତି। ସେ ଯାହା ହେଉ ସେମାନେ କାମ କରୁଛନ୍ତି। ସେମାନେ ଚୁପ୍ ହୋଇ ବସିନାହାନ୍ତି। ଯଦି ଭୁଲ୍ ହିଁ କରୁଥାନ୍ତି ତା'ହେଲେ ବି ଭୁଲ୍ କାମ କରି ଯଥାର୍ଥ କାମର ରାସ୍ତା ତ ତିଆରି କରୁଛନ୍ତି।"

ମୁଁ ବିସ୍ମିତ ହୋଇ ଶୁଣୁଥିଲି ଓ ଭାବୁଥିଲି ଏହି ୧୫/୧୬ ବର୍ଷର କିଶୋରୀ କ'ଣ ଏସବୁ କହୁଛି !

ମୋର ବିସ୍ମୟ ଭାବ ଦେଖି ଚପଳା ଟିକିଏ ହସି କହିଲା, "ଆପଣଙ୍କ ନାମ ଅଶାନ୍ତ ହେଲେ ବି ଆପଣଙ୍କ ଭିତରଟା ବଡ଼ ଶାନ୍ତ। ନୁହେଁ ?" ମୁଁ ଲଜ୍ଜିତ ହୋଇ କହିଥିଲି, "କାହିଁକି କୁହ ତ ?"

ଚପଳାର ଓଠରେ ସେତେବେଳେ ବି ହସର କ୍ଷୀଣ ରେଖା ପ୍ରଭାତର ପ୍ରଥମ କିରଣ ପରି ଲାଖି ରହିଥିଲା। ସେ କହିଲା, "ହଁ ଏପରି ମୋର ମନେହୁଏ।" ତା' ଓଠରେ ଆବେଗମୟ ମୃଦୁ ହସ। ମୁଖର ଅନୁପମ ସୌନ୍ଦର୍ଯ୍ୟ। ଚକ୍ଷୁ ଦ୍ୱୟର ଅନୁପମ ସୌନ୍ଦର୍ଯ୍ୟ ମୋ ମନରେ ଝଞ୍ଜା ସୃଷ୍ଟି କରିଥିଲା। ମୁଁ ମୁଗ୍ଧ ହୋଇ ଦେଖୁଥିଲି। ହଠାତ୍ ମୋ ମୁହଁରୁ ମୋ ମନର କଥା ଅସ୍ପଷ୍ଟ ସ୍ୱରରେ ବାହାରି ପଡ଼ିଲା, "ଚପଳା ତୁମେ ବଡ଼ ସୁନ୍ଦର।"

କ୍ଷୀଣ ଏକ ମୃଦୁ କମ୍ପନ ତାହାର ସମସ୍ତ ଶରୀରକୁ ଆଲୋଡ଼ିତ କରିଦେଲା। ଗୋଲାପୀ ରଙ୍ଗର ଆଭା କପୋଳରେ ଉକୁଟି ଉଠୁ ନ ଉଠୁଣୁ ମିଳାଇଗଲା। ଅଳ୍ପ ଟିକିଏ ପରେ ସେ ସାଧାରଣ ସ୍ୱରରେ କହିଲା, "ଲୋକେ ତାହା ହିଁ କୁହନ୍ତି।" ତା'ପରେ ଚେୟାର ଛାଡ଼ି ଗୃହାନ୍ତରେ ଚାଲିଗଲା।

ତା'ର ଅନୁପସ୍ଥିତିରେ ମୋର ଆବେଗ ଲୁପ୍ତ ହୋଇ ମନଟା ଜାଗ୍ରତ ହେଲା। ମୋର ମୁଖମଣ୍ଡଳ ପ୍ରଥମେ ଲଜ୍ଜାରେ, ତା'ପରେ ନିଜ ପ୍ରତି ଭୟଙ୍କର ଘୃଣାରେ କଳା ପଡ଼ିଗଲା। ମନେ ମନେ ଭାବିଲି, ନା ଆଉ ନୁହେଁ। ଆଜି ହିଁ ଶେଷ। ଆଜି ହିଁ ମୋତେ ଏ ଘର ଛାଡ଼ିବାକୁ ପଡ଼ିବ - ମୁଁ ଠିକ୍ ଜାଣୁଥିଲି ଘୃଣାରେ

Digitized by srujanika@gmail.com

ଚପଳା ଆଜି ଆଉ ମୋ ସମ୍ମୁଖକୁ ଆସିବ ନାହିଁ। ତେଣୁ ମୋତେ ନିଜେ ଯାଇ ମୋର ବିଦାୟ ସମ୍ବାଦଟା ଦେଇ ଆସିବାକୁ ହେବ।

ଯାହା ଭାବିଥିଲି ତାହା ହୋଇ ନଥିଲା। ପ୍ରାୟ ଅଧ ଘଣ୍ଟା ପରେ ଚପଳା ଆସି ପୂର୍ବ ଚେୟାର୍ ଉପରେ ବସିପଡ଼ିଲା ଆଉ ମୋ ମୁହଁକୁ ସ୍ଥିର ଦୃଷ୍ଟିପାତ କରି କହିଲା, "କ'ଣ ଭାବୁଛନ୍ତି ?" ମୁଁ ଯଥା ସମ୍ଭବ ସ୍ୱାଭାବିକ ଭାବରେ କହିଲି 'ସେପରି କିଛି ନୁହେଁ।'

ଚପଳା ଖିଲି ଖିଲି ହସି ଉଠିଲା। ସେ ହସ ନୁହେଁ ଯେପରି ଗୋଟିଏ ପ୍ରାଣ ମତାଣିଆ ଗୀତ। ଯେପରି ରୌପ୍ୟ ପିଆଲାରେ ସ୍ୱର୍ଣ୍ଣ କାଠି ଆଘାତର ଶବ୍ଦ।

ସେ ହସି ହସି କହିଲା, ସେପରି କିଛି ନୁହେଁ। କହୁଛନ୍ତି ସିନା କିନ୍ତୁ ମୁଁ ଜାଣେ ବେଶ୍ କିଛି। କ'ଣ ଭାବୁଛନ୍ତି କହିବି ?

ମୁଁ ଶଙ୍କିତ ଭାବରେ କହିଲି କ'ଣ ?

ସେ ପୁଣିଥରେ ହସର ଜୁଆର ଖେଳାଇ କହିଲା, "ଭାବୁଛନ୍ତି ବଡ଼ ଅନ୍ୟାୟ ହେଲା। ଆଜି ହିଁ ଚାଲିଯିବି କିପରି, ଏହା ନା। ତା' କିନ୍ତୁ ହେବ ନାହିଁ। ଯିବା କଥା ସେ ଦାଦା ଆସିବା ପରେ।" ତା'ପରେ ଗମ୍ଭୀର ହୋଇ କହିଲା, "ଆଉ ଅନ୍ୟାୟ ବା କ'ଣ ହେଲା କୁହନ୍ତୁ ତ ? ସୁନ୍ଦରକୁ ସୁନ୍ଦର ବୋଲି କହିପାରିବେ ନାହିଁ। ଫୁଲ, ପକ୍ଷୀ ଏମାନଙ୍କୁ କହିବାବେଳେ କିଛି ଦୋଷ ହୁଏ ନାହିଁ, ମନୁଷ୍ୟକୁ କହିବାବେଳେ ଯେତେ ସବୁ ଦୋଷ ?"

ମୋର ମନର ଅବସ୍ଥା ବର୍ଣ୍ଣନା କରିବା ଚେଷ୍ଟା ନ କରିବା ହିଁ ଭଲ। ଟିକିଏ ପରେ ପୁଣି କହିଲା, "ଦେଖନ୍ତୁ ଏହି ଯେ ରାସ୍ତା। ଆମ ଘର ସାମ୍ନା ଦେଇ ଯାଇଛି। ଏହା ବେଶ୍ ନିର୍ଜନ। ଆମେ ସନ୍ଧ୍ୟାବେଳେ ସେ ରାସ୍ତା ଦେଇ ଟିକିଏ ବୁଲି ଆସିବା। କ'ଣ କହୁଛନ୍ତି ? ଆପଣଙ୍କର ଟିକିଏ ଚାଲିବା, ବୁଲିବା ଦରକାର ହେଲାଣି। ଯାଏ ଆପଣଙ୍କ କ୍ଷୀର ଗରମ ହେଲା କି ନା ଦେଖେଁ।"

ସେ ଚାଲିଗଲା।

ମୁଁ ସ୍ତମ୍ଭିତ ହୋଇ ଭାବିବାକୁ ଲାଗିଲି ସେ ଅଦ୍ଭୁତ କିଶୋରୀର କଥା। ସେ କ'ଣ ମାୟାବିନୀ - କୁହୁକ ଜାଣେ ?

Digitized by srujanika@gmail.com

ସେଦିନର କଥାଟା ସ୍ପଷ୍ଟ ମନେଅଛି। ସେଦିନଟି ସେଠାକାର ଶେଷ ଦିନ କି ନା।

ରାସ୍ତାରେ ବାହାରି ଅନେକ ଦୂରକୁ ଚାଲି ଯାଇଥିଲୁଁ। ଚପଳା ମଧ୍ୟ ପାଖେ ପାଖେ ଚାଲୁଥିଲା। ଅନେକ ସମୟ ନିଃଶବ୍ଦ ଭାବରେ କଟିଗଲା। ଚପଳା ନିସ୍ତବ୍ଧତା ଭଙ୍ଗ କରି କହିଲା, "ଚାଲନ୍ତୁ ଫେରିବା। ଆପଣ ବୋଧହୁଏ କ୍ଳାନ୍ତ ହୋଇ ପଡ଼ିଛନ୍ତି।"

ମୁଁ କହିଲି, "ନା କ୍ଳାନ୍ତ ହୋଇନି। ଚାଲ ଆଉ ଟିକିଏ ଆଗକୁ ଯିବା।" ଚପଳା ବ୍ୟସ୍ତ ଭାବରେ କହିଲା, "ନା, ନା ଅଧିକ ଚାଲିବା ଆପଣଙ୍କ ଉଚିତ ନହେଁ ଚାଲନ୍ତୁ ଫେରିବା।"

ମୁଁ ହସି କହିଲି, "ଆଚ୍ଛା ହେଉ ଚାଲ ଫେରିବା। ମୋର ସୁସ୍ଥତା ବିଷୟରେ ଦେଖୁଛି ତୁମ ଦାବୀଟା ସବୁଠାରୁ ଅଧିକ।"

ଚପଳାର ଚିବୁକ, କପୋଳ ସମସ୍ତ ଆରକ୍ତ ହୋଇଗଲା। ସେ କିନ୍ତୁ ଯଥା ସମ୍ଭବ ସ୍ୱାଭାବିକ ଭାବରେ କହିଲା, "ଆପଣ ଦାଦାଙ୍କର ଅସୁସ୍ଥ ବନ୍ଧୁ କି ନା?"

ଆଜି କିନ୍ତୁ ଏ କଥାଟା ମୋତେ ନିତାନ୍ତ ଲଜ୍ଜିତ କରିପାରିନଥିଲା। ଆଜି ଯେପରି ମୋର ସମସ୍ତ କଥା କହିବାର ଦିନ। ଆଜି ମୋର ସାହସ ଦୁର୍ଜୟ। ମୁଁ କହିଲି, "ଖାଲି ବନ୍ଧୁତ୍ୱର ଖାତିରରେ କି?" କଥାଟା ଶେଷ କରିବା ପୂର୍ବରୁ ଚପଳା ବାଧା ଦେଇ କହି ଉଠିଲା, "ଏ ଦେଖ ମେଘ ମାଡ଼ି ଆସିଲାଣି - ଚାଲନ୍ତୁ ଚାଲନ୍ତୁ ଚଞ୍ଚଳ ଫେରିଯିବା।"

ସେଦିନ ସେହି ବର୍ଷଣମୁଖର ସନ୍ଧ୍ୟା ମଧ୍ୟ ମୋ ମନରେ ସ୍ୱପ୍ନମୟ ରଙ୍ଗୀନ୍ ବସନ୍ତର ସନ୍ଧ୍ୟା ବୋଲି ମନେହେଲା। ଶ୍ରାବଣର ଆର୍ଦ୍ର ବାୟୁରେ ମଧ୍ୟ କିପରି ଏକ ମାଦକତା ଅନୁଭବ କରିଥିଲି। ଆଜି ସମସ୍ତ ପ୍ରକୃତି ଯେପରି ମାଦକତାରେ ଆଚ୍ଛନ୍ନ। ଶିରା ଉପଶିରାର ପ୍ରତ୍ୟେକ ରକ୍ତ ବିନ୍ଦୁ ଯେପରି ହୃଦୟ ଦ୍ୱାରରେ ଆଘାତ କରି କହୁଛି ପାଇଛି। ପାଇଛି।

ଭାବାଚ୍ଛନ୍ନ ହୋଇ ଘରକୁ ଫେରିଲି। ରାତ୍ର ଭୋଜନ ସମୟରେ ଦେଖିଲି ଚପଳା ମଧ୍ୟ ଯେପରି ଏକ ମଧୁର ମୋହରେ ଆଚ୍ଛନ୍ନ ରହିଛି। ତାହାର ଆଖିରେ ମଧ୍ୟ ଯେପରି ଗୋଲାପୀ ନିଶାର ଆମେଜ୍। କି ସୁନ୍ଦର ସଲଜ୍ଜ ମୁଗ୍ଧ ଦୃଷ୍ଟି!

Digitized by srujanika@gmail.com

ହାୟ ମୋର ଏଇ ସୁଖ ଯଦି ଦିନକ ପାଇଁ ସୁଦ୍ଧା ସ୍ଥାୟୀ ହୋଇଥାନ୍ତା ! ଚିରଦିନ ଚାହୁଁନାହିଁ। ସେ ଦିନକ ପାଇଁ ମୁଁ ଚିରଜୀବନ ବିନିମୟ କରିପାରନ୍ତି। କିନ୍ତୁ ନୁହେଁ; ଗୋଟିଏ ସମ୍ପୂର୍ଣ୍ଣ ଦିନ ମଧ୍ୟ ନୁହେଁ। ପ୍ରାତଃ ପୂର୍ବରୁ ମୋର ସେହି ସୁଖସ୍ୱପ୍ନ ଭାଙ୍ଗି ଯାଇଥିଲା।

ରାତ୍ର ୧ ୨ କିମ୍ବା ଗୋଟାଏ ହେବ। ମୋହାଚ୍ଛନ୍ନ ଆବେଶରେ ନିଦ୍ରିତ ଥିଲି। ହଠାତ୍ କ'ଣ ଗୋଟିଏ ଶବ୍ଦରେ ନିଦ ଭାଙ୍ଗିଗଲା। ମୋର ଘର ଓ ଚପଳା ଘର ମଝିରେ ଯେଉଁ ଛୋଟ ଝରକାଟି ଥିଲା ତାହା ଅଳ୍ପ ଟିକିଏ ଖୋଲା ଥିଲା। ସେ ଝରକା ଦେଇ ଦେଖିଲି ଚପଳାର ଘରେ ଆଲୋକ ଜଳୁଛି। ଚପଳା କାହା ସହିତ ଫିସ୍ ଫିସ୍ କଥା ହେଉଛି। ଯାହା ସହିତ କଥାବାର୍ତ୍ତା ହେଉଥିଲା, ତାହା ମୋର କାନକୁ ଗଲା। ସେ ସ୍ୱର ଯେ ପୁରୁଷର। ଗୋଟିଏ ଝଟ୍‌କା ଖାଇ ଯେପରି ମୋର ମୋହ ତୁଟିଗଲା। ଉଠି ବସିଲି। ଶିଷ୍ଟାଚାର ଭୁଲି ସନ୍ତର୍ପଣରେ ଚୋର ପରି ଝରକା ପାଖକୁ ଆସି ଠିଆ ହେଲି। ଦେଖିଲି ଗୋଟିଏ ତରୁଣ ଯୁବକ ୧୮/୧୯ ବର୍ଷ ବୟସ ହେବ। ଚପଳାର ବିଛଣାରେ ବସିଛି। ଚପଳା ତା' ସମ୍ମୁଖରେ ଦଣ୍ଡାୟମାନ। ଆଉ ଦେଖି ପାରିନଥିଲି। ମୋ ବିଛଣାକୁ ଆସି ଶୋଇ ପଡ଼ିଥିଲି। ସେହି ପୁରାତନ ଉପମାଟା ମନେ ପଡ଼ିଥିଲା। 'ପୁଷ୍ପେ କୀଟ'।

ଆଚ୍ଛନ୍ନ ପରି ପଡ଼ି ରହିଲି। ସମସ୍ତ ଚେତନା ଯେପରି ଲୁପ୍ତ। ପାଖ ଘରର କଥାବାର୍ତ୍ତା ଆଉ କାନକୁ ଶୁଭୁ ନଥିଲା। ଅସହ୍ୟ ଏକ ଯନ୍ତ୍ରଣା ସମସ୍ତ ବୁକୁକୁ ଯେପରି ଭାଙ୍ଗି ପକାଉଥିଲା।

ଏପରି ଭାବରେ କେତେ କ୍ଷଣ ପଡ଼ି ରହିଥିଲି ଜାଣେନା। ଦ୍ୱାର ଦେଶରେ ମୃଦୁ କରାଘାତ ଯୋଗୁଁ ଚେତନା ଫେରି ଆସିଥିଲା। ଉଠିବସି ପଚାରିଲି କିଏ ? ଉତ୍ତର ଆସିଲା - "ମୁଁ ଚପଳା। ଦୁଆରଟା ଖୋଲନ୍ତୁ ତ।"

କ'ଣ ଗୋଟିଏ ଯେପରି ଫେରି ପାଇବା ଉଦ୍ଦେଶ୍ୟରେ ସଙ୍ଗେ ସଙ୍ଗେ କବାଟ ଖୋଲିଲି। ଦେଖିଲି ଚପଳା ଆଲୁଅ ନେଇ ଠିଆ ହୋଇଛି। ସେହି ଅତୁଲ୍ୟ ସୌନ୍ଦର୍ଯ୍ୟ, ସେହି ଅତୁଳନୀୟ ଦୃଷ୍ଟି।

"ମୋ ଘରକୁ ଆସନ୍ତୁ।" କହି ସେ ଆଲୁଅ ହସ୍ତରେ ଅଗ୍ରସର ହେଲା। ମୁଁ ମନ୍ତ୍ରମୁଗ୍ଧ ପରି ତା'ର ପଶ୍ଚାତ୍ ଗମନ କଲି। ହଠାତ୍ ମନେହେଲା ଏ କ'ଣ

Digitized by srujanika@gmail.com

କରୁଛି ? ଏହି ଗଭୀର ରାତ୍ରରେ ଜଣେ ନାରୀର ଶୟନ କକ୍ଷକୁ ଯାଉଛି । ଯେଉଁ ନାରୀର ଦୁଷ୍କୃତି ଇତିହାସର ଏକ ପୃଷ୍ଠା ଏଇ ମାତ୍ର ସ୍ୱ ଚକ୍ଷୁରେ ଦେଖିଛି । ଭାବୁଛି ଫେରିଯିବି, କିନ୍ତୁ ସେତେବେଳକୁ ଚପଳାର ଶୟନ କକ୍ଷକୁ ପ୍ରବେଶ କରିସାରିଲିଣି ।

ଟେବୁଲର ଗୋଟିଏ କୋଣକୁ ଆଲୁଅଟି ରଖିଦେଇ ଚପଳା ଆନତ ମୁଖରେ ଠିଆ ହେଲା । ମୁଁ ମଧ୍ୟ ବିପରୀତ ପାଖରେ ଠିଆହୋଇ ତୀକ୍ଷ୍ଣ ଦୃଷ୍ଟିରେ ତାରି ଆଡ଼କୁ ଅନାଇଲି । ମିନିଟିଏ ଦୁଇ ମିନିଟ କରି ପ୍ରାୟ ୫ ମିନିଟ୍ ନିଃଶବ୍ଦରେ ଉତ୍ତୀର୍ଣ୍ଣ ହେଲା ।

ମୁଁ ଅଧୈର୍ଯ୍ୟ ହୋଇ ପଚାରିଲି, "ମୋତେ ଏଠାକୁ ଡାକିଲ କାହିଁକି ?" କିଛି ସମୟ ସେ କଥା କହିନଥିଲା । ତା'ପରେ ନତ ଶୀର ହୋଇ ଖୁବ୍ ଧୀରେଧୀରେ କହିଲା, "ଆପଣ ମୋତେ ଭଲ ପାଆନ୍ତି ?"

ଅନ୍ୟ ସମୟ ହୋଇଥିଲେ ଏ ଅବସ୍ଥାରେ କି ଉତ୍ତର ଦେଇଥାନ୍ତି କେଜାଣି । କିନ୍ତୁ ଇତି ପୂର୍ବରୁ ମୁଁ ବଡ଼ ଆଘାତ ପ୍ରାପ୍ତ ହୋଇଥିଲି । "ନା, କେବେ ନୁହେଁ ।"

ମୋ କଥାରେ ଚପଳା ମୁହଁ ଉଠାଇ ମୋତେ ଚାହିଁଲା । ତା'ର ଆଖି ଦୁଇଟି ବିସ୍ମୟପୂର୍ଣ୍ଣ ହୋଇ ଉଠିଥିଲା । ସେ ଏପରି ଏକ ଉତ୍ତର ମୋଠାରୁ କେବେ ଆଶା କରିନଥିଲା । ତା'ର ଆଖି ଦୁଇଟି ହଠାତ୍ ତୀକ୍ଷ୍ଣଧାର ଛୁରିକା ପରି ଚକ୍ ଚକ୍ କଲା । ସେ ଘରର ଇତସ୍ତତଃ ଚାହିଁବା ମାତ୍ରେ ତା'ର ଦୃଷ୍ଟି ନିବଦ୍ଧ ହେଲା ସେହି ଅର୍ଦ୍ଧୋନ୍ମୁକ୍ତ ଝରକା ଉପରେ । କିଛି କ୍ଷଣ ତେଣିକି ସ୍ଥିର ଦୃଷ୍ଟିରେ ଚାହିଁ ଈଷତ୍ ହସି କଟାକ୍ଷ ହାଣି କହିଲା ସେ ମୋର ଦାଦା ।

ମୁଁ ବିସ୍ମିତ ହୋଇ ପଚାରିଲି, "ଦାଦା - କିଏ ବୀରେନ୍ ?" "ନା ତା'ଠୁ ଛୋଟ ଧୀରେନ୍ ।" "କାହିଁ ମୁଁ ତ ତାକୁ କେବେ... ।" "ନା ଦେଖି ନାହାନ୍ତି । ସବୁ କହୁଛି । କିନ୍ତୁ ତା' ପୂର୍ବରୁ ମୋର ପ୍ରଥମ ପ୍ରଶ୍ନର ଉତ୍ତର ଦିଅନ୍ତୁ ।"

ଯେଉଁ ମୋହମୟ ଆବେଗଟା ମୋ'ଠାରୁ ଦୂରେଇ ଯାଇଥିଲା ପୁଣି ମୋତେ ଜାବୁଡ଼ି ଧରିଲା । ମୁଁ କହିଲି "ତୁମର ଅନୁମାନ ଠିକ୍ ।"

କ୍ଷୀଣ ସ୍ମିତହାସ ଚପଳାର ଓଠରେ ଦେଖା ନ ଦେଉଣୁ ମିଳାଇଗଲା ପୁଣି । ନତମସ୍ତକ ହୋଇ କହିଲା- "ମୋର ହୃଦୟର କ୍ଥା ନ କହିଲେ ବି ବୁଝି ପାରୁଛନ୍ତି ବୋଧହୁଏ ।"

Digitized by srujanika@gmail.com

ସେଦିନ ଏଇ କଥା ପଦକରେ ମୋର ଶରୀରରେ ଅପୂର୍ବ ଶିହରଣ ଖେଳି ଯାଇଥିଲା। ଯେପରି ମୁଁ କୁହୁକ ମନ୍ତ୍ରରେ ମୁଗ୍ଧ।

ଆଜି ମନେହେଉଛି କୁମାରୀମାନଙ୍କ ପ୍ରଥମ ପ୍ରଣୟ ପ୍ରକାଶ ଭଙ୍ଗୀଟା ତାଦୃଶ ନୁହେଁ। ତାହାର କଣ୍ଠସ୍ୱର ଏତେ ସତେଜ ସ୍ପଷ୍ଟ ହେବା ଯେପରି କିଛି ଅନ୍ୟ ରକମ ! ସେ କଥା ଥାଉ। ଉଭୟେ ସ୍ଥାନ, କାଳ ଭୁଲି ଅନ୍ତରର ଗଭୀର ରାଜ୍ୟରେ ପ୍ରବେଶ କରିଥିଲୁ।

ପାଞ୍ଚ ମିନିଟ୍ ପରେ ଚପଳା କହିଲା, "ଆମେ ଯେଉଁ ଶ୍ରେଣୀୟ ବ୍ରାହ୍ମଣ, ସେଠାରେ କନ୍ୟାପଣ ଦେବାକୁ ହୁଏ ଜାଣନ୍ତି ତ ?"

ମୁଁ ଆଶ୍ଚର୍ଯ୍ୟ ହୋଇ କହିଲି - "ହଁ ଜାଣେ। କ'ଣ ହେଲା ?" ସେ କହିଲା "ମୋର ମଧ୍ୟ ଗୋଟିଏ ପଣ ଅଛି। ସେ ପଣ ଆପଣଙ୍କୁ ଦେବାକୁ ହେବ।"

ମୁଁ ବିସ୍ମିତ ହୋଇ କହିଲି, "କ'ଣ ସେ ପଣ ?"

ଚପଳା ମୋର ଆଖି ଉପରେ ଦୃଷ୍ଟି ସ୍ଥିର ରଖି କହିଲା, "କହୁଛି। କିନ୍ତୁ ତା' ପୂର୍ବରୁ ଆପଣଙ୍କୁ ପ୍ରତିଜ୍ଞା କରିବାକୁ ହେବ ଯେ, ତାହା ଆପଣ ଜୀବନ (ପଣ) ବିନିମୟରେ ହେଲେ ମଧ୍ୟ ଦେବେ।"

ମୁଁ କୌଣସି କଥା କହିପାରୁନଥିଲି। ମୋଠାରୁ ସେ କିପରି ପଣ ଚାହେଁ ଯେ ତା' ପୂର୍ବରୁ ମୋତେ ପ୍ରତିଜ୍ଞାବଦ୍ଧ କରାଇ ନେଉଛି। ମୁଣ୍ଡଟା ଯେପରି ଗୋଳମାଳ ହୋଇ ଯାଉଥିଲା।

ଏପରି ସମୟରେ ଚପଳା ମୋର ଖୁବ୍ ନିକଟକୁ ଘୁଞ୍ଚି ଆସି ମୋର ଗୋଟିଏ ହାତ ଧରି କହିଲା, "ଭୟ ହେଉଛି ? ଛି ! ତୁମେ ଅଶାନ୍ତ ନା !"

ଏହା ତାହାର ପ୍ରଥମ ସ୍ପର୍ଶ। ସେ ସ୍ପର୍ଶ ମୋର ଶରୀରରେ ବିଦ୍ୟୁତ୍ ପ୍ରବାହ ଭରିଦେଲା। ମୁଁ ଯନ୍ତ୍ରଚାଳିତ ପରି କହିଲି, "ଭୟ କାହିଁକି ? ଏଇ ମୁଁ ପ୍ରତିଜ୍ଞା କଲି।"

ମୁଁ ମଧ୍ୟ ତତ୍‌କ୍ଷଣାତ୍ କହିଲି, "ଈଶ୍ୱର ସାକ୍ଷୀ, ପ୍ରତିଜ୍ଞା କଲି।" ଚପଳା ସେ ଘର କୋଣରେ ଥିବା ଏକ ଛୋଟ ଆଲମାରୀରୁ କ'ଣ ଗୋଟିଏ ବାହାର କରି ଆଣିଲା ଆଉ ମୋ ଆଗରେ ଧରି କହିଲା, "ଏଇଟା କ'ଣ ଜାଣ ତ ?"

କି ସର୍ବନାଶ ! ଗୋଟାଏ ପିସ୍ତଲ୍।

Digitized by srujanika@gmail.com

ମୁଁ କମ୍ପିତ ଗଳାରେ କହିଲି, "ଏଇଟା କ'ଣ ହେବ ?"

ଚପଳା ଦୃଢ଼ତାର ସହିତ କହିଲା, "ଏଇଟା ତୁମକୁ ବ୍ୟବହାର କରିବାକୁ ହେବ।" ମୁଁ ପ୍ରାୟ ଚିତ୍କାର କରି କହିଲି, "ମୋତେ ?"

ଚପଳା ଠିକ୍ ସେପରି ପ୍ରଶାନ୍ତ ଭାବରେ କହିଲା, "ତୁମକୁ। ଏହା ଚଳାଇ ଜାଣ ତ ? ଏଇ ଦେଖ ଏପରି ଭାବରେ ଚଳାଇବାକୁ ହୁଏ।"

ସେ ଘୋଡ଼ା ଟିପି ଚଳାଇବାର କୌଶଳ ଦେଖାଇଦେଲା। ତା'ପରେ ମୋର ହାତ ଧରି ଖଟ ଉପରେ ବସାଇ ସେ ନିଜେ ପାଖରେ ବସିଲା। ଅଭିଭୂତ ହୋଇ ବସି ରହିଲି। ଚପଳା କହିଲା, "ସବୁ ଶୁଣ। ଆଜିକାଲି ଯେଉଁମାନେ ବୋମା ମାଡ଼ କରୁଛନ୍ତି, ସେମାନଙ୍କ ଭିତରେ ମୋର ଦୁଇଟାଯାକ ଭାଇ ଅଛନ୍ତି। ଦାଦା ଆସାମର ଛୋଟ ଲାଟକୁ ଖୁନ୍ କରିବାକୁ ଯାଇଥିଲେ; ଧରା ପଡ଼ିଛନ୍ତି। ତୁମକୁ ସେ କାମ କରିବାକୁ ହେବ। ଗୋଟିଏ ସୈନ୍ୟ ମୃତ୍ୟୁବରଣ କଲେ ସେ ସ୍ଥାନରେ ଆଉ ଜଣେ ସୈନ୍ୟ ଠିଆ ହୁଏ। ଏହା ହିଁ ଲଢ଼େଇର ନିୟମ। ଛୋଟ ଦାଦା ଏହାଠାରୁ ଆହୁରି ଅଧିକ ପ୍ରୟୋଜନୀୟ କାମରେ ଲିପ୍ତ ଅଛି। ତା'ର ଜୀବନ ମଧ୍ୟ ସୂତା ଖିଅରେ ସଂଲଗ୍ନ ଅଛି। ତେଣୁ ତୁମର ଆବଶ୍ୟକତା ପଡୁଛି।"

ଶୁଣିବା ଭିତରେ ଦୁଇ ତିନି ଥର ଶିହରି ଉଠିଲି। ଓଃ କି ଭୟାନକ ! ! ମୋତେ ମଧ୍ୟ ଏ ଭିତରେ ଯିବାକୁ ହେବ ପିସ୍ତଲ ହାତରେ ଖୁନ୍ କରିବାକୁ ? ମୁଣ୍ଡ ଗୋଳମାଳ ହୋଇଗଲା। ଆଉ ଯେପରି କିଛି ଚିନ୍ତା କରିପାରୁ ନଥିଲି। କେବଳ ମେରୁଦଣ୍ଡ ଭିତର ଦେଇ କ'ଣ ଗୋଟିଏ ଶିରଶିରେଇ ଚଢ଼ା ଉତୁରା କରୁଥିଲା। ଚପଳା ମୋ ହାତରେ ପିସ୍ତଲଟା ଦେଇ ତାହାର ସୁନ୍ଦର ବାହୁବେଷ୍ଟନୀ ମଧ୍ୟରେ ମୋତେ ଜାବୋଡ଼ି ଧରି କହିଲା, "ଯାଅ ଭୟ କ'ଣ, ତୁମେ ଅଶାନ୍ତ। ଆଜି ସତରେ ଅଶାନ୍ତ ହୋଇଉଠ। ଉଦ୍ଦାମ ଝଡ଼ ବେଗରେ ବାହାରିପଡ଼। ଗଲେ ଯିବ ଜୀବନ, ଜୀବନ କେତେ ଦିନର ? ସେହି ପ୍ରାଣର ମାୟା ହେଉଛି ଯାହା ପ୍ରତ୍ୟହ ବୁଟ୍ ଜୋତା ତଳେ ନିଷ୍ପେଷିତ ହେଉଛି ? ବଞ୍ଚିବାକୁ ଯଦି ହେବ ତେବେ ମନୁଷ୍ୟ ପରି। ଆଉ ମରିବାକୁ ଯଦି ହୁଏ ତାହା ବି ମନୁଷ୍ୟ ପରି, ବୀର ପରି। ଆମର ମିଳନ ହେବ ମନୁଷ୍ୟ ସଙ୍ଗରେ, ପଶୁ ସହିତ ନୁହେଁ। ଇଂରେଜର ଫାଶୀଖୁଣ୍ଟରେ

Digitized by srujanika@gmail.com

ଯଦି ତୁମର ଜୀବନ ଯାଏ, ତେବେ ଆରପାରିରେ ଅପେକ୍ଷା କର। ମୁଁ ବି ଫାଶୀଖୁଣ୍ଟରେ ଜୀବନ ଦେଇ ତୁମ ପାଖକୁ ଯିବି। ଯେଉଁ ଦଉଡ଼ି ତୁମ ଗଳା ଆଲିଙ୍ଗନ କରିବ ସେ ଦଉଡ଼ି ମୋର ଗଳାର ହାର ହେବ। ଯାଅ ପ୍ରିୟତମ। କ'ଣ ଈଶ୍ୱରଙ୍କ ଇଚ୍ଛା ଜାଣେନା। ହୁଏତ ଏହା ଆମର ଶେଷ ମିଳନ ରାତ୍ରି।" ଚପଳା ନିବିଡ଼ ଭାବରେ ମୋତେ ଚୁମ୍ବନ ଦେଲା। ସେ ଚୁମ୍ବନରେ ଯେ କି ମାଦକତା ଥିଲା ଜାଣେନା। ମୁଁ ବିଭୋର, ପାଗଳ।

ସେହି ରାତ୍ରିରେ ହିଁ ଆବଶ୍ୟକ ଜିନିଷପତ୍ର ନେଇ ଢାକା ଛାଡ଼ି ଚାଲିଗଲି।

ଆଉ ବେଶୀ କହିବାର ନାହିଁ।

ଗାଡ଼ିରେ ହିଁ ଧରା ପଡ଼ିଲି। ବିଚାରରେ ଶାସ୍ତି ମିଳିଲା ଯାବଜ୍ଜୀବନ ଦ୍ୱୀପାନ୍ତର। ଯେତେବେଳେ ମାତୃଭୂମିଠାରୁ ଶେଷ ବିଦାୟ ନେଇ ଜାହାଜରେ ଉଠିଲି, ସେତେବେଳେ ଭିଡ଼ ମଧ୍ୟରେ ଚକିତ ହୋଇ ଗୋଟିଏ ତରୁଣୀର ମୁହଁ ଦେଖା ଯାଇଥିଲା, ତାହା ଚପଳାର।

ଭାବିଥିଲି ଏହି ମୁଖଛବି ସମ୍ବଳ କରି (କୋଡ଼ିଏ) ୨୦ ବର୍ଷ ଅତିବାହିତ କରିନେବି। କି ଭୁଲ୍! ଚାରିବର୍ଷ ମଧ୍ୟ ବିତି ନାହିଁ। ସେ ଛବି ଏହି ମରୁଭୂମି ମଧ୍ୟରେ କେଉଁଠି ମଉଳି ଯାଇଛି। ଏହି ୨୬ ବର୍ଷ ବୟସରେ ଜୀବନ ଦୁର୍ବହ ହୋଇ ଉଠିଛି। ଆଉ ଅଧିକ ଯନ୍ତ୍ରଣା ଅତ୍ୟାଚାର ସହିପାରୁ ନାହିଁ। ଆଜି ହିଁ ମୋର ଜୀବନର ଶେଷ ରାତ୍ରି।

ପ୍ରକାଶର କଥା।

ଯାହାର କାହାଣୀ ମୁଁ ପ୍ରକାଶ କଲି, ସେ ଯେଉଁଦିନ ଆତ୍ମହତ୍ୟା କଲେ ତା' ପରଦିନ ମୁଁ ସେହି କକ୍ଷକୁ ଆନୀତ ହେଲି। ଗୋଟିଏ ଅନ୍ଧକାର କୋଣରୁ ବିଡ଼ାଏ କାଗଜ ପାଇଲି। ସେଠାରେ ଉପରଲିଖିତ କାହାଣୀଟି ଥିଲା।

ଆଜି ମୁଁ ଦେଶକୁ ଫେରି ଆସିଛି। ଏଠାକୁ ଆସି କୌତୂହଳବଶତଃ ଚପଳାର ଖୋଜ ଖବର ନେଲି। ଶୁଣିଲି ବହୁଦିନ ହେଲା ସେ ନିରୁଦ୍ଦିଷ୍ଟ। କିଏ କହେ ସେ ଆତ୍ମହତ୍ୟା କରିଛି। କିଏ କହେ ସେ ପାଗଳୀ ହୋଇଯାଇଛି।

❖❖❖

('ସପ୍ତର୍ଷି' ଦ୍ୱିତୀୟ ସଂଖ୍ୟା ଏପ୍ରିଲ୍-ଜୁନ୍ ୨୦୨୧)

Digitized by srujanika@gmail.com

ଦାର୍ଶନିକ

ମୂଳ ରଚନା: ଫଣୀଭୂଷଣ ଚକ୍ରବର୍ତ୍ତୀ

ସୁଲତା ବସିଥାଏ ଝରକା ପାଖରେ। ଅଦୂରେ ରୂପନାରାୟଣ ବହି ଚାଲିଛି ତାହାର ଅଫୁରନ୍ତ ରୂପରାଶି ମେଲାଇ। ଭାସି ଆସୁଛି କଲ୍ଲୋଳଭରା-କୂଳ ବକ୍ଷରେ କଚାଡ଼ି ହୋଇ ଢେଉର ଛଲ ଛଲାତ୍ ଛଲାତ୍ ଛଲ୍। ସେପାରିର ବନଭୂମିର ମୁଖେ ଫୁଟି ଉଠିଛି ବେଲା ଶେଷର କ୍ଷୀଣ ହସ। କର୍ମମୁଖର ପୃଥିବୀ ଝାଉଁଳି ପଡୁଛି ଅବସାଦରେ।

ଅନେକ କଥା ଆଜି ଭାବୁଛି ସୁଲତା ସକାଳଟାରୁ। ବିଶେଷକରି ତା'ର ସ୍ୱାମୀ ମୋହନର କଥା। କିପରି ଅଦ୍ଭୁତ ମନୁଷ୍ୟ! ସଂସାରର କୌଣସି ଖବରର ଧାର ଧାରେ ନାହିଁ ସେ। ଉଦାସୀନ, ନିର୍ବିକାର। ସୁଲତାର ଅନେକଗୁଡ଼ିଏ କଥା ତା'ର କର୍ଣ୍ଣ କୁହରରେ ପ୍ରବେଶ ସୁଦ୍ଧା କରିପାରେ ନାହିଁ। ନିଜର ଖାଇବା, ଶୋଇବା ଏପରିକି ମୁଣ୍ଡ କୁଣ୍ଡାଇବା ପର୍ଯ୍ୟନ୍ତ ତାହାକୁ ତାଗିଦ ଦେଇ କରାଇବାକୁ ହୁଏ। ସୁଲତା ଏହି କଥା ନେଇ କେତେ ଦିନ ଅଭିଯୋଗ କରିଛି ତା' ପାଖରେ। ଥରେ ଥରେ ପାଇଛି ଗୋଟିଏ ଉତ୍ତର - "ଧରାବନ୍ଧା ଜୀବନ ପରି ଅଭିଶାପ ବୋଧହୁଏ ଆଉ କିଛି ନାହିଁ ସୁଲତା।"

ସ୍ୱାମୀ-ସ୍ତ୍ରୀର ସଂସାର। ଆଉ କେହି ନାହିଁ ବାଳକ ଭୃତ୍ୟ ଗୁଦି ଛଡ଼ା। ବର୍ଷ କେତେଟା ମଧ୍ୟରେ ବିବାହ ହୋଇଛି ତାଙ୍କର। ବିବାହ ପୂର୍ବରୁ ସୁଲତାର ସ୍ୱପ୍ନ

Digitized by srujanika@gmail.com

ଥିଲା, ତାହାର ଶାଶୁ ଗୃହ ହେବ ମଫସଲରେ। ସ୍ୱାମୀ ହେବେ ବିଦ୍ୱାନ କିନ୍ତୁ ଚାକିରିଆ ନୁହେଁ। ପୈତୃକ ବିଷୟ ସମ୍ପତ୍ତି କିଛି ଥିବ ତାଙ୍କର। ତା' ଦ୍ୱାରା ଦିନଗୁଡ଼ିକ କଟିଯିବ ତାଙ୍କର ହସ ଖେଳର ମଧୁର ଦାମ୍ପତ୍ୟ ପ୍ରେମରେ। ଅତୀତ ସ୍ୱପ୍ନ ସଙ୍ଗରେ ବର୍ତ୍ତମାନ ବାସ୍ତବତାକୁ ମିଳାଇ ଦେଖେ ସୁଲତା। ଯାହା ଚାହିଁଥିଲା, ସମସ୍ତ ପାଇଛି ସେ। ତା'ଉପରେ ଗୋଟିଏ ଅଧିକ ଆଶୀର୍ବାଦ ପାଇଛି ଭଗବାନଙ୍କ ପାଖରୁ। ତା' ପଛରେ ସଦା ସର୍ବଦା ଗୋଡ଼ାଇବା ଜଟିଳା, କୁଟିଳା ପରି କେହି ନାହାନ୍ତି। କିନ୍ତୁ ତେବେ ମଧ୍ୟ ସେ କିଛି ପାଇନାହିଁ। ମୋହନ ହୁଏତ ତାହାକୁ ଭଲ ପାଏ ନାହିଁ। ସେ ଭଲପାଏ ସେହି ରୂପନାରାୟଣଙ୍କୁ, ତା'ର ସ୍ରୋତକୁ ଏବଂ ଗୃହ କୋଣରେ ଆଲମାରୀଭରା ଏହି ବହିଗୁଡ଼ିକୁ। ଆଉ କାହାକୁ କେଜାଣି? ଘନ ମେଘାଚ୍ଛନ୍ନ ଆକାଶ ବକ୍ଷରେ ମଧ୍ୟରେ ମଧ୍ୟରେ କ୍ଷଣକର ଆଲୁଅ ଜାଳିଦେବା ବିଦ୍ୟୁତ ପରି ସେ ଆସେ ସୁଲତା ପାଖକୁ। ପ୍ରଶଂସା କରି ତା'ର ଗୀତ ଶୁଣେ। ଆଦର କରି ରଙ୍ଗ ପରିହାସ ମଧ୍ୟ କରେ। କିନ୍ତୁ କେତେ ସମୟ ପାଇଁ? ସେ ଚାହେଁ ମୋହନକୁ ସର୍ବଦା ପାଖରେ, ଅତି ନିକଟରେ ପାଇବାକୁ। ଚାହେଁ ଏପରି ଗୋଟିଏ ଛବି, ଯାହା ଚକ୍ଷୁ ସମ୍ମୁଖରେ ଭାସି ଯାଉଥିବ ସାରା କ୍ଷଣ, ପ୍ରତି ମୁହୂର୍ତ୍ତରେ। ଏପରି ଗୋଟିଏ ଗୀତ, ଯାହା ବନ୍ଦ ହେବ ନାହିଁ। କୌଣସି ଦିନ - ଦିନରାତି ବାଜି ଚାଲିଥିବ ଗୋଟାଏ ସୁରରେ। କିନ୍ତୁ କାହିଁ? ମୋହନ ତା'ର ବ୍ୟଥା ବୁଝେ ନାହିଁ। ସେ ଯେ ଏକାକିନୀ, ଏକେବାରେ ଏକାକିନୀ। ସୁଲତାର ହୃଦୟରୁ ଅଜ୍ଞାତରେ ଦୀର୍ଘଶ୍ୱାସ ବାହାରି ପୃଥିବୀର ସମଧର୍ମ ବାୟୁ ସାଥୀରେ ସାଧାରଣ ପବନ ହୋଇ ମିଶିଯାଏ। ମୋହନ ବଟ ବୃକ୍ଷ ତଳେ ବସି ଏସ୍ରାଜ ବଜାଉଛି। ପବନରେ ଖେଳୁଛି ତା'ର ଆଲୁଳାୟିତ ଦୀର୍ଘ କେଶରାଶି। ବଡ଼ ଭଲ ଲାଗିଲା ସୁଲତାକୁ। ତା'ର ସ୍ୱାମୀ ସୁନ୍ଦର। ଖୁବ୍ ସୁନ୍ଦର। ସେ ସ୍ଥିର କଲା ଯେ ସେ ଆଉ ଏକାକିନୀ ହୋଇ କେବେ ରହିବ ନାହିଁ। ମୋହନ ମଧ୍ୟ ପାରିବ ନାହିଁ ତାକୁ ଦୂରେ ଦୂରେ ରଖିବାକୁ। ସେ ମଧ୍ୟ ଯିବ, ହଁ, ହଁ ସେ ମଧ୍ୟ ଯିବ - ନିଶ୍ଚୟ ଯିବ।

ତୁମେ ଆସିଲ ଯେ ସୁଲତା। ମୋହନ ଆଖିରେ ବିସ୍ମୟ ଦୃଷ୍ଟି। ହଁ, କିନ୍ତୁ କାହାର ଉଦ୍ଦେଶ୍ୟରେ ଏପରି କରୁଣ ସୁରେ ଏସ୍ରାଜ ବଜାଇବା ହେଉଛି ଶୁଣେ?

Digitized by srujanika@gmail.com

ତା' ଆଗରୁ ତୁମେ ହିଁ କୁହ ତ। ଭଗବାନ କୃଷ୍ଣ କଦମ୍ବ ମୂଳରେ କାହା ପାଇଁ ବଂଶୀ ବଜାଉଥିଲେ।

ଶ୍ରୀମତୀ ପାଇଁ।

ଏ କ୍ଷେତ୍ରରେ କେବଳ ଶ୍ରୀମତୀ ନୁହେଁ, ଗୋଟିଏ ନାମ ମଧ୍ୟ ଜଡ଼ିତ ଅଛି ତା' ସାଥୀରେ।

ଶୁଣିବାକୁ ପାଇବି କ'ଣ ସେ ନାମଟା ?

ତା' ଆଗରୁ କୁହ ତ ସେ ବଂଶୀ ଶୁଣି ଦୌଡ଼ିଯାଏ କିଏ ?

ଶ୍ରୀମତୀ ଏବଂ ଗୋପୀମାନେ।

ଏହି କ୍ଷେତ୍ରରେ ଯେ ଆସିଲା, ତା'ର ଉଦ୍ଦେଶ୍ୟରେ ବଜା ହେଉଥିଲା ଅନାୟାସରେ କଥାଟା ଧରି ନେଇପାରିବ।

ମିଛ କଥା।

ଖାଣ୍ଟି ସତ କଥା !!

ସୁଲତା ବସିଲା ମୋହନ ପାଖରେ, ଖୁବ୍ ନିକଟରେ ଘଷି ହୋଇ ତା' ଦେହକୁ। ମୋହନ ତା'ର ଗୋଟିଏ ହାତ ନିଜ ହାତ ମୁଠା ଭିତରେ ରଖି ମୃଦୁ ଚାପ ଦେଇ ଦେଇ କହିଲା - ତୁମେ ଆଉ ଏକାକୀ ରହିପାରିଲ ନାହିଁ, ନୁହେଁ ସୁଲତା ? ସୁଲତା ନୀରବ। ତନ୍ତ୍ରୀଗୁଡ଼ିକରେ ଜାଗି ଉଠେ ଅଭିମାନର ସ୍ପନ୍ଦନ। ଉତ୍ତର ଦିଏ ତା'ର ସୁନ୍ଦର, ନିଟୋଳ ଗଣ୍ଡ। ବୋହି ଗଡ଼ି ପଡୁଥିବା ଦୁଇ ବିନ୍ଦୁ ତପ୍ତ ଅଶ୍ରୁ - ଠିକ୍ ଯେପରି କ୍ଷତ ସ୍ଥାନରେ ସାମାନ୍ୟ ଆଘାତ ଲାଗି ରୁଧିର ପାତ ପରି।

"କ'ଣ ହେଲା ତୁମର ସୁଲତା ?" ମୋହନର କଣ୍ଠରେ ଆବେଗର କମ୍ପନ। "କିଛି ହୋଇନି।" ଭାରି ଗଳା, ଉଦାସ ଦୃଷ୍ଟି ସୁଲତାର। "ତେବେ ତୁମ ଆଖିରେ ନୀଳ ଯେ ! ଲୁଚାଅନି, ସତ୍ୟ କରି କୁହ ମୋର ଲକ୍ଷ୍ମୀଟି ପରା।"

"ତୁମେ ମୋତେ ଏପରି ଦୂରେଇ ରହ କାହିଁକି ?"

ମୋହନ ନୀରବ, ଗମ୍ଭୀର। ଚଞ୍ଚଳ ବାହୁ ବୋହି ଆଣୁଛି ଢେଉର ମତ୍ତତା। ରୂପନାରାୟଣର ଆନନ୍ଦର ସୀମା ନାହିଁ। ସୁର ଟିକିଏ ଚଢ଼ାଇଦେଇ ଗାଉଛି -

"ଛଲ୍ ଛଲ୍ ଚହଲ୍।"

Digitized by srujanika@gmail.com

ମୋହନ କହିଲା – "ତୁମେ ଜାଣ ନାହିଁ ସୁଲତା, ଦୂରତ୍ୱର ମାଧୁର୍ଯ୍ୟ କେତେ ! ହେଇ ଯେଉଁ ଦେଖୁଛ ସେପାରିର ତରୁଲତା, ସେହି ଯେଉଁ ଶ୍ୟାମଳ ଚିର। କାହିଁକି ଏତେ ଭଲ ଲାଗେ ଜାଣ ? ତାହା ଦୂରେ ଅଛି ବୋଲି। ଏପାରେ ମଧ୍ୟ ତରୁଲତାର ଅଭାବ ନାହିଁ। ଅଭାବ ନାହିଁ ଚିର ଶ୍ୟାମଳୀମାର କିନ୍ତୁ କାହିଁ ? ଏତେ ଭଲ ଲାଗେ ନାହିଁ ତ। ଯେବେ ସେପାରିକୁ ଯିବା, ସେତେବେଳେ ଏପାରିର ଏହି ସମସ୍ତ ଚକ୍ଷୁ ଉପରେ ଛାୟା ପାତ କରିବ କେଡ଼େ ସୁନ୍ଦର ହୋଇ। ଆଉ ସେଗୁଡ଼ିକ ହେଇଯିବ ମ୍ଳାନ, ନିଷ୍ପ୍ରଭ। ପୁରାତନକୁ ନୂତନ କରି ପ୍ରାପ୍ତ କରାଯାଏ ଦୂରେ। ଆଉ ନୂତନ ପାଖକୁ ଆସି ପୁରାତନ ହୋଇଯାଏ ସୁଲତା।"

ଟିକିଏ ଭାବିନେଇ ସୁଲତା କହେ – "କିନ୍ତୁ ମନ ତ ମାନେନା ସେ କଥା।"

"ମନର ସେହି ନ ମାନିବାଟା ତ ମଧୁର ସୁଲତା। ତୃଷ୍ଣା ନଥିଲେ ଜଳର ଆସ୍ୱାଦ କାହିଁକି ପ୍ରାପ୍ତ ହେବ। ଅନ୍ଧକାର ନଥିଲେ ଆଲୋକର ମୂଲ୍ୟ କେତେ ଅବା ହୁଅନ୍ତା ? ଏପାରିର ବଣର କପୋତୀ ଚାହୁଁଛି ସେପାରି ବଣର କପୋତକୁ। ଏବଂ ସେପାରିର ବଣର କପୋତ ଚାହୁଁଛି ଏପାରି ବଣର କପୋତୀକୁ। ଭାବିବାକୁ ଭଲ ଲାଗେ। ଏହାଠାରୁ ଅଧିକ କ'ଣ ଦରକାର ? ପାଇବାଠୁ ଚାହିଁବା ଯେ ବଡ଼ ସେ କଥା ତୁମ୍ଭଙ୍କୁ କିପରି ବୁଝାଇ ପାରିବି, ଭାବି ପାରୁନାହିଁ ସୁଲତା।" ଶାନ୍ତିର ପ୍ରଲେପ ନେଇ ନଇଁ ଆସିଛି ଶାନ୍ତିମୟୀ ସନ୍ଧ୍ୟା। ଘରେ ଘରେ ଶଙ୍ଖ ଉଚ୍ଚ ସ୍ୱରେ ଗାଏ ତା'ର ଆଗମନୀ। ସୁଲତା ସମବ୍ୟସ୍ତ ହୋଇ ଉଠିପଡ଼େ – "ଯାଏ ସନ୍ଧ୍ୟା ଦେବାକୁ ହେବ। ତୁମେ ମୋର ଗୋଟିଏ କଥା ରଖିବ ?"

"କ'ଣ କୁହ।"

"ସମସ୍ତ ସମୟ ତ ନଈଧାରରେ କଟାଇଲ। ବର୍ତ୍ତମାନ ଘରକୁ ଚାଲ। ମୁଁ ସନ୍ଧ୍ୟା ଦେଇ ରୋଷେଇ କରି ବସିବି, ତୁମେ ଗଳ୍ପ କରିବ। କିପରି ?"

ବେଶ୍, ମୋହନ ଆପଣା ମନରେ ଆବୃତ୍ତି କରି କରି ଚାଲିଛି।

"ନିଅ ତା'ର ମଧୁର ସୌରଭ / ଦେଖ ତା'ର ସୌନ୍ଦର୍ଯ୍ୟ ବିକାଶ / ମଧୁ ତା'ର ତୁମେ ତ ଭଲପାଅ / ପ୍ରେମେ ହୁଅ ବନ୍ଦୀ। ଚାହଁନା ତାହାରେ।

× × ×

Digitized by srujanika@gmail.com

ଶାନ୍ତ ସନ୍ଧ୍ୟା ସ୍ତବ୍ଧ × × × ଲିଭାଅ ବାସନା ବହ୍ନି ନୟନର ନୀରେ / ଚାଲ ଧୀରେ ଘରେ। × × × ସୁଲତା ମୋହନର ସ୍ୱରୂପ ନିର୍ଣ୍ଣୟ କରିପାରେ ନାହିଁ। ତା' ସମ୍ବନ୍ଧରେ କୌଣସି ଗୋଟିଏ ପକ୍କା ଧାରଣା କରିବା ବୃଥା ଆଶା।

ମୋହନ ସାଧାରଣତଃ ଉଦାସ, ଗମ୍ଭୀର ପ୍ରକୃତିର। କିନ୍ତୁ ସମୟ ସମୟରେ ସେ ଏପରି ହାଲୁକା ହୋଇଯାଏ ଯେ ତାହାକୁ ନିହାତି ଛୋଟ ପିଲା ଛଡ଼ା ଆଉ ଅଧିକ କିଛି ମନେ ହୋଇପାରିବ ନାହିଁ। କି ପ୍ରକାର ଧୃଷ୍ଟତା ନ ଜାଣେ ପୁଣି କିପରି ହସାଇ ନପାରେ ସେ !

ଦୁଇ ପ୍ରହର ସମୟରେ ମୋହନ ବହି ପଢୁଛି ଶୋଇକରି। ସୁଲତା ତା'ର କେଶରାଶିରେ ଆଙ୍ଗୁଳି ଦେଇ କହିଲା – ଗୋଟିଏ କଥା ପଚାରିବି ?

ବହିର ପୃଷ୍ଠାରେ ନିବଦ୍ଧ ଦୃଷ୍ଟି ରଖି ମୋହନ କହେ – "କହ।"

"ପ୍ରଥମରେ ବହି ବନ୍ଦ କର।"

'ଆଚ୍ଛା ହେଉ' ମୋହନ ପୃଷ୍ଠା ମଧ୍ୟରେ ଆଙ୍ଗୁଳି ରଖି ବହି ବନ୍ଦ କଲା।

"ମୁଁ କହୁଛି – ତୁମେ ଦିନରାତି ଏତେ ଭାବୁଛ କାହିଁକି ? ତୁମ୍ଭଙ୍କୁ ଦେଖିଲେ ମନେହୁଏ, ଯେପରି କ'ଣ ଗୋଟିଏ ଅଭାବ ତୁମେ ହୃଦୟ ଭିତରେ ବୋଧକର ପ୍ରତି ମୁହୂର୍ତ୍ତରେ। ମୋ ପାଖରେ ଲୁଚାଅନି। କହ, ତୁମର ସେ ଅଭାବଟା କ'ଣ ?"

"ମୁଁ ନିଜେ ମଧ୍ୟ ତାହା ଜାଣି ନାହିଁ ସୁଲତା। କିଛି ତ ଅଭାବ ନାହିଁ, ପାଇଛି ଜୀବନର ପ୍ରଶାନ୍ତ ଅବକାଶ, ବାଧାହୀନ ଆଲୋକ, ଆକାଶ, ପବନ। ପାଇଛି ପକ୍ଷୀର ଗୀତ, ଘର ସମ୍ମୁଖରେ ହିଁ ରୂପନାରାୟଣର କଳତାନ ଏବଂ ପାଇଛି ତୁମ ପରି ସହଧର୍ମିଣୀ। ପାଇଛି ସମସ୍ତ। ତେବେ ମଧ୍ୟ କେଉଁଠାରେ ହୃଦୟର ଯେପରି କୌଣସି ଅଭାବ ରହିଯାଇଛି। ଯେପରି କ'ଣ ପାଇନି। ତୁମେ ତାହା ଶୁଣାଅ ନା ସୁଲତା – ରବୀନ୍ଦ୍ରନାଥଙ୍କର ସେହି "କି, ପାଇନି" ଗୀତଟା।

ସୁଲତା ଗାଏ। ନୀରବ ନିସ୍ପନ୍ଦ ମୋହନ ଅନେକ କ୍ଷଣ କାନ୍ଥ ଆଡ଼କୁ ଅନାଇ ଅପଲକ ନେତ୍ରରେ କହେ, "ଏହି ଚାହିଁବାର, ଏ ଖୋଜିବାର ଶେଷ ନାହିଁ ସୁଲତା। ତୃପ୍ତି କେଉଁଠି ? ଆମେ ତ ଅନ୍ୟ କିଛି ପାଇ ତୃପ୍ତ ହୋଇପାରିବୁ ନାହିଁ।

Digitized by srujanika@gmail.com

ଆଚ୍ଛା ସୁଲତା କହିପାରିବ ତୁମେ କାହାକୁ ଚାହଁ ?" ଟିକିଏ ନୀରବ ରହି ମୃଦୁ କଣ୍ଠରେ ସୁଲତା କହେ - "ତୁମେ କ'ଣ ଜାଣ ନାହିଁ ?"

'ନା।'

"ବେଶ୍ ତା'ହେଲେ ଜାଣିବାର ଲାଭ କ'ଣ ?"

"ରାଗ କର ନାହିଁ ସୁଲତା - କୁହନା ତୁମେ କାହାକୁ ଚାହଁ।"

"ତୁମ୍ଭଙ୍କୁ, କେବଳ ତୁମ୍ଭଙ୍କୁ।"

ହାଃ, ହାଃ କରି ହସିଉଠେ ମୋହନ। ସୁଲତା ଆତଙ୍କିତ ହୋଇ ଉଠେ - ତା'ର ମାନେ ?

"ମୁଁ କହିବି ତାହା ଭୁଲ୍। ତୁମେ ଚାହଁ ତୁମ୍ଭଙ୍କୁ।"

"ମୁଁ ଚାହେଁ ମୋତେ !! ଏବଂ ତୁମେ ?"

"ଗୋଟିଏ ମାତ୍ର ଉତ୍ତର - ମୁଁ ଚାହେଁ ମୋତେ। କେବଳ ତୁମେ, ମୁଁ କାହିଁକି ସୁଲତା, ପୃଥିବୀର ସମସ୍ତେ ନିଜ ନିଜକୁ ଚାହାନ୍ତି।"

"ନା, ନା କୌଣସି ମତେ ମୁଁ ତୁମ୍ଭର କଥା ବିଶ୍ୱାସ କରିନପାରେ। ମୁଁ ତ ଜାଣେ, ମୁଁ ସତରେ ତୁମ୍ଭଙ୍କୁ ଚାହେଁ କି ନା।"

"ତୁମେ ଠିକ୍ ଜାଣ ସୁଲତା। କେବଳ ଗୋଟିଏ ପାର୍ଥକ୍ୟ ଅଛି, ଆଚ୍ଛା ଶୁଣ - ଦର୍ପଣରେ ତୁମର ପ୍ରତିକୃତି ଦେଖି ତୁମେ ତୁମ୍ଭଙ୍କୁ ବଡ଼ ଭଲ ଲାଗିଲା। ବର୍ତ୍ତମାନ କହ ତ, ଭଲ ଲାଗିଲା କାହାକୁ - ଦର୍ପଣକୁ ନା ତୁମ୍ଭର ନିଜକୁ ?"

"ନିଜକୁ। କିନ୍ତୁ ମନୁଷ୍ୟ ତ ଆଉ ଦର୍ପଣ ନୁହେଁ, ତେବେ ମନୁଷ୍ୟକୁ ମନୁଷ୍ୟ ଭଲପାଏ କାହିଁକି ?"

"ତା' ମଧ୍ୟରେ ନିଜର ଆଦର୍ଶ ଦେଖିବାକୁ ପାଏ ବୋଲି। ତୁମେ ଇଚ୍ଛା କଲା ମାତ୍ରକେ ପରୀକ୍ଷା କରି ଦେଖିପାର, ଯା'ର କଥା ସଙ୍ଗେ ତୁମ କଥାର ଖାପ ଖାଏ। ଯା'ର ମନ ସଙ୍ଗେ ତମର ମନ ମିଳେ, (ମିଳନ) ତାହାକୁ ତୁମେ ନିଶ୍ଚୟ ଭଲ ପାଇବ। ସୁଲତା ଅବାକ୍ ହୋଇ ଚାହିଁ ରହେ ମୋହନର ମୁଖ କମଳକୁ। ମୋହନ କହି ଯାଏ -

"ପୁଣି ରହସ୍ୟ ଏହା ଯେ, ତୁମେ ଯାହାକୁ ଚାହଁ ମୁଁ ମଧ ତାହାକୁ ଚାହେଁ ଏବଂ ପୃଥିବୀର ସମସ୍ତେ ମଧ ତାକୁ ହିଁ ଚାହାନ୍ତି।" ବିଶ୍ୱର ଏହି ବିଭିନ୍ନ ବୈଚିତ୍ର୍ୟ

Digitized by srujanika@gmail.com

ମଧ୍ୟରେ, ବହୁତ ମଧ୍ୟରେ ଆମେ ସେହି ଗୋଟିକର ସତ୍ତା ଅନୁଭବ କରୁ ସୁଲତା।" ମୋହନ ରହିଯାଏ।

"ତା'ହେଲେ କି ଏ ସମସ୍ତ ମିଥ୍ୟା ? ଖାଲି ସ୍ୱପ୍ନ ?" - ସୁଲତାର କଣ୍ଠରେ ପ୍ରକାଶିତ ହୋଇଉଠେ ଉତ୍ତେଜନା।"

ସ୍ୱପ୍ନ ଛଡ଼ା ଆଉ କ'ଣ ସୁଲତା ? ଜଗତର ସମସ୍ତ ମହାପୁରୁଷମାନେ ହିଁ ତାହା ପ୍ରତ୍ୟକ୍ଷ କରି ଚାଲିଛନ୍ତି।"

"କିନ୍ତୁ ଚକ୍ଷୁ ସମ୍ମୁଖରେ ଯାହା ଘଟୁଛି, ଯାହା ଦୃଷ୍ଟିଗୋଚର ହେଉଛି, ଅନୁଭବ କରୁଛୁଁ, ତାହା ମିଥ୍ୟା ବୋଲି ଭାବି ହେବ କିପରି ?"

"ଆମେ ଯେତେବେଳେ ସ୍ୱପ୍ନ ଦେଖୁଁ, ସେ ସମୟରେ ସେହି ଘଟଣା ଗୁଡ଼ିକ କ'ଣ ସତ୍ୟ ବୋଲି ମନେହୁଏନି ? - ଏହା ମଧ୍ୟ ଠିକ୍ ସେହି ରକମର ସୁଲତା। ତଫାତ୍‌ଟା କେବଳ ସମୟ ମଧ୍ୟରେ। ସେ ସ୍ୱପ୍ନ କେତେ ଘଣ୍ଟାର ଆଉ ଏ ସ୍ୱପ୍ନ କେତେକ ବର୍ଷ ମଧ୍ୟରେ ସମାପ୍ତ ହୁଏ। ତାହା ଗୋଟିଏ ରାତ୍ରିର ଏବଂ ଏହା ଗୋଟିଏ ଜୀବନର। କିନ୍ତୁ ଥାଉ, ଆଜି ଆଉ ନୁହେଁ। ବର୍ତ୍ତମାନ ଏସ୍ରାବଟା ଦିଅ, ବଟ ତଳକୁ ଯାଏ।"

"ମୁଁ ମଧ୍ୟ ଯିବି ତୁମ ସଙ୍ଗରେ।" - ସୁଲତା ଅଳି କରେ।

"ବେଶ୍ ଆସ।" (କିନ୍ତୁ କେହି କାହାରି ସାଥୀ ନିଅନ୍ତି ନାହିଁ ସୁଲତା ! ସୁଲତା ଯାଏ ତା'ର ପଛରେ। ବର୍ଷାରେ ରୂପନାରାୟଣ ଫାଟି ପଡୁଛି ଅବ୍ୟକ୍ତ ରୂପେ। ଭରା ଯୌବନର ଉନ୍ମାଦନାରେ ଦିଗ୍‌ଭ୍ରାନ୍ତ ହୋଇ ଛୁଟି ଚାଲିଛି ଟଳମଳ ହୋଇ। ଦୂରରେ ଭୀଷଣ ଗର୍ଜନ। ଉନ୍ମତ୍ତ ଜଳରାଶି ହୁହୁଙ୍କାରରେ ମାଡ଼ି ଆସିଛି। ସର୍ବଗ୍ରାସୀ ଲେଲିହାନ ଜିହ୍ୱା ପ୍ରସାରିତ କରି। ସୁଲତା ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଏ - "ଦେଖ, ଦେଖ କିପରି ଭୀଷଣ ଗର୍ଜନ କରି ଜୁଆର ଆସୁଛି ! !"

"ଦେଖୁଛି ସୁଲତା।"

"କ'ଣ ଭାବୁଛ ?"

"ଭାବୁଛି କେତେ କ୍ଷଣ ପାଇଁ ତା'ର ସେହି ବିପୁଳ ସମାରୋହ ? କେତେ ଶୀଘ୍ର ପୁଣି ତାହାକୁ ମ୍ଳାନ ହୋଇଯିବାକୁ ନ ହେବ କାଳର ଭଟ୍ଟାରେ। ଆଶ୍ଚର୍ଯ୍ୟ ସୁଲତା, ଆଶ୍ଚର୍ଯ୍ୟ ! ବଡ଼ ବିଚିତ୍ର ! !"

Digitized by srujanika@gmail.com

"ଏହା ମଧ୍ୟରେ ତୁମେ ଆଶ୍ଚର୍ଯ୍ୟର କ'ଣ ପାଇଲ ଶୁଣେ ? ଜୁଆର ପରେ ଭଟ୍ଟା, ଦିନ ପରେ ରାତି, ସୁଖ ପରେ ଦୁଃଖ ତ ଅଛି, ନିଶ୍ଚିତ ଏହା ତ ଜଣା କଥା।"

"ସେହି ଜଣା ମଧ୍ୟରେ ଯେ ଗୋଟିଏ ବିରାଟ ଅଜଣା ଲୁଚିଥାଏ ସୁଲତା। ଦେଖ, ପଥର ମାଟିରେ ପଡ଼େ, ଚିରକାଳ ସମସ୍ତେ ଜାଣିଆସିଛନ୍ତି। କିନ୍ତୁ ସେହି ଜଣା ମଧ୍ୟରେ ତ ପୁଣି ଲୁଚିଥିଲା ଅଦ୍ଭୁତ ମାଧ୍ୟାକର୍ଷଣ ଶକ୍ତି, ଯାହା ଦିନେ ଧରା ଦେଲା ସତ୍ୟ ସନ୍ଧାନୀ ନିଉଟନ୍‌ଙ୍କ ପ୍ରାଣରେ। ମନୁଷ୍ୟ ଚିରଦିନ ମରେ, ଚିରଦିନ ଲାଗି ପୃଥିବୀରେ ଅଛି ଶୋକ ଦୁଃଖ, ହାହାକାର। ଏହି ଜଣା ମଧ୍ୟରେ ତ ପୁଣି ଲୁଚି ରହିଥିଲା ଅମୃତମୟୀ, ସର୍ବବନ୍ଧନ ବିଯୁକ୍ତି, ମହାନିର୍ବାଣ, ଯାହା ଧରା ଦେଲା କୁମାର ସିଦ୍ଧାର୍ଥଙ୍କ କଠୋର ସାଧନାରେ। ଖାଲି ଜାଣିବାଟାକୁ ନେଇ ଯେଉଁମାନେ ସନ୍ତୁଷ୍ଟ ରହନ୍ତି, ଅଜଣାର ଆଭାସ ସେମାନେ କୌଣସି ଦିନ ସୁଦ୍ଧା ପାଆନ୍ତି ନାହିଁ ସୁଲତା।"

ସୁଲତା କ'ଣ ଉତ୍ତର ଦେବ ? ଆପାତତଃ ସେ ପ୍ରସଙ୍ଗର ନିର୍ବାଣ ଲାଭ କରିବା ହିଁ ସମୀଚୀନ ବୋଧ କରି କହିଲା – "ତୁମେ ସେଦିନର ସେ ସୁରଟା ବଜାଅ ଥରେ। ମୋତେ ସେ ସୁରଟା ବଡ଼ ଭଲ ଲାଗେ।"

ମୃଦୁ ହସି ମୋହନ କହିଲା – "ସେ ସୁର ତ ବର୍ତ୍ତମାନ ବାଜିବ ନାହିଁ ସୁଲତା। ବିରହର ସୁର ମିଳନରେ ବଜାଇବାକୁ ଯିବି କେଉଁ ଦୁଃଖରେ ?"

"ତେବେ ତୁମ୍ଭଙ୍କୁ ଯେଉଁଟା ଭଲ ଲାଗେ ବଜାଅ।"

× × ×

ରାତ୍ରି ବହୁତ ହୋଇଯାଇଛି। ସମସ୍ତ ଆକାଶ ମେଘାଚ୍ଛନ୍ନ। ଶୀତଳ ପବନ ଆସନ୍ନ ବର୍ଷାର ବାର୍ତ୍ତା ଦେଇ ଯାଉଛି। ମୋହନ ନିଃଶବ୍ଦ ବସିଥାଏ ବାହାର ବାରଣ୍ଡାରେ। ନିଦ୍ରାଦେବୀର ଅନୁଗ୍ରହ ତା' ଉପରେ ବେଶୀ ନାହିଁ। ସୁଲତା ବିଛଣା ଉପରେ ବସି ଢୁଳାଉଥାଏ ମୋହନର ପ୍ରତୀକ୍ଷାରେ। ପ୍ରଦୀପଟାର ଗର୍ଭ ପୋଡ଼ିଯାଏ ତୈଳ ଶେଷ ହୋଇ।

Digitized by srujanika@gmail.com

"ସମସ୍ତେ ଶୋଇବେ ସୁଲତା, ତୁମେ, ମୁଁ ସମସ୍ତେ। ତେବେ ମୋତେ ପୂର୍ଣ୍ଣ ସମୟ ପର୍ଯ୍ୟନ୍ତ ଜାଗି ରହିବାକୁ ହୁଏ, ତା'ର ଉପଯୁକ୍ତ ବ୍ୟବହାର କରି ନେବାଟା ହିଁ କୃତିତ୍ୱ।"

"ସବୁ କଥାରେ ତୁମର ସେହି ଖେୟାଲ।"

"ଆଜି ସହଜ ସତ୍ୟ ହିଁ ଆମ୍ଭମାନଙ୍କ ପାଖରେ ଖେୟାଲୀ ଉଠାଏ ସୁଲତା।"

"ହଁ, ଗୋ, ତାହା ହିଁ। ତୁମ ଗୋଡ଼ ତଳେ ପଡୁଛି, ଚାଲ, ଆଉ ଅନିଦ୍ରା ରହନି, ଦେହ ଅସୁସ୍ଥ ହେବ ଯେ।"

"ଆଚ୍ଛା, ଚାଲ।" ମୋହନ ଉଠେ।...

ସ୍ୱପ୍ନ ରାଇଜର ଯାତ୍ରୀ ପରି।

❖❖❖

Digitized by srujanika@gmail.com

ଏଇ ତ ନିୟମ

ମୂଳ ରଚ୍ନା: ଜ୍ୟାକ୍ ଲଣ୍ଡନ

ବଙ୍ଗାନୁବାଦ: ସୁଧୀର ନାଥ ରାହା

(ଜ୍ୟାକ୍ ଲଣ୍ଡନଙ୍କ 'ଦି ଲ ଅଫ୍ ଲାଇଫ୍' ଅବଲମ୍ବନରେ ଲିଖିତ ସୁଧୀର ନାଥ ରାହାଙ୍କ ବଙ୍ଗଳା ଗଳ୍ପ 'ଏଇ ତ ନିୟମ'ର ଓଡ଼ିଆ ରୂପାନ୍ତର)

କସ୍କୁସ୍ ବୁଢ଼ା କାନ ଠିଆ କରିଛି। ଅନେକ ଦିନ ପୂର୍ବରୁ ଆଖି ଯାଇଛି ତା'ର। କାନ କିନ୍ତୁ ଏବେ ବି ସଜାଗ। ଏତେ ଟିକିଏ ଶବ୍ଦ ଯଦି କାନରେ ପଶିଲା ସେ ତା'ର 'ମାନେ'ଟା ଶୀଘ୍ର ବୁଝିନେବ। ହଁ ଏଇ ତ ସିତ୍କାମତୋହା। ଜୁଆଡ଼ିରେ ଯୋଚିବାକୁ ଯାଇ କୁକୁରଗୁଡ଼ାଙ୍କୁ କି ଭୀଷଣ ଗାଳି ଦେଉଛି ଆଉ କି ମାଡ଼ ନ ମାରୁଛି !!

ସିତ୍କାମତୋହା ବୃଦ୍ଧ କସ୍କୁସ୍ର ନାତୁଣୀ। ଝିଅର ଝିଅ ନାତୁଣୀ। ହେଲେ ଅଥର୍ବ ଦାଦା ବୁଢ଼ାକୁ ଚାହିଁବା ନିମନ୍ତେ ତା'ର ସମୟ କାହିଁ? ଦରକାର ବା କ'ଣ ? ବୃଦ୍ଧ ବସିଛି ବରଫ ଉପରେ। ପରିତ୍ୟକ୍ତ, ଅସହାୟ। ଛାଉଣୀ ଉଜାଡ଼ିବାକୁ ହିଁ ପଡ଼ିବ। ଯିବାକୁ ହେବ ଦୂର ପଥ। ଅଥଚ ଦିନ ବହୁତ ଛୋଟ। ଜୀବନ ତାକୁ ଡାକୁଛି। ଏଇ ସିତ୍କାମତୋହାକୁ। ଜୀବନ ଆଉ ଜୀବନର ଶତ ଶତ ଦାୟିତ୍ୱ। ମୃତ୍ୟୁ ସହିତ, ମୃତ୍ୟୁ ସମ୍ମୁଖୀନଙ୍କ ସହିତ ତା'ର ସମ୍ପର୍କ କ'ଣ ? ଆଉ କସ୍କୁସ୍, ସେ ମୃତ୍ୟୁମୁଖୀ।

Digitized by srujanika@gmail.com

ମୃତ୍ୟୁମୁଖୀ କଥାଟା ମନରେ ଉଠିଲା ମାତ୍ରେ କସ୍‌କୁସ୍ ଭୀତ ହେଲା। ଗୋଟିଏ ହାତ ଉଠାଇଲା। ଥର ଥର କରି କମ୍ପୁଛି ସେ ହାତ। ଅଣ୍ଡାଳି ଅଣ୍ଡାଳି ହାତଟି ସେ ବୁଲାଇ ଆଣିଲା ସମୀପସ୍ଥ କାଠଗଦା ଉପର ଦେଇ। ଶୁଖା କାଠ ଗଦା। ତେବେ ଗଦାଟି ଛୋଟ। ଏହି ଗଦାଟା ହିଁ ବର୍ତ୍ତମାନ ଆଶା ଭରସା କସ୍‌କୁସ୍‌ର। କେତେ ଖଣ୍ଡ ଅବା କାଠ ଅଛି। ଏ କାଠ କେତେ ଖଣ୍ଡ ଯେତେ କ୍ଷଣ, କସ୍‌କୁସ୍‌ର ପରମାୟୁ ସେତେ କ୍ଷଣ।

ଛିଣ୍ଡା ଲୋମଶ ହରିଣ ଚମଡ଼ାରେ ଆବୃତ୍ତ ତା'ର ଦେହ ଭିତରକୁ ସେ ନିଜ ହାତ ପୂରାଇ ପୁଣି କାନ ଠିଆ କଲା। ବୁଢ଼ା ଆଉ କି ଶବ୍ଦ ଶୁଣାଯିବ ଶୁଣିବା ନିମନ୍ତେ। ଗୋଟିଏ ପରେ ଗୋଟିଏ ଖସ୍ ଖସ୍ ଚଡ୍ ଚଡ୍ ଶବ୍ଦ। ଗଣି ଗଣି ୬ଟା। ଛ'ଟା ଚମଡ଼ା ଖୋଲି ଦିଆଗଲା। ତା'ମାନେ, ଏହା ସର୍ଦ୍ଦାରର ତମ୍ବୁ। ଛ'ଟା ଚମଡ଼ା ମାତ୍ର ଏଇ ଗୋଟିଏ ତମ୍ବୁରେ ଅଛି। ଅନ୍ୟ ସବୁ କାହାର ଚାରିଟି, କାହାର ବା ମୋଟେ ଦୁଇଟି। କସ୍‌କୁସ ତ ମୋଟେ ଦୁଇଟା। ତାହା ବି କେଉଁ ସକାଳରୁ କିଏ ଖୋଲି ନେଇ ଯାଇଛି।

ହଁ ଏଇଟା ସର୍ଦ୍ଦାରର ତମ୍ବୁ, ବର୍ତ୍ତମାନ ଯେଉଁଟା ଖୋଲିଗଲା। ଏ ସର୍ଦ୍ଦାର ତ କସ୍‌କୁସ୍‌ର ପୁଅ। ତା' ନିଜ ପୁଅ। ପୂର୍ବେ କସ୍‌କୁସ୍ ହିଁ ସର୍ଦ୍ଦାର ଥିଲା। ସେ ଅନ୍ଧ ହୋଇଯିବା ପରେ ସର୍ଦ୍ଦାର ହୋଇଛି ତା' ପୁଅ। ଶକ୍ତ ମରଦ ସିଏ। ଏହି ଗୋଷ୍ଠୀର ସର୍ଦ୍ଦାର ଶିକାର କରିବାକୁ ଓସ୍ତାଦ୍। ରାଗୁଛି ସର୍ଦ୍ଦାର, ଝିଅ ପିଲାଙ୍କ ଉପରେ। ତମ୍ବୁର ଚମଡ଼ା ସବୁ ଥାକ ଥାକ କରି ବାନ୍ଧିବାକୁ ହେବ ସ୍ଲେଜ୍ ଗାଡ଼ିରେ। ବହୁ ଅବହେଳା କରୁଛନ୍ତି ଏ ହତଲକ୍ଷ୍ମୀମାନେ। ତେଣୁ ସର୍ଦ୍ଦାର ବକୁଛି। ତା' ପୁଅ। ବଡ଼ ମଧୁର ଲାଗୁଛି ତାକୁ। ଆଉ ତ କେବେହେଲେ ଶୁଣିବାକୁ ପାଇବ ନାହିଁ ପୁଅର କଣ୍ଠସ୍ୱର।

ଏଥର ଯେଉଁ ତମ୍ବୁ ଉଜାଡ଼ିବା ଶବ୍ଦ ଶୁଣାଗଲା, ତା' ବୋଧହୁଏ ଗୀହାଉଭେର। ତା' ପରଟା ଟୁସ୍‌କୁନାର ହୋଇପାରେ। ଏଯାବତ୍ ସାତ, ଆଠ, ନଅଟା ତମ୍ବୁ ଭଙ୍ଗା ହେଲାଣି। ଅବଶିଷ୍ଟଟା ଯଦି ରହିଯାଇଛି ତେବେ ତାହା ହାଇନରଟା ହିଁ ହୋଇଥାଇପାରେ। ଡାଇନ୍, ସେ ଯାଦୁକର, ପୁରୋହିତ, ଓଝା।

Digitized by srujanika@gmail.com

ତାହାର ମର୍ଯ୍ୟାଦା ସମସ୍ତଙ୍କ ଅପେକ୍ଷା ଅଧିକ। ତେଣୁ ତାହାର ତମ୍ବୁ ଉଜୁଡ଼ା ହୁଏ ସର୍ବାପେକ୍ଷା ଶେଷରେ।

ଏଇ ଯେ ଡାଇନର ତମ୍ବୁ ଭଙ୍ଗା ହେଲା ଏଥର। ଶ୍ଲେଜ୍ ଉପରେ ଗଦା କରି ରଖୁଛି ନିଜେ ଡାଇନ୍। ଖିଜ୍ ଖିଜ୍ କରୁଛି। ଗୋଟିଏ ଛୋଟ ଶିଶୁ କାନ୍ଦି ଉଠିଲା। ହୁଏତ ଡାଇନ୍‌ର ଖିଜ୍ ବିଜ୍ ଶବ୍ଦ ଶୁଣି। ଗୋଟିଏ ଝିଅ ଶିଶୁକୁ ସାନ୍ତ୍ୱନା ଦେଉଛି, ସୁସ୍ୱର ତୋଳି ନାନାବାୟା ଗୀତର ରାଗିଣୀ ଧରି। କିନ୍ତୁ ଝିଅଟିର ଭଗ୍ନ-କଣ୍ଠ। ସ୍ୱର ଠିକ୍ ପଡୁନାହିଁ। ଏ ଶିଶୁର ନାମ କୁଟୀ। ବଡ଼ କାନ୍ଦୁରା ପିଲା, ବଡ଼ ଦୁର୍ବଳ। ହୁଏତ ମରିଯାଇପାରେ ଏଇ ଦୂର ପଥ ଅତିକ୍ରମଣ କାଳରେ। ଆଉ ସେମାନେ ବରଫାବୃତ୍ତ ତୁନ୍ଦ୍ରା ବୁକୁରେ କୌଣସି ଏକ ସ୍ଥାନରେ ନିଆଁ କିଛି ଜାଳିବେ। ବରଫ ତରଳି ଗର୍ତ୍ତଟିଏ ହୋଇଯିବ। ସେହି ଗଭୀର ଗର୍ତ୍ତରେ କୁଟୀକୁ ପକାଇ ତା' ଉପରେ ଓଜନିଆ ପଥରଟିଏ ଚାପି ଦେବେ। ଯଦ୍ୱାରା ହେଟାବାଘମାନେ ତାକୁ ବାହାର କରି ନ ପାରିବେ।

ଥାଉ ସେ କଥା। କ'ଣ ପାର୍ଥକ୍ୟ ଅଛି ତହିଁରେ? ମୃତ୍ୟୁ ତ ବସିଛି। ସମସ୍ତଙ୍କୁ ଅପେକ୍ଷା କରି ରହିଛି। ତା'ର କ୍ଷୁଧା କେବେ ବି ମେଣ୍ଟୁ ନାହିଁ। ସେ ସବୁବେଳେ କ୍ଷୁଧାତୁର। ଏହା ପୁଣି କି ଶବ୍ଦ? ଚମଡ଼ା ଦଉଡ଼ି ଦ୍ୱାରା ଶ୍ଲେଜ୍ ଉପରେ ମାଲ୍‌ପତ୍ର ବୋଝେଇ ହେଉଛି। କସ୍‌କୁସ୍ ଶୁଣୁଛି କାନ ପାତି। ଏହା ଶୁଣି ନ ସାରୁଣୁ ଶୁଭୁଛି ଚାବୁକ୍‌ର ଶବ୍ଦ। ଚାବୁକ୍‌ର ପ୍ରତି ଶପାଟ୍ ଶପାଟ୍ ଶବ୍ଦରେ କୁକୁରମାନେ କୁଁ କୁଁ କାନ୍ଦୁଛନ୍ତି।

ଏହି ତୁନ୍ଦ୍ରା ଦେଶର ବରଫାବୃତ୍ତ ପଥ ଅତିକ୍ରମ କରିବାକୁ କୁକୁରମାନେ ବଡ଼ ଭୟ କରନ୍ତି। ବରଫ କାନ୍ତାର ମନ୍ଥନ କରି ଦୂରକୁ ବହୁ ଦୂରକୁ ଚାଲି ଯାଉଛି ଶବ୍ଦ ସବୁ। କ୍ଷୀଣରୁ କ୍ଷୀଣତର ହେଉଛି। ତା'ପରେ ସମସ୍ତେ ନିସ୍ତବ୍ଧ। ନିଶବ୍ଦ।

ସେମାନେ ସମସ୍ତେ ଚାଲିଗଲେଣି। କସ୍‌କୁସ୍‌ର ଜୀବନରୁ ସେମାନେ ଅପସରି ଯାଉଛନ୍ତି। ପରିଶେଷରେ କସ୍‌କୁସ୍‌କୁ ଏକାକୀ ହିଁ ରହିବାକୁ ପଡ଼ିବ। ଅସୀମ ଯାତନାର ନିଃସଙ୍ଗ କେତେ ସମୟ।

ନା, କିଏ? ଯେପରି ମୋକ୍‌ସିନ୍ ଶବ୍ଦ ତ! କଞ୍ଚା ଚମଡ଼ାର ଯୋତା ତଳେ

Digitized by srujanika@gmail.com

ବରଫ ଭାଙ୍ଗି ଭାଙ୍ଗି ଚାଲି ଯାଉଛି। କେହି ଜଣେ ଆସି ଠିଆ ହେଲା ତା' ପାଖରେ। ଧୀରେଧୀରେ ତା ମୁଣ୍ଡ ଉପରେ ହାତ ରଖିଲା। ଆଃ ପିଲାଟି କେତେ ଭଲ କାମଟିଏ ନ କରୁଛି! ଆଉ ଆଉ ପିଲାମାନେ ତାଙ୍କ ବାପାମାନଙ୍କଠାରୁ ଏପରି ଶେଷ ବିଦାୟ ନେବାକୁ ତ କେବେ ଆସନ୍ତି ନାହିଁ। ବୁଢ଼ାର ମନେପଡ଼େ। ଅତୀତ ସ୍ମୃତି ଭିତରେ କସ୍‌କୁସ୍‌ର ମନଟା ବୁଡ଼ି ଯାଉଥିଲା ସ୍ଥାନ କାଳ ବିବେଚନା ନ କରି। କିନ୍ତୁ ପୁଅର ଡାକରେ ତାକୁ ବର୍ତ୍ତମାନ ମଧ୍ୟକୁ ଫେରି ଆସିବାକୁ ହେଲା।

ସେ ପଚାରୁଛି, "ସବୁ ଠିକ୍ ଅଛି ତ ?"

ବୁଢ଼ା ଉତ୍ତର ଦେଲା - "ସବୁ ଠିକ୍ ଅଛି।"

ପୁଅ କହୁଛି - "କାଠ ପାଖରେ ହିଁ ଅଛି। ନିଆଁ ବେଶ୍ ଧିକି ଧିକି ଜଳୁଛି। ଆଜି ସକାଳର ରଙ୍ଗ ପାଉଁଶିଆ। ଥଣ୍ଡା ବଢ଼ି ଯାଉଛି। ବରଫପାତ ହେବ ଆଜି, କହିବାକୁ ଗଲେ ଏବେ ବି ପଡୁଛି।"

ବୃଦ୍ଧ କହିଲା, "ହଁ ଏବେ ବି ବରଫ ପଡୁଛି।"

ପୁଅ କହିଲା, "ଆମ ଦଳଟା ଆଗେଇ ଯାଉଛନ୍ତି। ସ୍ଲେଜ୍‌ରେ ବହୁତ ବୋଝ। ଆଉ ଏଣେ ସମସ୍ତଙ୍କ ପେଟ ଖାଲି। ଖାଇବାକୁ ପାଇ ନାହାନ୍ତି ଏଇ କେତେ ଦିନ ହେଲା ଏମାନେ। ଯିବାକୁ ପଡ଼ିବ ଅନେକ ଦୂର। ଏମାନେ ଚାଲି ବି ଥାନ୍ତି ଖୁବ୍ ଶୀଘ୍ର ଶୀଘ୍ର। ମୁଁ ତା' ହେଲେ ଯାଉଛି। ତୁମର ସମସ୍ତ ଠିକ୍ ଅଛି ତ ?"

ବୁଢ଼ା କହିଲା, "ହଁ ଠିକ୍ ନ ଅଛି ତ ଆଉ କ'ଣ ! ମୁଁ ତ ଗତ ବର୍ଷର ପୁରୁଣା ପତ୍ର। ଡାଳରେ କିପରି ଯେ ରହି ଯାଇଛି ଜାଣେନା। ଟିକିଏ ପବନ ହେଲେ ଖସି ପଡ଼ିବି। ମୋ ଗଳାରୁ ଯେଉଁ ସ୍ୱର ବାହାରୁଛି ତାହା ବି ବୁଢ଼ାମାନଙ୍କ ପରି। ପାଦ ଯେତେବେଳେ ଚଳାଏ ଆଖି ତାକୁ ବାଟ ଦେଖାଏ ନାହିଁ। ପାଦ ବି ପଡ଼ିବାକୁ ଚାହେଁନା। ଓଜନିଆ ଲାଗେ ଗୋଡ଼ ଦୁଇଟା। ବଡ଼ ଶ୍ରାନ୍ତ। ସବୁ ଠିକ୍ ଅଛି।"

ମୁଣ୍ଡ ତଳକୁ କରି ନିଜ ମନକୁ ମନ ଗପୁଛି କସ୍‌କୁସ୍। ସେ ଦିଗରେ ଦୂରକୁ ଦୂରକୁ ଚାଲି ମିଳାଇ ଯାଉଛି ତା' ପୁଅର ପାଦ ଶବ୍ଦ। ଏ ପର୍ଯ୍ୟନ୍ତ ତା'

Digitized by srujanika@gmail.com

କାନକୁ ବରଫ ଭାଙ୍ଗିବାର ଶବ୍ଦ ଆସୁଥିଲା ବହୁ ଦୂରରୁ। ଆଉ ଆସୁ ନାହିଁ। ଏବେ ଡାକିଲେ ବି ପୁଅ ଶୁଣିପାରିବ ନାହିଁ। ଅବଶ୍ୟ ବୃଦ୍ଧର ଡାକିବାର ଇଚ୍ଛା ନଥିଲା। କାହିଁକି ଡାକିବ ? ଡାକି କି ଲାଭ ? ସେ ଚିନ୍ତା ବି ଆସେ ନାହିଁ କସ୍‌କୁସ୍‌ର ମୁଣ୍ଡକୁ। ତା'ର ଚିନ୍ତା କାଠ କେତେ ଖଣ୍ଡକୁ ନେଇ। ପୁଣି ଥରେ ହାତ ବଢ଼ାଇ ଦେଖିନେଲା କାଠ ସବୁ ଠିକ୍ ଅଛି ନା ନାହିଁ ପାଖରେ। ଏ କାଠ କେତେ ଖଣ୍ଡ। ତା'ର ଆଉ ମୃତ୍ୟୁର ମଝିରେ ଯାହା କିଛି ବ୍ୟବଧାନ ଅଛି ତା' ଏଇ କାଠ ଖଣ୍ଡ କେତେକୁ ନେଇ। ପରମାୟୁ କେତେ କ୍ଷଣ ? ସିଧା ଉତ୍ତର – କାଠ କେତେ ଖଣ୍ଡ ଜଳୁଛି ଯେତେବେଳ ଯାଏଁ। ଗୋଟିଏ ଗୋଟିଏ କରି କାଠ ଛେଲା ପାଉଁଶ ହୋଇଯିବ ଜଳି ଆଉ ପାଦେ ପାଦେ କରି ମୃତ୍ୟୁ ତା' ନିକଟରୁ ନିକଟତର ହେବ। ଶେଷ କାଠ ଖଣ୍ଡ ଜଳି ସାରିବା ପରେ ପରେ ହିଁ ଏ ତୁନ୍ଦ୍ରାର ତୁଷାରପାତ କଷ୍ଟ ଅସହ୍ୟ ହୋଇ ଉଠିବ ତା' ପକ୍ଷରେ। ପ୍ରଥମରୁ ପାଦ ଦୁଇଟା ଅବଶ ହୋଇ ପଡ଼ିବ, ତା'ପରେ ହାତ ଦୁଇଟି। ତା'ପରେ ପ୍ରତ୍ୟଙ୍ଗରୁ ଅଙ୍ଗକୁ କରି ସମସ୍ତ ଶରୀରରେ ଜଡ଼ ଭାବଟା ବିଛାଇ ହୋଇଯିବ କ୍ରମଶଃ। ତା'ପରେ ମୁଣ୍ଡଟା ନଇଁ ପଡ଼ିବ ଆଣ୍ଠୁ ଉପରେ। ସେ ଶାନ୍ତି ପାଇବ। ସହଜ ତ ! ମରିବା। ତା' ତ ସମସ୍ତଙ୍କୁ ମରିବାକୁ ହେବ।

ନା, ଅଭିଯୋଗ ନାହିଁ କସ୍‌କୁସ୍‌ର। ଏହା ହିଁ ଜୀବନର ଧାରା। ଅନ୍ୟାୟ କିଛି ଏଠାରେ ନାହିଁ। ମାଟି ବୁକୁରେ ତା' ଜନ୍ମ। ମାଟି ବୁକୁରେ ବିତାଇଲା ଏତେ ଦିନ। ମାଟି ଦେବତାଙ୍କ ଆଉ କ'ଣ ଚାହିଦା ଜାଣେନା କସ୍‌କୁସ୍। ଦେହଧାରୀ ସମସ୍ତଙ୍କୁ ହେବ ମାଟିର ଏ ଚାହିଦା। ପ୍ରାଣୀ ବୋଲି ଗୋଟିଏ ଗୋଟିଏ ସତ୍ତା ଯେଉଁ ପଦାର୍ଥ, ତା' ଉପରେ କୌଣସି ସ୍ନେହ ନାହିଁ ଏ ପ୍ରକୃତିର। ତାହାର ଯାହା କିଛି ଦରଦ, ତାହା ଗୋଷ୍ଠୀ ଉପରେ। କସ୍‌କୁସ୍ ଶିକ୍ଷିତ ନୁହେଁ ସ୍ୱଭାବତଃ ଚିନ୍ତାଶୀଳ ବି ନୁହେଁ। କିନ୍ତୁ ସାରା ଜୀବନର ଅଭିଜ୍ଞତା ନିକଟରୁ ଏହି ପରମ ସତ୍ୟ ପାଇ ସେ ନିଶ୍ଚିନ୍ତ ହୋଇଛି। ଗୋଟିଏ ମନୁଷ୍ୟ ପ୍ରକୃତି ଦୃଷ୍ଟିରେ ତୁଚ୍ଛ ସେ ବଞ୍ଚୁ ଅବା ମରୁ। କିଛି ଆସେ ଯାଏନା। ଜୀବନ ଧାରାର ପ୍ରଥମ ମୋଡ଼ ହେଲା ଅଙ୍କୁର। ଦ୍ୱିତୀୟ ମୋଡ଼ ଶ୍ୟାମଳ ସମାରୋହ ମଧ୍ୟରେ କଢ଼ିର ଆବିର୍ଭାବ। ଶେଷ ମୋଡ଼ରେ

Digitized by srujanika@gmail.com

ହଳଦିଆ ପତ୍ର ଧରା ଶଯ୍ୟାରେ ପତନ।

ତେବେ ଗୋଟିଏ କର୍ତ୍ତବ୍ୟ, ଗୋଟିଏ ଦାୟିତ୍ୱ ପ୍ରକୃତି ମଣିଷ ଦେହରେ ଚାପି ଦେଇଛି। ନ କଲେ ବି ସେ ନିଷ୍ଠାର ସହିତ ମରିବ। ଅବଶ୍ୟ କରେ ଯଦି ତେବେ ମଧ୍ୟ ତାକୁ ମରିବାକୁ ହିଁ ହେବ। ସେ କାମଟା ହେଲା ପ୍ରଜାପତିଟାକୁ ବଞ୍ଚାଇ ରଖିବା।

ଧର ଏହି କସ୍‌କୁସ୍‌ର କଥା। ଏହାର ଏ ଗୋଷ୍ଠୀ। ବହୁତ ବହୁତ ପୁରାତନ। କସ୍‌କୁସ୍ ଯେତେବେଳେ ପିଲା ସେ ବୁଢ଼ା ଦେଖିଛି ଅନେକ। ସେହି ବୁଢ଼ାଙ୍କଠାରୁ ଗଳ୍ପ ଶୁଣିଛି ତାଙ୍କ ଶୈଶବରେ ସେମାନେ କମ୍ ବୃଦ୍ଧ ଦେଖି ନାହାନ୍ତି। ଅର୍ଥାତ୍ ଗୋଷ୍ଠୀଟା ବଞ୍ଚିଛି, ପୁରୁଷ ପୁରୁଷ ଧରି। ପ୍ରକୃତିର ବିଧାନକୁ ସମ୍ମାନ ଦେଇ ସନ୍ତାନ ଉତ୍ପନ୍ନ କରି ଯାଉଛି ବୋଲି। ଗୋଟିଏ ଗୋଟିଏ ଜନ୍ମ ଆସେ ପୁଣି ମିଳାଇ ଯାଏ। ନିଦାଘର ଆକାଶରେ ଲଘୁ ମେଘବତ୍ ନିଶ୍ଚିନ୍ତ ହୋଇଯାଏ ଚକ୍ଷୁ ସମକ୍ଷରେ। ଏକାନ୍ତ କ୍ଷଣସ୍ଥାୟୀ ସେ ସବୁ। ଏବେ ସେ ବି ଯିବ ନିଶ୍ଚିହ୍ନ ହୋଇ। ପ୍ରକୃତିର କ'ଣ ଅଛି ? ଗୋଟିଏ ମାତ୍ର ଦାୟିତ୍ୱ ଗୋଟିଏ ମାତ୍ର ବିଧାନ ପ୍ରକୃତିର। ଏଇ ଯେ କହିଲି ସେ ଦାୟିତ୍ୱ ହେଲା ବଂଶରକ୍ଷା। ସେ ପରିଣାମ ହେଲା ମୃତ୍ୟୁ। କିପରି ହେବ ବଂଶରକ୍ଷା ? ଚମତ୍କାର ବ୍ୟବସ୍ଥା ପ୍ରକୃତିର। ଗୋଟିଏ ଛୋଟ ଝିଅ ବଡ଼ ହେଲା ଆସ୍ତେ ଆସ୍ତେ। ଦେଖୁ ଦେଖୁ ସେ ରମଣୀୟ ହୋଇଉଠିଲା। ଅବୟବ ପୁଷ୍ଟ ହେଲା। ବୁକୁଟା ହୋଇ ଉଠିଲା ପୀନୋନ୍ନତ। ଆଖିରେ ତା'ର ଆଲୁଅର ଖେଳ। ପଦକ୍ଷେପରେ ଲାସ୍ୟଲୀଳା। ଏବେ ତା'ର କାର୍ଯ୍ୟର ସମୟ ଉପସ୍ଥିତ। ତରୁଣମାନଙ୍କ ଉପରେ ପଡ଼ି ସେ ଘନିଷ୍ଠତା ବାନ୍ଧେ। ଚକ୍ଷୁ ଜଳଜଳ, ପ୍ରତି ପଦକ୍ଷେପ ଚପଳ ଚଞ୍ଚଳ। ନିଜର ଅସ୍ଥିରତା ସେ ସଙ୍କ୍ରମଣ କରିଦିଏ ତରୁଣମାନଙ୍କ ମଧ୍ୟରେ। ଶେଷରେ ଏହି ତରୁଣମାନଙ୍କ ମଧ୍ୟରୁ ଯିଏ ଶିକାର କରିବାରେ ଦକ୍ଷ, ଆଉ ଗୋଟିଏ ଅଧିକ ପେଟ ପୋଷିବାକୁ ସକ୍ଷମ, ସେ ଆଉ ନିଜକୁ ସଂଯତ ରଖିପାରେ ନାହିଁ। ଦିନେ ସେ ଝିଅକୁ ନେଇ ପୂରାଇ ଦିଏ ନିଜ ତମ୍ବୁରେ। କହେ, ଏହିଠାରେ ବସି ମୋ ପାଇଁ ରନ୍ଧାବଢ଼ା କର, ଗୃହ ଜଞ୍ଜାଳ ସମ୍ଭାଳ, ମୋର ପୁଅ, ଝିଅଙ୍କୁ ଜନ୍ମ ଦେ। ଯଥା ସମୟରେ ସନ୍ତାନ ଜାତ ହୁଅନ୍ତି। ଗୋଟିଏ ଗୋଟିଏ

Digitized by srujanika@gmail.com

ଆସନ୍ତି ଆଉ ମା' ହେଇଯାଏ ହତଶ୍ରୀ। ହାତ ପାଦରେ ବଳ ନଥାଏ। ଆଖି ଧୂଆଁଳିଆ ଦିଶେ। ନିଆଁ ପୁହାଁଇବା ବେଳେ ବୁଢ଼ୀ ତା'ର ନିଜ ପିଲା ପିଚିକାଙ୍କୁ ଦେଖି ଖୁସି ହେବା ଛଡ଼ା ଆଉ କଛି ନଥାଏ। ତା'ର କାମ ସରିଛି। ଏବେ ଟିକିଏ ଖାଦ୍ୟାଭାବ ଦେଖା ଦେଲେ ଛାଉଣୀ ଭାଙ୍ଗି ପିଲାଏ ଦୂର ଦୂରାନ୍ତରକୁ ପାଦ ବଢ଼ାଇବେ ତାକୁ ପଛରେ ପକାଇ। ଗୋଟିଏ ବିଡ଼ା ଶୁଷ୍କ କାଠ ତା' କୋଳରେ ଦେଇ, ବରଫ ଉପରେ ବସାଇ। ସେ ତା'ପରେ ଏକା! ଅସହାୟ। ଯେପରି ଆଜି ହୋଇପଡ଼ିଛି କସ୍‌କୁସ୍। ଏଥିପାଇଁ ଆପତ୍ତି ଅଭିଯୋଗ କିଛି ନାହିଁ। ଏଇ ତ ନିୟମ।

କସ୍‌କୁସ୍ ଖଣ୍ଡିଏ ଛେଲା କାଠ ଦେଲା ଜ୍ୱଳନ୍ତ ନିଆଁ ଭିତରେ। ତା'ପରେ ପୁଣି ବୁଡ଼ି ରହିଲା ଚିନ୍ତାରେ। ସବୁଠାରେ ଏହି ଗୋଟିଏ ହିଁ ବ୍ୟାପାର। ତୁଷାରପାତ ହେଲେ ମଶାର ବଂଶ ନିପାତ ହୁଏ। ଅଧିକ ଗରମ କିମ୍ବା ଶୀତରେ ବଣ ବିରାଡ଼ି ସବୁ କିଛି କୋରଡ଼ରେ ଲୁଚି ରହନ୍ତି ଆଉ ସେହିଠାରେ ହିଁ ମରନ୍ତି। ଠେକୁଆ ବୁଢ଼ା ହେଲା, ଦୌଡ଼ିବା ବେଗ କମିଗଲା, କୋକିଶିଆଳି ନେଇ ତାକୁ ଖାଇଲା। କସ୍‌କୁସ୍‌ର ବାପ ବି... ହଁ କସ୍ କୁସ୍ ତା'ର ବାପାକୁ ନିଜେ ହିଁ ବରଫ ଉପରେ ବସେଇ ରଖି ଏପରି ଭାବରେ ଚାଲି ଆସିଥିଲା ଦିନେ ଶ୍ଲନ୍ ଡାଇକ୍ ନଦୀ କୂଳରେ। ଏଠାରୁ ଅନେକ ଦୂର। ଯେଉଁ ବର୍ଷ ସେହି ପାଦ୍ରି ସାହେବ ଆସିଥିଲେ ସେଇ ବର୍ଷ। ଓହୋଃ କେତେଗୁଡ଼ିଏ ଖାଇ ପାରୁଥିଲା ସେ ପାଦ୍ରିଟା। ନିଜେ ତ ଶିକାରରେ ଅକର୍ମଣ୍ୟ, ଅନ୍ୟମାନେ ଶିକାର କରି ଆଣିଲେ ସେ ତା'ର ପତ୍ର ପକାଇବ। ଆଉ ସବୁଠାରୁ ବଡ଼ ଭାଗ ତାହାର। ମେୟୋ ନଦୀ କୂଳରେ ଯେତେବେଳେ ତାଙ୍କର ଛାଉଣୀ, କସ୍‌କୁସ୍‌କୁ ଥଣ୍ଡା ଲାଗିଲା। ପାଦ୍ରିର ନିଜ ଔଷଧ ବାକ୍‌ସ ଥିଲା। ଅନେକଙ୍କ ରୋଗ ଆରାମ କରିଥିଲା ସେ। କିନ୍ତୁ ନିଜ ଅସୁଖ ଛଡ଼ାଇ ପାରି ନଥିଲା। ସେ ମରିଗଲା। କବର ଦିଆ ଯାଇଥିଲା ବରଫ ଖୋଳି। କିନ୍ତୁ କୁକରମାନେ କମ୍ ବଜ୍ଜାତ ତ ନୁହନ୍ତି। ଉପରକୁ ପଥର ଠେଲି କିଛି ଦିନ ପରେ ପାଦ୍ରିକୁ ବାହାର କରି ଆଣିଥିଲେ। ତା'ର ହାଡ଼ ମାଂସ ନେଇ ସେମାନଙ୍କ ମଧ୍ୟରେ କି ପ୍ରଚଣ୍ଡ ଗଣ୍ଡଗୋଳ!

ଆଉ ଖଣ୍ଡିଏ ଛେଲା କାଠ ନିଆଁ ଭିତରେ ପକାଇଲା କସ୍‌କୁସ୍। ତେବେ

Digitized by srujanika@gmail.com

ବି ଭାବି ଚାଲିଛି। ଆହୁରି ଅଧିକ ପୁରାତନ ଦିନର ସବୁ କଥା। ସେ ଅକାଳର କଥା। ବୁଢ଼ାମାନେ ସେତେବେଳେ ନିଆଁର ଚାରି ପାଖରେ ବସି ପାକୁଆ ପାଟିରେ ଗଳ୍ପ କରୁଥିଲେ-କିପରି ଲାଗ୍ ଲାଗ୍ ତିନି ବର୍ଷ ଗ୍ରୀଷ୍ମ କାଳରେ ଇଉକନ୍ ଜମିଯାଇ ବରଫର ବିସ୍ତୃତ ପଡ଼ିଆ ହୋଇ ଯାଇଥିଲା। ପୁଣି ଶୀତରେ ସେ ବରଫ ତରଳି ଚାରିଆଡ଼େ ଛାଇ ହୋଇ ଯାଇଥିଲା ସେହି ଇଉକନ୍‌ର ପାଣିରେ। ବଡ଼ ଅସ୍ୱାଭାବିକ ବ୍ୟାପାର। ତା'ପରେ ଯେ ଏତେ ବଡ଼ ଦୁର୍ଭିକ୍ଷ ହେଲା ସେଥିରେ କସ୍‌କୁସ୍‌ର ମା' ମରିଗଲେ। ଗରମ ଦିନେ ନଦୀରେ ସାମାନ୍ୟ ମାଛର ସ୍ରୋତ ଆସିଥାଏ। ସେଥର ତାହା ବି ଆସି ନଥିଲା। ଲୋକେ ଭାବିଲେ ଶୀତ ଦିନରେ ହରିଣପଲ ଆସିବେ ନିଶ୍ଚୟ। ସେମାନେ ବି ଆସି ନଥିଲେ। ଠେକୁଆମାନଙ୍କ ବଂଶ ବୃଦ୍ଧି ନାହିଁ। କୁକୁର ସବୁ ହୋଇଗଲେ ଅସ୍ଥିସାର। ସାରା ଅନ୍ଧକାର ରାତି ପିଲା ଛୁଆମାନେ କାନ୍ଦନ୍ତି ଚିଁ ଚିଁ କରି। ମରି ବି ଯାଆନ୍ତି ଦିନେ। ଶିଶୁ ମରେ। ବୁଢ଼ା ବୁଢ଼ୀ ମରନ୍ତି। ବସନ୍ତ ଋତୁ ଆସିଲା ପୁଣି। ଦଳର ଦଶ ଜଣଙ୍କ ମଧ୍ୟରୁ ନଅ ଜଣ ମରି ଯାଇଛନ୍ତି।

ତା' ବୋଲି ଭଲ ଦିନ ଦେଖିନି କସ୍‌କୁସ୍ ସେମିତି ନୁହେଁ, ତା' ବି ଦେଖିଛି। ମାଂସ ଖାଇ ଖାଇ ଅରୁଚି। କେତେ କେତେ ଫିଙ୍ଗି ଦେଇଛି ସେ। କୁକୁର ସବୁ ଖାଇ ଖାଇ ମୋଟା ହୋଇଗଲେ। ଆୟଉ ବାହାରେ ହୋଇପଡ଼ିଲେ ଏକଦମ୍। ସମ୍ମୁଖରେ ହରିଣ ଚାଲି ଯାଉଛନ୍ତି। ସେମାନେ ତାଙ୍କୁ ମାରିବାକୁ ଚେଷ୍ଟା ବି ତ କରୁନଥିଲେ। କ'ଣ ହେବ ? କିଏ ଖାଇବ ? ଘରେ ଘରେ ଏନ୍ତୁଡ଼ି ଶାଳ। ପିଲା ପିଚିକାରେ ତମ୍ବୁ ସବୁ ଭରିଗଲା। ପୁରୁଷମାନଙ୍କ ପେଟ ବାହାରିଲା। ବସି ବସି କେଉଁ କାଳର ଝଗଡ଼ା ନେଇ ବ୍ୟସ୍ତ ସଭିଏଁ।

ସେଇ, ସେତେବେଳକୁ କସ୍‌କୁସ୍ ପିଲା। ଦିନେ ଦେଖିଲା ହେଟା ବାଘର ଆକ୍ରମଣରେ ଗୋଟିଏ ବଡ଼ ହରିଣ ମରିଗଲା। ସେହି ମହିଷ ପରି ପ୍ରକାଣ୍ଡ ହରିଣ। ଏପରି ଦେଖିବାକୁ ସେ ବଡ଼ ନିରୀହ କିନ୍ତୁ ରାଗିଲେ ଲଢ଼ାଇ କରେ ଗୁଣ୍ଡା ବାଇସନ ପରି। କସ୍‌କୁସ୍ ଆଉ ଜିଙ୍ଗା ଉଭୟେ ଦେଖିଥିଲେ ସେ ହରିଣର ମୃତ୍ୟୁ। ସେହି ଯେ ଜିଙ୍ଗା ମସ୍ତ ଶିକାରୀ ହୋଇ ଉଠିଥିଲା ପରେ। ମରିଗଲା ବରଫର ଫାଟରେ ଗଳି ଇଉକେନ୍‌ରେ ପଡ଼ିଯିବା ଫଳରେ। ମାସେ ପରେ ବରଫ ତରଳିଲାରୁ

Digitized by srujanika@gmail.com

ତା'ର ଦେହ ମିଳିଥିଲା ବରଫ ଫାଙ୍କରୁ। ଚାରି ହାତ ଗୋଡ଼ରେ ବରଫକୁ ଆଞ୍ଚୁଡ଼ା ଆଞ୍ଚୁଡ଼ି କରି ବାହାରିବାର ଆପ୍ରାଣ ଉଦ୍ୟମ କରିଥିଲା। ସେହି ଅବସ୍ଥାରେ ହିଁ ବରଫ ଭିତରେ ଜମିଗଲା ମନୁଷ୍ୟଟା।

ହଁ ସେ ବଡ଼ ହରିଣଟା। ଜିଙ୍ଗା ଆଉ କସ୍‌କୁସ୍ ଯାଇଥିଲେ ଶିକାର ଖୋଜିବାକୁ। ସେମାନଙ୍କ ବାପମାନେ ସତସତିକିଆ ଶିକାର କରନ୍ତି। ଏମାନେ ଶିକାର ଖେଳନ୍ତି। ଖଣିର ବରଫ ଜମାଟ ବାନ୍ଧି ଯେଉଁଠି ନାଳରେ ପରିଣତ ହୋଇଛି, ସେଠାରେ ବରଫ ଉପରେ ସେମାନେ ଦେଖିଲେ ପାଦର ଅନେକ ଅନେକ ଦାଗ। ଗୋଟିଏ ଦାଗ ବଡ଼ ହରିଣ ପାଦର। ଅନେକଗୁଡ଼ିଏ ଦାଗ ହେଟା ବାଘର। ଅନେକ ହେଟା ବାଘ ଚାରିଆଡ଼ୁ ଘେରି ରହିଛନ୍ତି ଗୋଟିଏ ବଡ଼ ହରିଣକୁ। ଏହା କିପରି ବା ସମ୍ଭବ ହେଲା? ହରିଣମାନେ ତ ଦଳବଦ୍ଧ ହୋଇ ଚରନ୍ତି। ଏ ଗୋଟାକ ଦଳଛଡ଼ା ହେଲା କିପରି? ଦଳ ଭିତରେ ଥିଲେ ହରିଣର କୌଣସି ଭୟ ନାହିଁ। ହେଟା ବାଘ ତ ତୁଚ୍ଛ, ଛାର ପୁମା ବା ବାକୁୟାରର ମଧ୍ୟ ଭୟ ନଥାଏ। ଯେଉଁମାନଙ୍କୁ ଲୋକେ କୁହନ୍ତି ଆମେରିକାର ସିଂହ ଓ ବାଘ।

ଯାହା ହେଉ, ଏ ହରିଣଟା ଦଳଛଡ଼ା ହୋଇ ପଡ଼ିଛି। ହୁଏତ ପାଦ ଜଖମ ହୋଇଥିବ। ହୁଏତ ଦଳ ସହିତ ସମାନ ବେଗରେ ଚାଲି ପାରିନଥିବ। ଟିକିଏ ପଛେଇ ପଡ଼ିବାରୁ ଦଳେ ହେଟା ବାଘଙ୍କ ପାଲରେ ପଡ଼ିଯାଇଛି। ସେମାନେ ତ ସବୁଠାରେ ରହୁଛନ୍ତି ନା! ଗୋଟିଏ ଦୁଇଟି ହେଟା ବାଘ ଅବଶ୍ୟ ବଡ଼ ହରିଣକୁ ଅବା ମଣିଷକୁ ହଇରାଣ କରିବାକୁ ସାହସ କରନ୍ତି ନାହିଁ। କିନ୍ତୁ ଦଳରେ ଯଦି ପଚାଶଟା ହେଟା ବାଘ ଥିବେ ସେତେବେଳେ ସେମାନେ ଆଉ କାହାକୁ ଭୟ କରନ୍ତି ନାହିଁ। ବଡ଼ ହରିଣ ଆଉ ହେଟା ବାଘର ପାଦ ଚିହ୍ନ ଧରି ଅନେକ ଦୂର ପର୍ଯ୍ୟନ୍ତ ବୁଲି ଯାଇଥଲେ ଏହି ଜିଙ୍ଗା ଓ କସ୍‌କୁସ୍। ପରେ ଚାରି ପାଞ୍ଚଟା ମୃତ ହେଟା ବାଘ ଦେଖିଥିଲେ ବାଟରେ। ବଡ଼ ହରିଣର ମାଡ଼ରେ ତାହାର ପଞ୍ଜରା ହାଡ଼ ଭାଙ୍ଗିଛି। ତା'ର ଦେହ ଚାପରେ କିଏ ବରଫରେ ବୁଡ଼ି ଯାଇଛି। କିଏ ଚିତ୍ ପଟାଙ୍ଗ ହୋଇ ପଡ଼ିଛି ଅର୍ଥାତ୍ ଅତିକାୟ ହରିଣ ସୁଦ୍ଧା ଧରାଶାୟୀ ହେବାକୁ ବାଧ୍ୟ ହୁଏ ସମୟରେ। ହୁଏତ ହରିଣଟା ବୁଢ଼ା। ବେଶୀ ଚାଲିବାକୁ ତା'ର ସାମର୍ଥ୍ୟ ନାହିଁ।

Digitized by srujanika@gmail.com

ବଡ଼ ହରିଣର ଶେଷ ଶଯ୍ୟା ସେମାନେ କିଛି ଦୂର ଯାଇ ଦେଖିବାକୁ ପାଇଥିଲେ। ଗୋଟିଏ ଉଚ୍ଚ ସ୍ଥାନରେ ପଡ଼ି ରହିଛି ହରିଣ ବୁଢ଼ା। ତା'ର ଚାରିଆଡ଼ୁ ହେଟା ବାଘ ପଚାଶଟା ଯାଏଁ ଘେରି ତା' ଦେହରୁ ଖଣ୍ଡ ଖଣ୍ଡ ମାଂସ ଟାଣି ଆଣି ଖାଉଛନ୍ତି।

ହରିଣ ମାଂସ କସ୍‌କୁସ୍ ବି ଖାଏ। କିନ୍ତୁ ସେ ଖାଇବା ଆଉ ଏ ଖାଇବା ? ଏମାନଙ୍କ ଭୋଜି ପରି ବୀଭତ୍ସ ଜିନିଷ ସେ କେବେ ଦେଖି ନଥିଲା। ହଠାତ୍ ଗୋଟିଏ ଶବ୍ଦ ଶୁଣି ଚମକି ଉଠିଲା ବୃଦ୍ଧ କସ୍‌କୁସ୍। ଚିନ୍ତାଧାରା ଛିନ୍ନ ହୋଇଗଲା ଗୋଟିଏ ମୁହୂର୍ତ୍ତରେ। ସଂକ୍ଷିପ୍ତ ଗୋଟିଏ ହିଂସ୍ର ଡାକ। ହେଟା ବାଘ। ତା'ର ହିଁ ଡାକ। ସେମାନେ ସଂକେତ ପାଇଲେଣି ଯେ ଗୋଟିଏ ବୁଢ଼ା ହରିଣ – ନା – ନା ଗୋଟିଏ ମଣିଷ ପଡ଼ିଛି ଚଳତ୍‌ଶକ୍ତି ରହିତ ହୋଇ। ଗୋଟିଏ ଡାକ। ସେ ଡାକ ପବନରେ ମିଳେଇ ଯାଉ ନ ଯାଉଣୁ ବରଫ କାନ୍ତାରର ଶତ ଶତ ରନ୍ଧ୍ରରୁ ସେ ଡାକ ସହିତ ତାଳ ମିଳାଇ ଡକା ପକାଇଲେ ଶହ ଶହ। ଆସୁଛନ୍ତି। ସେମାନେ ସବୁ ଏ ଦିଗକୁ ହିଁ ଆସୁଛନ୍ତି। କାଠ ଛେଲା ଖଣ୍ଡିଏ ଦୁଇ ଖଣ୍ଡ ଏବେ ବି ରହିଛି। ସବୁ କାଠକୁ କସ୍‌କୁସ୍ ନିଆଁ ଭିତରକୁ ଫୋପାଡ଼ି ଦେଲା। ନିଆଁଟା ଭଲ ଭାବରେ ଜଳି ଉଠିଲେ ଭୟ ପାଇ ଯଦି ଅବା ପଛେଇ ଯିବେ ସେମାନେ। ଇସ୍ ସେମାନେ କ'ଣ ଭୟ ପାଇବା ଜନ୍ତୁ! କିଛି କ୍ଷଣ ପରେ ଦୃଷ୍ଟିହୀନ କସ୍‌କୁସ୍ ଅତି ନିକଟରେ ଶୁଣିବାକୁ ପାଇଲା ଗୋଟିଏ ଧଁ ସଁ ହେଉଥିବା ନିଶ୍ୱାସର ଶବ୍ଦ। ହେଟା ବାଘ ଆସିଛି। କସ୍‌କୁସ୍ ନିଆଁରୁ ଖଣ୍ଡିଏ ଦରପୋଡ଼ା କାଠ ଆଣି ତା' ନିଜ ସମ୍ମୁଖରେ ଧରି ରଖିଲା। ଗୋଟିଏ ନିମ୍ନ ଗଳାର ଗର୍ଜନ। ଆଉ ଗୋଟିଏ। ଆଉ ଗୋଟିଏ। କେଉଁ ଦିଗକୁ ରକ୍ଷା କରିବ ବୁଢ଼ା। ଚାରିପଟରୁ ସେମାନେ ଘେରି ଗଲେଣି। କେତେ କ୍ଷଣ ଆତ୍ମରକ୍ଷା କରିପାରିବ ? ? କ'ଣ ହେବ ଚେଷ୍ଟା କରି ? ? ? ହେଲେ ଜମାଟ ବାନ୍ଧିଯିବ ବରଫରେ ନତୁବା ଚାଲିଯିବ ହେଟା ବାଘର ପେଟକୁ। ବରଂ ଶେଷଟା ହିଁ ଭଲ। ଅଳ୍ପ ସମୟ ଭିତରେ ତୁଟିଯିବ ସମସ୍ତ କଷ୍ଟ। କସ୍‌କୁସ୍ କାଠ ଖଣ୍ଡକ ଫିଙ୍ଗି ଦେଇ ଆଣ୍ଠୁ ଉପରେ ମୁଣ୍ଡ ରଖି ବସି ରିହଲା। ଏଇ ତ ନିୟମ। ଏପରି ଭାବରେ ତ ସମସ୍ତଙ୍କୁ ଶେଷ ହେବାକୁ ପଡ଼ିବ। ଆଉ ଦୁଃଖ କ'ଣ ?

❖❖❖

('ଅଙ୍କୁର' ଜୁଲାଇ-୧୯୮୪)

Digitized by srujanika@gmail.com

ମନ୍ଦିରର ପାବଚ୍ଛ ରାଶି

(ହିନ୍ଦୀ ଗଳ୍ପର ରୂପାନ୍ତର)

ଘଟିକାର କଣ୍ଟାଦ୍ୱୟ ପରସ୍ପର ଲାଗି ରହି କାନ୍ଦୁଥିଲେ। ମମତା ଗାଲ ପରେ ହାତରଖି ଚୁପ୍ ହୋଇ ବସିଥିଲା। ଆଖିର ଜ୍ୟୋତି ଏକାବେଳକେ ନିଷ୍ପ୍ରଭ। ରେଶମୀ କୁନ୍ତଳରାଶି ଶୁଷ୍କ। ତାହାର ଲାଲ ମୁଖମଣ୍ଡଳ ପର୍ଯ୍ୟୁଷିତ ପୁଷ୍ପ ପରି ମଉଳି ଯାଇଥିଲା। ଥରେ ଥରେ ଭୀଷଣ ବେଦନା ମୁଖମଣ୍ଡଳରେ ପ୍ରକାଶ ପାଉଥିଲା। ମମତା ଭାବିଲା ତେବେ କେତେ ଦିନ ପର୍ଯ୍ୟନ୍ତ ସେ ନିଜକୁ ଭୁଲାଇ ରଖିବ। ଯେଉଁ ସ୍ମୃତି ସାଗର ତାହାର ହୃଦୟରେ ମାଡ଼ି ପଡୁଥିଲା ଅନେକ ପ୍ରଯତ୍ନ କରି ମଧ୍ୟ ସେ ତାହାକୁ ଅଟକାଇ ପାରୁନଥିଲା। ଆଜି ମଧ୍ୟ ସେ ଜଣା ଅଜଣା ଅତୀତ ସ୍ମୃତି ଉପରେ ରଙ୍ଗ ବୋଳି ଦେଇଥିଲା।

ବାଲ୍ୟକାଳରୁ ସେ ଶେଖର ସାଥୀରେ ରହିଥିଲା। ଶେଖରକୁ ଭାଇ ବୋଲି ଡାକିବା ପାଇଁ ତାହାକୁ କେବେ ଶିକ୍ଷା ଦିଆଗଲା ତାହାର ମନେ ନାହିଁ। ବାଲ୍ୟକାଳରୁ ଶେଖର ତାହାକୁ ପଢ଼ାଉଥିଲା। ଯେବେ ମମତାକୁ ପାଠ (କୋର୍ସ ଅର୍ ଆଡଭାଇସ୍) ଆସୁନଥିଲା ଶେଖର ତାକୁ ମାଡ଼ ମଧ୍ୟ ଦେଉଥିଲା। ସେ ଗୋଟିଏ କଣରେ ବସି କାନ୍ଦୁଥିଲା ଏବଂ ସେହିପରି ଅବସ୍ଥାରେ ଶୋଇ ମଧ୍ୟ ପଡୁଥିଲା। ସନ୍ଧ୍ୟାରେ ଯେବେ ଶେଖରକୁ ଅବକାଶ ମିଳୁଥିଲା ସେ ଆସି ତାହାକୁ ଜାଗ୍ରତ କରେ। ସେ ରାଗିଯିବା ପରି ହୋଇ ମୁହଁ ଫୁଲାଇ ବସିରହେ। ଶେଖର ତାକୁ କୌଣସିମତେ ହସାଇବାକୁ

Digitized by srujanika@gmail.com

ଚେଷ୍ଟା କରେ କିନ୍ତୁ ସେ ପାଷାଣ ପ୍ରତିମା ପରି ନିଶ୍ଚଳ ରହେ। ଶେଷରେ ତାହାକୁ ସେ କୁତୁକୁତୁ କରି ହସାଇ ଦେଉଥିଲା, ମନାଇ ନେଉଥିଲା। ତା'ପରେ ଯିବା ସମୟରେ ସେ କହେ, "ମମତା ମାଡ଼ ଦବା କଥା କାହାକୁ କହିବୁନି।"

ଉତ୍ତରରେ ସେ କିଟିକିଟିଆ ଚେହେରା କରି କହେ, "ଆଚ୍ଛା! ମୁଁ ତ ନିଶ୍ଚୟ କହିବି। ତୁମେ ମୋତେ ମାରୁଛ କାହିଁକି?" ଏହା କହି ସେ ପଳାଇ ଯାଉଥିଲା। କିନ୍ତୁ କେବେ ମଧ୍ୟ ସେ ତାହାର ଶେଖର ଭାଇଙ୍କ କଥା କାହାକୁ କହି ନାହିଁ।

ଶେଖର ଏବଂ ମମତା ଯୌବନାବସ୍ଥାରେ ପଦାର୍ପଣ କଲେ। ଶେଖର କଲେଜରେ ପଢ଼ିବା ପାଇଁ ସହରକୁ ଚାଲିଗଲା। ଛୁଟି ହେଲେ ସେ ଆସେ ଏବଂ ମମତା ଏବଂ ଶେଖରର ପିଲାଦିନର କଥା ମନେପଡ଼େ। ମାତୃହୀନ ଶେଖର ପାଇଁ ମମତାର ହୃଦୟରେ ଅଗାଧ ପ୍ରେମ (ସ୍ନେହ) ଥିଲା। ସେ ନୂଆ ନୂଆ ଖାଦ୍ୟ ପ୍ରସ୍ତୁତ କରି ତା' ଶେଖରକୁ ଛୋଟପିଲା ପରି ଖୁଆଏ। ଏପରି କରିବା ଦ୍ୱାରା ତାହାକୁ ଗୋଟିଏ ଅଲୌକିକ ସୁଖ ଏବଂ ଶାନ୍ତିର ଅନୁଭବ ହୁଏ।

ଶେଖର ତାହାର ଏହି ଗେହ୍ଲାରେ ତବା (ଅଣାୟତ୍ତ) ହୋଇଯାଏ। କେବେ ହସି ହସି କହେ "ମମତା ହୁଏତ ପୂର୍ବ ଜନ୍ମରେ ତୁ ମୋର ମା' ଥିଲୁ ଏବଂ ମୋର ଜନ୍ମ ହେଲା କ୍ଷଣି ହୁଏତ ତୁ ଚାଲିଗଲୁ (ଡେଡ୍)। ଏଥିପାଇଁ ନିଜର ସମସ୍ତ ଅତୃପ୍ତ ଆକାଂକ୍ଷାକୁ ତୁ ବର୍ତ୍ତମାନ ପୂର୍ଣ୍ଣ କରୁଛୁ।"

ମମତା ହସିପଡ଼େ ଏବଂ ତାହାର ମୁହଁରେ ମିଷ୍ଟାନ୍ନ ଭରି ଦେଉ ଦେଇ କହେ, "ଚଞ୍ଚଳ ଖାଇନିଅ, ଶିଶୁମାନେ ମା'ର କଥା ଟାଳନ୍ତି ନାହିଁ।"

ଶେଖର ଚେଷ୍ଟା କରି ମଧ୍ୟ ତାହାର ଅଧିକାର ପୂର୍ଣ୍ଣ ଆଜ୍ଞାର ଅବହେଳା କରିପାରୁନଥିଲା। ସେହି ସମୟରେ ତାହାର ଶୈଶବ ଜାଗ୍ରତ ହୋଇ ଉଠୁଥିଲା, ତାହାର ଇଚ୍ଛା ହେଉଥିଲା କି ସେ ମମତାର କୋଳରେ ଶୋଇପଡ଼ନ୍ତା।

ମମତାର ପିତାମାତାଙ୍କର ଶେଖରର ଚରିତ୍ର ପ୍ରତି ପୂର୍ଣ୍ଣ ବିଶ୍ୱାସ ଥିଲା। ସେ ଦୁହେଁ ରାତ୍ରରେ ଘଣ୍ଟା ଘଣ୍ଟା ଧରି ନଦୀ କୂଳରେ ବସି ରହୁଥିଲେ। ଦୁହେଁ, ଜଣେ ଅନ୍ୟ ଜଣକର ସରଳ ସ୍ନେହ ପାଇ ଏହା କେବେ ହେଲେ ଜାଣି ନଥିଲେ ଯେ

Digitized by srujanika@gmail.com

ମନୁଷ୍ୟମାନଙ୍କର ଭିତରେ ଆତ୍ମିକ ସମ୍ବନ୍ଧ ଛାଡ଼ି ଶାରୀରିକ ବାସନା ମଧ୍ୟ ଥାଏ। ମମତା, ଶେଖରର ସ୍ନେହ ପାଇ ଗୋଟିଏ ବିଚିତ୍ର ଗର୍ବ ଅନୁଭବ କରେ। ତାହାର ଆଖି କେବଳ ଜଣକର ପରିଚିତ ଛାୟାକୁ ଚିହ୍ନିଥିଲା। ତାହାର କାନ କୌଣସି ବିଶେଷ ଚରଣ ଚାପରେ ଏତେ ପରିଚିତ ହୋଇଯାଇଥିଲା ଯେ ତାହା ମମତାକୁ ଗଭୀରରୁ ଗଭୀରତମ ତନ୍ଦ୍ରାରୁ ମଧ୍ୟ ଜାଗ୍ରତ କରି ଦେଉଥିଲା।

ସୁଖ ମୁହୂର୍ତ୍ତଗୁଡ଼ିକୁ ଗୋଟାଇ ଦିନ ବିତି ଯାଉଥାଏ ଏବଂ ପୁଣି ଦିନେ ସହରର କୌଣସି ଧନୀ ପରିବାରରେ ମମତାର ବିବାହ ହୋଇଗଲା। ଏହା ଆଗରୁ ମମତା ଏବଂ ଶେଖରର ବିବାହ ହେବାର ଚର୍ଚ୍ଚା ହୋଇଥିଲା କିନ୍ତୁ ଶେଖର ଅସ୍ୱୀକାର କରିଦେଲା। ଯାହାକୁ ଶୈଶବରୁ ସେ ଭଉଣୀ ବୋଲି ମାନି ଆସୁଛି ହେଲେ ସେ କିପରି ତାହାକୁ ଅବା ବିବାହ ହୁଅନ୍ତା ! ଶୀବିକାରେ ବସିଥିବା ସମୟରେ ଶେଖର ତାହାକୁ କହିଲା, “ତୋର ନିଜର ଏହି ସ୍ନେହ ଏବଂ ମମତା ସ୍ଥିର ରଖିବୁ ଭଉଣୀ। ଯେବେ ଦରକାର ପଡ଼ିବ ତୁମ୍ଭର ଆଗରେ ହାତ ପାତିବି।” ମମତା ତାହାର ପଦରଜ ନିଜର ମୁଣ୍ଡରେ ଲଗାଇଥିଲା।

ଏହାପରେ ଦୁଇ ବର୍ଷ ବ୍ୟତୀତ ହୋଇଯାଇଛି। କିନ୍ତୁ ତାହାର ଶେଖର ଭାଇ ସାଥୀରେ ଭେଟ ହୋଇନଥିଲା। ସେ ଶୁଣିଥିଲା ଯେ ବାପାଙ୍କର ମୃତ୍ୟୁ ପରେ ଗ୍ରାମକୁ ସେ ତ୍ୟାଗ କରିଛନ୍ତି। ସେ ସେହି ସହରରେ ରହୁଥିଲେ ଯେଉଁଠାରେ ମମତା ରହୁଥିଲା। କିନ୍ତୁ ଦୁହିଁଙ୍କର କେବେ ସାକ୍ଷାତ ହୋଇନଥିଲା...।

ଠନ୍ ଠନ୍ ହୋଇ କାନ୍ଥରେ ମରା ହୋଇଥିବା ଘଟିକାରେ ଦୁଇ ବାଜିଲା। ମମତାର ଧ୍ୟାନ ଭାଙ୍ଗିଲା। ଅତୀତର ଅତି ସୁଖମୟ କ୍ଷଣଗୁଡ଼ିକୁ ଗୋଟାଇ ସେ ବର୍ତ୍ତମାନର ଉପରି ଭାଗକୁ ଆସିଗଲା। ସମ୍ମୁଖ ଟେବୁଲରେ ଦୁଇଟି ଥାଳି ଖାଦ୍ୟପୂର୍ଣ୍ଣ। ଦୁଇ ବାଜିବା ପର୍ଯ୍ୟନ୍ତ ରାତ୍ରରେ ଅନିଦ୍ରା ଏବଂ ଭୋକରେ ରହିବା ମମତାର ଗୋଟିଏ ସାଧାରଣ କଥା। ତାହାର ପତି ଗୋଟିଏ ମଦ୍ୟପ ଆଉ ବଦମାସ୍। ରାତ୍ରରେ ସେ ନାଚବାଲୀମାନଙ୍କ ଆଡ୍ଡାରେ ପଡ଼ି ରହୁଥିଲା। ମମତା ତାହାକୁ ନିବର୍ତ୍ତାଇବାକୁ ଚାହିଁଥିଲା। କାନ୍ଦିଥିଲା। କିନ୍ତୁ ତାହାର କୌଣସି ସଦ୍‌ଫଳ ଫଳି ନଥିଲା। କେବେ କେବେ ହୁଏତ ଏହି କଥା ନେଇ ତାହାକୁ ମାଡ଼, ଗୋଇଠା

Digitized by srujanika@gmail.com

ଇତ୍ୟାଦି ଖବର ନେଇ ଯିବାକୁ ପଡୁଥିଲା। ପତିଙ୍କର କ୍ରୂରତା ଯୋଗୁଁ ତା'ର ହସିବା ଆଗରୁ ହିଁ ମଉଳି ଯାଉଥିଲା। ଭାବନା ରାଇଜରେ ଥାଇ ଭାବନା କରି କରି ସେ ଶୋଇ ପଡ଼େ।

ମମତା ଝରକା ପାଖରେ ଛିଡ଼ାହୋଇ କୁନ୍ତଳକୁ ଉନ୍ମୋଚନ କରି ଉନ୍ମୁଖ ହୋଇ ସଡ଼କ ପାଖକୁ ଦେଖୁଥିଲା। ସଙ୍ଗେ ସଙ୍ଗେ ତାହାର ଆଖି ଚମ୍‌କି ଉଠିଲା ବିସ୍ମୟରେ।

"ରାଧିଆ ! ରାଧିଆ !" ଉତ୍କଣ୍ଠିତା ହୋଇ ବ୍ୟଗ୍ରତାର ସହିତ ସେ ଡାକିଲା।

"କ'ଣ ମାଲିକାଣୀ ?"

"ଦେଖ୍ ସେଇଆଡ଼େ, ସେ ଯେଉଁ ଖଦୀ କୁର୍‌ତା ଧୋତି ପିନ୍ଧି ବାବୁ ଜଣକ ଯାଉଛନ୍ତି ନା, ତାଙ୍କୁ ଡାକି ଆଣ।"

ଶେଖର ଲେଉଟିପଡ଼ି ଦେଖିଲା କୌଣସି ସ୍ତ୍ରୀ ତାହାକୁ ଡାକୁଛି।

ପାଖକୁ ଆସି ସେ କହିଲା, "ଆପଣଙ୍କୁ ମାଲିକାଣୀ ଉପରକୁ ଡାକୁଛନ୍ତି।"

"ମୋତେ ଏଠାରେ କେହି ଚିହ୍ନନ୍ତି ନାହିଁ। (ଶାୟଦ) ହୁଏତ ତୁମେ ଭୁଲ ବୁଝିଛ।"

"ଆଜ୍ଞା, ନା, ଆପଣଙ୍କୁ ହିଁ କହିଛନ୍ତି।"

ଶେଖରକୁ ବଡ଼ ଆଶ୍ଚର୍ଯ୍ୟ ଲାଗିଲା। ତେବେ ମଧ୍ୟ ସେ ତାହାର ପଛେ ପଛେ ଚାଲିଲା।

ସମ୍ମୁଖର ଦ୍ୱାରରେ ହିଁ ମମତା ଛିଡ଼ା ହୋଇଥିଲା।

"ଆରେ ତୁମେ ଯେ !" ମମତାକୁ ଦେଖି ଶେଖର ବଡ଼ ଆଶ୍ଚର୍ଯ୍ୟ ହେଲା। ମମତା କହି ନଥିଲା। ଶେଖର ତା' ଆଡ଼କୁ ନିର୍ନିମେଷ ନୟନରେ ଅନାଇ ରହିଲା। ମମତା ଆଖି ଉପରକୁ ଉଠାଇ ଶେଖର ଆଡ଼କୁ ଦେଖିଲା। ତାହାର ବୋଝ ଏବଂ ବିସ୍ମିତ ଚକ୍ଷୁଦ୍ୱୟରୁ ଗୋଟିଏ କରୁଣଭରା ହସ ଫୁଟି ଉଠିଲା। ମମତାର ସୁନ୍ଦର ଏବଂ ସୂକ୍ଷ୍ମ ମୁଖର ଯେଉଁ ପ୍ରଭାରେ ଶେଖର ପରିଚିତ ଥିଲା, ତାହାର ଲେଶମାତ୍ର ମଧ୍ୟ ଏହି ମୁଖମଣ୍ଡଳରେ ନଥିଲା।

"କ'ଣ ଏହିପରି ଛିଡ଼ା ହୋଇ ରହିଥିବ ଭାଇ ?" ମମତା ହସିବାର ବୃଥା ପ୍ରୟାସ କରି ଏହିପରି କହିଥିଲା।

Digitized by srujanika@gmail.com

ଶେଖର ଗୋଟିଏ ଚୌକି ଉପରେ ବସି ପଡ଼ିଲା । ମମତା ଚୌକି ପାଖରେ, ଶେଖରର ପାଦ ତଳଟାରେ ବସିଗଲା ।

"କିପରି ଅଛ ମମତା ?"

"ଭଲ ଅଛି ଭାଇ ।" ଶୁଷ୍କ ଓଷ୍ଠଦ୍ୱୟରୁ ହସିବାର ପ୍ରୟାସ କରି ସେ କହିଲା ।

ଶେଖରର ବୁଝିବାକୁ ବିଳମ୍ବ ହୋଇନଥିଲା ଯେ କେତେ ଅଶ୍ରୁ ନିଗାଡ଼ିବା ବନ୍ଦ କରି ବାଷ୍ପରୁଦ୍ଧ କଣ୍ଠରେ କେତେ କ୍ରନ୍ଦନକୁ ହସାଇ ମମତା ଏହି କଥାଟି କହିନଥିବ । କିଛି କ୍ଷଣ ଦୁହେଁ ମୌନ ରହିଲେ ।

"ପୂର୍ଣ୍ଣ ଦୁଇବର୍ଷ ପରେ ଦର୍ଶନ ଦେଲ ଭାଇ ।"

"ମୋତେ ତ ତୋର ଘର ମଧ୍ୟ ଜଣା ନଥିଲା । ଯଦି ଜାଣିଥାନ୍ତି ତ ନିଶ୍ଚୟ ଆସିଥାନ୍ତି ।" ମମତା ଜାଣୁଥିଲା ଯେ ଏହା କେବଳ ଗୋଟିଏ ବାହାନା । "ଆଜିକାଲି ଆପଣ କ'ଣ କରୁଛନ୍ତି ?"

"କିଛି ମଧ୍ୟ କରୁନାହିଁ ମମତା । ଅଧିକାଂଶ ସମୟ ତ ଗାଁଗୁଡ଼ିକରେ ବିତି ଯାଉଛି । କେବେ ସଭା, କେବେ ପଞ୍ଚାୟତ କେବେ କେବେ ଘରୁଆ ଗୋଳମାଳ ବନ୍ଦ କରିବା ପୁଣି କେବେ ମଧ୍ୟ ତାଙ୍କୁ ପଢ଼ା ଲେଖା ଶିଖାଇବା ।"

ମମତା ଟିକିଏ ସମୟ ମୌନ ରହି କହିଲା, "ଖାଇବା ପିଇବାର କି ବ୍ୟବସ୍ଥା ଅଛି ?"

"ସେ ବିଷୟରେ କ'ଣ ପଚାରୁଛ ! କେବେ ହୋଟେଲର ଅପୂର୍ଣ୍ଣ ଭୋଜନ ତ କେବେ ବାଧ୍ୟତାମୂଳକ ଉପବାସ । କୌଣସି ରକମରେ କାମ ଚଳି ଯାଉଛି ।" କହି ସେ ବସିପଡ଼ିଲା । ମମତା କହିବାକୁ ଚାହିଁଲା ଯେ ମୋର ଘରେ ଖିଆପିଆ କରି ନେଉଥିବ ବୋଲି, କିନ୍ତୁ କହିପାରିଲା ନାହିଁ । ସେ ଶେଖରକୁ ଜାଣେ ଯେ ସେ କିମିତି ଲୋକ ଏବଂ ତା'ର ସ୍ୱାମୀକୁ ମଧ୍ୟ । ସେ ଚୁପ୍‌ଚାପ୍ ଉଠି ଛିଡ଼ା ହେଲା । ମିଠାଇ ଏବଂ ପାଣି ଆଣି ଶେଖରର ସମ୍ମୁଖରେ ରଖିଦେଲା ।

"ନା, ନା ମୁଁ ଜଳଖିଆ କରିବି ନାହିଁ ମମତା ।"

"କ'ଣ ମୁଁ ଏହାର ମଧ୍ୟ ଯୋଗ୍ୟ ହୋଇପାରିଲିନି, ଭାଇ ?" କହୁଁକହୁଁ ତା' ଆଖିରୁ ଦୁଇ ବୁନ୍ଦା ଅଶ୍ରୁ ଉଛୁଳି ପଡ଼ି ଶେଖରର ପାଦରେ ପଡ଼ିଲା । ଶେଖର ଚମକି ପଡ଼ିଲା ।

Digitized by srujanika@gmail.com

ତାହାର କେଶ ଦାମ ଉପରେ ହାତ ଫେରାଉ ଫେରାଉ ସେ କହିଲା, "ଛି କାନ୍ଦୁଛୁ! ବାଲ୍ୟ ଚପଳତା ଏ ପର୍ଯ୍ୟନ୍ତ ଗଲା ନାହିଁ। ତୁ ମୋର ଭଉଣୀ ଅଟୁ। ଭଉଣୀର ଘରେ ହେଲେ କିଏ ଖାଇଲାଣି ?"

କିଛି କ୍ଷଣ ପରେ ଶେଖର ଉଠି ଛିଡ଼ା ହେଲା। ସେ କମିଜ ପକେଟରୁ ୧୦ ଟଙ୍କାକିଆ ଗୋଟିଏ ନୋଟ୍ ବାହାର କରି ମମତାର ହାତରେ ରଖିଦେଲା।

"କିନ୍ତୁ ଭାଇ...।"

"ତୁ ମନା କରନା ମମତା, ମୋ ପଖରେ କ'ଣ ଅଛି ଯେ ମୁଁ ଆଉ ତୋତେ ଦେଇପାରିବି!"

ମମତା ଚୁପ୍‌ଚାପ୍ ନୋଟ୍ ଖଣ୍ଡିକ ରଖିଲା। "ଭାଇ, କଥା ଦିଅ କେବେ, କେବେ ଦେଖା ଦେଇ ଯାଉଥିବ।"

"ହଁ, ମମତା, ସମୟ ମିଳିଲେ ନିଶ୍ଚୟ ଆସି ଯାଉଥିବି।" କହି ଶେଖର ଚାଲିଗଲା।

ଏହାପରେ ଶେଖର କେବେ କେବେ ମମତା ଘରକୁ ଆସି ଯାଉଥିଲା। ଯେଉଁ ଦିନ ଶେଖର ଆସେ, ମମତା ଗୋଟିଏ ଅପୂର୍ବ ଶାନ୍ତି ଅନୁଭବ କରେ। ତାହାର ବିଚ୍ଛିନ୍ନ ଜୀବନରେ ଗୋଟିଏ କ୍ଷୀଣ ପ୍ରକାଶ ଆଲୋକିତ ହୋଇ ଉଠୁଥିଲା। ତାହାର ବ୍ୟାକୁଳିତ ପ୍ରାଣରେ ଗୋଟିଏ ଆଶ୍ରୟ ମିଳିଯାଉଥିଲା। ମମତାର ସ୍ୱାମୀ ମନୋହରକୁ ଶେଖରର ଯିବା ଆସିବା କେବେ ପସନ୍ଦ ନଥିଲା। କେତେ ଥର ଏଥିପାଇଁ ମମତାକୁ ସେ ବାଡ଼ିଆପିଟା କରିଛି ମଧ୍ୟ। ମମତା ସମସ୍ତ ଚୁପ୍ ହୋଇ ସହିନିଏ। ଏହି କଥାର ଟିକିଏ ହେଲେ ପ୍ରତିରୋଧ କରିବା ପାଇଁ ସେ ଶେଖରକୁ କେବେ କହିନଥିଲା। ସ୍ୱୟଂ ମନୋହରର ମଧ୍ୟ ଶେଖରକୁ କିଛି କହିବାର ସାହସ ହେଉନଥିଲା।

କମିଜରେ ବୋତାମ ଲଗାଇ ଲଗାଇ ମମତା ଭାବିବାକୁ ଲାଗିଲା। ଆଜି ୨୨ ଦିନ ହୋଇଗଲା ଶେଖର ଆସିଲେ ନାହିଁ। ତେବେ କାହିଁ ବେମାର ତ ପଡ଼ିଯାଇ ନାହାନ୍ତି ? ଠିକ୍ ସେହି ସମୟରେ ସମ୍ମୁଖ ଦରବାଜା ଖୋଲିଲା ଏବଂ ରାମୁ ଆସି ଛିଡ଼ା ହେଲା। ରାମୁକୁ ସେ ଆଗରୁ ଚିହ୍ନିଥିଲା କାହିଁକି ନା, ଏହା ଆଗରୁ ସେ କେତେ ଥର ଶେଖର ସାଥୀରେ ଏଠାକୁ ଆସିଥିଲା।

Digitized by srujanika@gmail.com

ମମତା ଶଙ୍କିତ ସ୍ୱରରେ ପଚାରିଲା, "କ'ଣ ରାମୁ, ଭାଇ ଆନନ୍ଦରେ ଅଛନ୍ତି ତ?"

ସେ ଥକ୍କା ହୋଇ, ନିଶ୍ୱାସ ନେଇ କହିଲା, "୨୦ ଦିନ ହେଲା ଜ୍ୱରରେ ପୀଡ଼ିତ ଅଛନ୍ତି। ଆଜି ଦେହ ଟିକିଏ ବେଶୀ ଅସୁସ୍ଥ ଅଛି। ଆପଣଙ୍କୁ ବର୍ତ୍ତମାନ ଡକାଇ ପଠାଇଅଛନ୍ତି।"

ମମତା ଆଉ କିଛି ନ ପଚାରି ତା'ର ସ୍ୱାମୀର ନାମରେ ଗୋଟିଏ ପତ୍ର ଲେଖି ଟେବୁଲ ଉପରେ ରଖିଦେଲା ଏବଂ କିଛି ଟଙ୍କା ହାତରେ ଧରି ସେ ରାମୁ ସାଥୀରେ ଚାଲିଲା। ଘରେ ପହଞ୍ଚି ମମତା ଦେଖିଲା, ଶେଖର ଖଟ ଉପରେ ପ୍ରାଣହୀନ ପରି ପଡ଼ି ରହିଛି। ଶେଖରର ଅବସ୍ଥା ଦେଖି ମମତା କାନ୍ଦି ପକାଇଲା। ସେ ତାହାର ପାଦ ପାଖରେ ବସି ପଡ଼ିଲା। ପାଦ ଉପରେ ମୁଣ୍ଡ ରଖି ବହୁତ କାନ୍ଦିବାକୁ ଲାଗିଲା।

ପରେ ରାମୁଆଡ଼କୁ ଦେଖି କହିଲା, "ଡାକ୍ତରଙ୍କୁ ଦେଖାଇଥିଲ ?"

ହଁ, ଡାକ୍ତର ସକାଳରେ ଆସିଥିଲେ। କହୁଥିଲେ ଅବସ୍ଥା ଖରାପ ଅଛି।

ମମତା ପୁଣି ରାମୁ ହାତରେ ଡାକ୍ତରଙ୍କୁ ଡକାଇ ପଠାଇଲା। ଡାକ୍ତର ଆସିଲେ। ସମସ୍ତ ଶରୀରକୁ ପରୀକ୍ଷା କଲେ ଏବଂ କିଛି ଗୋଟିଏ ଆଦେଶ ଦେଇ ଚାଲିଗଲେ।

ରାତ୍ର ୧୦ଟାରେ ଶେଖରର ଚେତନା ଆସିଲା। ଶାନ୍ତ ଚକ୍ଷୁରେ ମମତା ଆଡ଼କୁ ଦେଖିଲା ଏବଂ ପୁଣି ଟିକିଏ ସମୟ ପରେ ଆଖି ବନ୍ଦ କରିନେଲା। ମମତାର ଦୁଇ ହାତ ମୁଠାଇ ସେ ନିଜର ଆଖି ଉପରେ ରଖିଦେଲା ଏବଂ ନିଶ୍ଚଳ ହୋଇ ପଡ଼ି ରହିଲା।

"ଅବସ୍ଥା ତୁମର କିପରି ହୋଇଗଲାଣି ଭାଇ? ମୋତେ ଖବର କାହିଁକି ଦେଲ ନାହିଁ? ମୁଁ... ମୁଁ... ମୁଁ କ'ଣ ମରିଯାଇଥିଲି କି?" ମମତା ରାଗିଗଲା ପରି କହିଲା ଏବଂ ପର ମୁହୂର୍ତ୍ତରେ କାନ୍ଦି ପକାଇଲା।

ଅପରାଧୀ ପରି ଶେଖର ଟିକିଏ ହସିଦେଇ ଅତି କ୍ଷୀଣ ସ୍ୱରରେ କହିଲା, "ମୋ ଉପରେ ଅସନ୍ତୁଷ୍ଟ ହୁଅ ନାହିଁ ମମତା। ସବୁ ଦିନ ଭାବୁଥିଲି ଆଜି ଠିକ୍

Digitized by srujanika@gmail.com

ହୋଇଯିବି। କାଲି ଠିକ୍ ହୋଇଯିବି। ଏହିପରି ଦିନ ଗଡ଼ି ଚାଲିଲା। ନ ହେଲେ ତୋତେ ଛାଡ଼ି ମୋର କିଏ ଅବା ଅଛି !!"

କିଛି ସମୟ ପାଇଁ କୋଠରୀରେ ନୀରବତା ଛାଇ ରହିଲା।

"ମମତା !"

ମମତା ପ୍ରଶ୍ନସୂଚକ ଦୃଷ୍ଟିରେ ମୁଣ୍ଡ ଉଠାଇ ଶେଖର ଆଡ଼କୁ ଦେଖିଲା।

ଶେଖର ବିହ୍ୱଳ ହୋଇ କହିଲା, "ମମତା, ଆଜି ଗୋଟିଏ ଶିଶୁ ପରି ତୋର କୋଳରେ ଶୋଇବାକୁ ଇଚ୍ଛା ହେଉଛି। ଆଜି ତୋର ଆଞ୍ଚଳରେ ମୁହଁ ଲୁଚାଇ ବହୁତ କାନ୍ଦିବା ପାଇଁ ପ୍ରବଳ ଇଚ୍ଛା ହେଉଛି। ଏହା ମୋର ଅମେଣ୍ଟା ଇଚ୍ଛା ପରି ମନେହେଉଛି।"

ଏହା ଶୁଣି ଅଲୌକିକ ସୁଖ ଏବଂ ଶାନ୍ତିରେ ମମତାର ବକ୍ଷ ଭରିଗଲା। ତାହାର ବର୍ଷ ବର୍ଷ ଧରି ଶୋଇ ରହିଥିବା ନିଜତ୍ୱ ଚେଇଁ ଉଠିଲା। ସେ ଧୀରେ କହିଲା "ପାଗଳ !" ଏବଂ ଚୁପ୍ ହୋଇ ଶେଖରର ମୁଣ୍ଡ ଉଠାଇ ନିଜ କୋଳ ଉପରକୁ ଉଠାଇନେଲା। ତାହାର ଅସ୍ତବ୍ୟସ୍ତ ବାଳଗୁଡ଼ିକ ଠିକ୍ କରିଦେଲା ଏବଂ ସଜଳ ମମତ୍ୱମୟ ଚକ୍ଷୁରେ ତାହା ଆଡ଼କୁ ଦେଖି ଦେଖି ତାହାର ଗାଲ ଉପରେ ହାତ ବୁଲାଇବାକୁ ଲାଗିଲା।

ବହୁତ ସମୟ ଗଲା ପରେ ଶେଖରର ନିଦ ଭାଙ୍ଗିଲା। ସେ ମମତାକୁ ଚୌକି ଉପରେ ଅର୍ଦ୍ଧନିଦ୍ରିତ ଅବସ୍ଥାରେ ବସି ରହିଥିବାର ଦେଖିବାକୁ ପାଇଲା। ସେ ବିଚଳିତ ସ୍ୱରରେ କହିଲା, "ଏକ ବାଜିଗଲାଣି ଘଟିକାରେ !" ତୁମେ ଚାଲି ଗଲ ନାହିଁ କାହିଁକି ? ବର୍ତ୍ତମାନ କ'ଣ ହେବ ? ମନୋହର କ'ଣ ଭାବିବ ?" ପୁଣି ସେ ରାମୁକୁ ଡାକିଲା। ଅନ୍ୟ କୋଠରୀରୁ ସେ ଆଖି ମଳି ମଳି ଆସି ଛିଡ଼ା ହେଲା।

"ଯାଅ ଏହାଙ୍କୁ ଚଞ୍ଚଳ ଘରକୁ ପହୁଞ୍ଚାଇ ଦିଅ।"

ମମତାର ନିଦ ଭାଙ୍ଗିଗଲା। ସେ ଶେଖରକୁ କହିଲା, "କିନ୍ତୁ ତୁମର ଅବସ୍ଥା..."

ଶେଖର କ୍ରୋଧିତ ସ୍ୱରରେ କହିଲା, "ମୁଁ ଏହି ରାତ୍ରିଟାରେ ମରିଯିବିନି। ତୁମେ ବର୍ତ୍ତମାନ ଚାଲିଯାଅ।"

Digitized by srujanika@gmail.com

ମମତା କିଛି କହିଲା ନାହିଁ। ପରାସ୍ତ ହେଲା ପରି ସେ ଥରେ ମାତ୍ର ଶେଖର ଆଡ଼କୁ ଦେଖିଲା ଏବଂ ଆଖି ବନ୍ଦ କରିନେଲା। ପୁଣି ଚୁପ୍ ହୋଇ ରାମୁ ସାଥୀରେ ଚାଲିଗଲା।

ରାମୁର ପଛପଟରେ ସେ ଲଜ୍ଜିତ ହେଲା ଭଳିଆ ହୋଇ ଚାଲି ଚାଲି ଯାଉଥିଲା। ପାଦ ତା'ର କିପରି କିପରି ଲାଗୁଥିଲା। ଅନେକ କୁଆଶଙ୍କାରେ ତାହାର ହୃଦୟ କମ୍ପି ଉଠୁଥିଲା। ଘରର କବାଟ ପାଖରେ ପାଦ ରଖୁ ନ ରଖୁଣୁ ସେ ଚକିତ ହୋଇଗଲା। ଦ୍ୱାରରେ ତାହାକୁ ତାହାର ସ୍ୱାମୀର ଅଗ୍ନି ଉଦ୍‌ଗାରକ କ୍ରୋଧିତ ମୁଖମଣ୍ଡଳ। ମଦର ନିଶାରେ ଚକ୍ଷୁଦ୍ୱୟ ତା'ର ଲାଲ୍ ବର୍ଣ୍ଣରେ ରଞ୍ଜିତ।

ମମତା କୋଠରୀରେ ପାଦ ରଖି ନଥିଲା କି, ସେ ଗର୍ଜନ କରି କହିଲା, "ବହୁତ ଚଞ୍ଚଳ ଆସିଗଲୁ। ବର୍ତ୍ତମାନ ତ ବହୁତ ରାତ୍ରି ବାକି ଅଛି। ଏତେ ଚଞ୍ଚଳ ହୃଦୟ ପୂର୍ଣ୍ଣ ହୋଇଗଲା ତୋର ଭାଇର ?"

"ସେ ବେମାର...।"

"ହଁ ହଁ ସେ ବେମାର ଅଛି। ତୁ ତାହାର ରୋଗର ଔଷଧ ହୋଇ ଯାଇଥିଲୁ ! ବେଶ୍ୟା। କୁଳଟା ! !" ଘୃଣା ଏବଂ ପ୍ରତିହିଂସାରେ ତାହାର ମୁଖମଣ୍ଡଳ କୁରୂପ ହୋଇଯାଇଥିଲା।

ଜ୍ୱଳନ୍ତ ତରଳ ଲୌହ କିଏ କାନରେ ଢାଳିଦେଲା ପରି ମମତାକୁ ଜଣାଗଲା। ତେବେ ମଧ୍ୟ ସେ ମୌନ ହୋଇ ଅର୍ଦ୍ଧମୂର୍ଚ୍ଛିତ ଅବସ୍ଥାରେ ପଡ଼ି ରହିଲା। ମମତାର ମୌନତ୍ୱ ଅଗ୍ନିରେ ଘୃତ ଢାଳିଲା ପରି କାମ କଲା। ତାହାର ସ୍ୱାମୀର କ୍ରୋଧ ସ୍ୱତଃ ବାହାରୁଥାଏ। ମମତାର ହାତ ଧରି ମନୋହର ଝିଙ୍କି ଝିଙ୍କି ଦରବାଜାର ବାହାରକୁ ନେଇଗଲା ଏବଂ କହିଲା, "ଯା' ତା' ପାଖକୁ ନୀଚ" ଏବଂ କହୁ କହୁ ସେ କବାଟ ବନ୍ଦ କରିଦେଲା।

ମମତା ଜଡ଼ବତ୍ ବାହାରେ ଛିଡ଼ା। ପୁଣି ଚାଲିଲା। ବାହାରେ ମୂଷଳ ଧାରାରେ ବର୍ଷା। ଚାରିଆଡ଼େ ନିବିଡ଼ ଅନ୍ଧକାର। ବଡ଼ ଥଣ୍ଡା। ମମତା ଉନ୍ମାଦିନୀ ପରି ଆଗକୁ ମାଡ଼ି ଚାଲିଥାଏ। ଚାଲି ଚାଲି ଶରୀର ଶିଥିଳ ପଡ଼ିବାକୁ ଲାଗିଲା। ସେ ବଡ଼ ଜୋର୍‌ରେ ପାବଚ୍ଛ ଉପରେ ପଡ଼ିଲା। ସେ ପାବଚ୍ଛରାଶି ଥିଲା ଗୋଟିଏ ମନ୍ଦିରର।

Digitized by srujanika@gmail.com

ପୂଜାରୀ ମନ୍ଦିର ବନ୍ଦ କରୁଥିଲା । ସହସା କାହାରି ପଡ଼ିଯିବାର ଶବ୍ଦ ଶୁଣିପାରି ସେ ବାହାରକୁ ଆସିଲା ।

"କିଏ ?" ପାଖକୁ ଆସି ସେ ଡାକିଲା ।

ମମତା ଧୀରେଧୀରେ ଚକ୍ଷୁ ଉନ୍ମୀଳନ କଲା । ସେ ଅତି କ୍ଷୀଣ ସ୍ୱରରେ କହିଲା, "ଜଣେ ଦୁଃଖୀ ଅଟେ ଭାଇ । ଯଦି ଟିକିଏ ସମୟ ପାଇଁ ଆଶ୍ରୟ ଦେଇପାରନ୍ତ ବଡ଼ ଦୟା କରନ୍ତ ।" ପୂଜାରୀ ମୁହଁକୁ କିଟିମିଟିଆ କରି କ୍ରୁଦ୍ଧ କଣ୍ଠରେ କହିଲା, "ଏହା କୌଣସି ଧର୍ମଶାଳା ନୁହେଁ । ଏହା ମନ୍ଦିର ଅଟେ ମନ୍ଦିର ! ମନ୍ଦିର ! !"

ସହସା ବିଜୁଳି ଝଟକିଲା ଏବଂ ପୂଜାରୀ ଦେଖିଲା - ଯୁବତୀ ସୁନ୍ଦର ଦେଖାଯାଉଛି । ତା'ର ଭାବନା ବଦଳିଗଲା । ଲୋଲୁପ ଦୃଷ୍ଟିରେ ଦେଖୁ ଦେଖୁ ସେ ଅଶ୍ଳୀଳ ଇଶାରା କରି କହିଲା, "ସୁନ୍ଦରତାକୁ ମଧ୍ୟ କ'ଣ ଆଶ୍ରୟ ନେବାକୁ ପଡୁଛି ! ! ଚାଲ ଚାଲ ଭିତରକୁ ଚାଲ ! !"

ଏହା ଶୁଣି ମମତାର ମୁଖମଣ୍ଡଳରେ ଅଗ୍ନିକଣା ବାହାରି ପଡ଼ିଲା । କ୍ରୋଧରେ କମ୍ପିତ ସ୍ୱରରେ ସେ କହିଲା, "ନୀଚ ।" ଏବଂ ପୁଣି ମୁହଁ ଫେରାଇ ପଡ଼ିରହିଲା । ପୂଜାରୀ କ'ଣ ଗୁଡ଼ାଏ ଗାଳି ଦେଇ ଦେଇ ଚାଲିଗଲା ।

ମମତା ଥରେ ଭଗବାନଙ୍କର ବନ୍ଦ ହୋଇଥିବା କବାଟ ଆଡ଼କୁ ଦେଖିଲା । ଅସ୍ଫୁଟ ସ୍ୱରରେ କ'ଣ କହିଲା ଏବଂ ପୁଣି ଆଖି ବନ୍ଦ କରି ଦେଲା । ହାଡ଼ ମାଂସରେ ତିଆରି ମନୁଷ୍ୟ ମଧ୍ୟ ଯଦି ତାହାର ପ୍ରାର୍ଥନା ଶୁଣି ପାରିଲା ନାହିଁ, ତେବେ ପଥରରେ ତିଆରି ହୋଇଥିବା ପରମାତ୍ମା ଅବା କ'ଣ ଶୁଣନ୍ତା ! ! !

ରାମୁ ଆସି ସମସ୍ତ ଘଟଣା ଶେଖରକୁ କହିଲା । ଶେଖର ହତବୁଦ୍ଧି ହୋଇ ଟିକିଏ ସମୟ ପାଇଁ ପଡ଼ିରହିଲା ଏବଂ ପୁଣି ସେହି ଅବସ୍ଥାରେ ବାହାରକୁ ବାହାରି ପଡ଼ିଲା । ଦୁର୍ବଳତା ହେତୁ ତାହାର ପାଦ ମଦ୍ୟପ ପରି ଏଆଡ଼େ ସେଆଡ଼େ ପଡୁଥିଲା । ଘଣ୍ଟାଏ ସମୟ ପର୍ଯ୍ୟନ୍ତ ସେ ସଡ଼କ ଉପରେ ଚାଲିଲା । ସଙ୍ଗେ ସଙ୍ଗେ ମେଘର ଗର୍ଜନ ସଙ୍ଗେ ବିଜୁଳି ମାରିଲା ଏବଂ ତାହାର ପ୍ରଖର ପ୍ରକାଶରେ ଶେଖର ମମତାକୁ ପାବଛ ଉପରେ ପଡ଼ିଥିବାର ଦେଖିବାକୁ ପାଇଲା । ବଡ଼ କ୍ଳାନ୍ତ ହୋଇଥିବାରୁ

Digitized by srujanika@gmail.com

ତାହାର ବଳ କମି ଆସୁଥିଲା । ସେ ଆଗକୁ ଚାଲିଲା ଏବଂ ମମତା ପାଖରେ ମନ୍ଦିର ପାବଚ୍ଛରେ ପଡ଼ିଗଲା । ବହୁତ ଚେଷ୍ଟା କରି ଦୁର୍ବଳ ମୁମୂର୍ଷୁ କଣ୍ଠରେ ଶେଖର ଡାକିଲା, "ମମତା !"

ମମତା ଆଖି ଖୋଲିଲା – ତାହାର ଚକ୍ଷୁରେ ଜ୍ୟୋତି । ତୃପ୍ତିର ଝଲକ । ସ୍ନେହର ନିର୍ମଳ ସ୍ରୋତ ଏବଂ ଥିଲା ଗତ ଶୈଶବର ସରଳତା । ସେ ଶେଖର ଆଡ଼କୁ ଦେଖିଲା । ଗୋଟିଏ କ୍ଷୀଣ ହସ ଦୁହିଁଙ୍କର ମୁଖମଣ୍ଡଳରେ ଖେଳିଗଲା । ତାହା ଲିଭିଯିବା ଦୀପର ପୂର୍ବର ଦୀପ୍ତି । ଅଳ୍ପ ସମୟ ମଧ୍ୟରେ ସମସ୍ତ ବନ୍ଧନ ଛିଣ୍ଡାଇ ଅନନ୍ତ ପଥର ଯାତ୍ରୀ ଅନନ୍ତରେ ମିଳାଇଗଲେ ।

ସକାଳର ୫ ଘଟିକା ସମୟରେ ଭଗବାନଙ୍କର ଠିକାଦାର ଗୋଟିଏ ତିଳକଧାରୀ ସେଠ୍, ମନ୍ଦିରର ପାବଚ୍ଛରାଶି ଅତିକ୍ରମ କରୁ କରୁ ନାକ କାନ ସଂକୁଚିତ କରି କହି ଯାଉଥାଏ "ଏହି କୁକୁରମାନଙ୍କୁ ବାସନା ପୂର୍ତ୍ତି ପାଇଁ ମନ୍ଦିରର ପାବଚ୍ଛରାଶି ହିଁ ମିଳିଲା !"

❖❖❖

Digitized by srujanika@gmail.com

ରକ୍ତ କମଳ

(ବଙ୍ଗଳା ଗଳ୍ପର ଅନୁବାଦ)

॥୧॥

କାଶୀର ହରିଶ୍ଚନ୍ଦ୍ର ଘାଟ ଉପରେ ସବୁଠାରୁ ବଡ଼ ଏବଂ ଭଲ ଘରଟା ଦଖଲ କରି ଦରଜା ସମ୍ମୁଖରେ ପ୍ରସ୍ତର ଫଳକରେ ନିଜ ନାମର ଶେଷରେ ଏମ୍.ଡି. ଯୋଗ କରି ରଖିଲେ ମଧ୍ୟ ଜ୍ଞାନପ୍ରକାଶକୁ ବାହାରେ ରୋଗୀ ଦେଖିଯିବା ପ୍ରାୟ କେହି ଦେଖିନାହାନ୍ତି ।

ଲୋକଟା ଏପରି ଅଦ୍ଭୁତ ଯେ, କାଶୀ ପରି ବଙ୍ଗାଳୀ ବହୁଳ ସ୍ଥାନରେ ଥାଇ ମଧ୍ୟ ସେ ଘରୁ ବାହାରେ ନାହିଁ – ଲୋକଙ୍କ ସଙ୍ଗରେ ଦେଖାଶୁଣା ବା ମିଳାମିଶା ତ ଦୂରର କଥା । ଲୋକେ ଭାବନ୍ତି, ଲୋକଟି କାଶୀକୁ ନୂଆ ହୋଇ ଆସିଛି, ସେଥିପାଇଁ ବୋଧହୁଏ ଭାବୁଛି ସମସ୍ତଙ୍କ ସଙ୍ଗରେ ବେଶୀ ମିଳାମିଶା କଲେ କେହି ଟଙ୍କା ଦେବେ ନାହିଁ, ସମସ୍ତେ ହୁଏତ ବନ୍ଧୁତ୍ୱର ଦାବୀ କରିବସିବେ ।

କିଛି ଦିନ ଏଠାରେ ଥାଇ ବୁଝିବ ଚିକିତ୍ସା କରି ଏଠାରେ ଭିଜିଟ୍‌ର ଆଶା ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯେଉଁଠାରେ ଗଣ୍ଡା ଗଣ୍ଡା ସିଭିଲ୍ ସର୍ଜନ ପେନ୍‌ସନ୍ ନେଇ ଶିବପ୍ରାପ୍ତି ପାଇଁ ଲୋଭରେ ଶିବଲୋକର (ସଂହାରକାରୀ, ମରଣ) ସିଂହାସନ ପାଖରେ, ସେଠାରେ ଡାକ୍ତରର ମିଜାଜ୍ ଖଟିବ ନାହିଁ। କିନ୍ତୁ ପୂରାପୂରି ଗୋଟିଏ ବର୍ଷ କଟିଗଲେ ମଧ୍ୟ ଲୋକେ ତାହାର ସ୍ୱଭାବର ପରିବର୍ତ୍ତନ ଦେଖିନାହାନ୍ତି ।

Digitized by srujanika@gmail.com

ପୂର୍ବ ପରି ସବୁବେଳେ ଘରେ ରହିବା ଏବଂ ୯/୧୦ଟା ପରେ ଗାନ। ଆଉ ସେ କି ଗାନ! ତାହାର ଯେପରି ଆଉ ଶ୍ରାନ୍ତି ନାହିଁ। ସବୁବେଳେ ସ୍ରୋତ ପରି ବହି ଚାଲିଛି। କେଉଁ ରାତ୍ରରେ ଗାନ ନ ହେଲେ ଖାଲି ବଂଶୀ ସାରା ରାତ୍ରଟା ଯେପରି ସମସ୍ତ କାଶୀନଗର ଭରି ବାଜୁଥାଏ। ଗୋଟିଏ ରାତ୍ରରେ ବଂଶୀ କିମ୍ବା ଗୀତ ନୁହେଁ - ବାଜେ କେବଳ ବେହେଲା। ଯେଉଁମାନେ ଶୁଣନ୍ତି, ବୁଝନ୍ତି, ସେମାନେ କହନ୍ତି, "ଲୋକଟାର ଯେପରି କଣ୍ଠ, ସେପରି ହାତ।

ଏହି ସୁନ୍ଦର କଣ୍ଠ ଏବଂ ହସ୍ତଓ୍ୱାଲା ଲୋକଟାକୁ ଘର ବାହାରେ ଲୋକେ ଦୈବାତ୍ ଦେଖି ପାରନ୍ତି। ମାସକ ମଧ୍ୟରେ ଦିନେ ଅଧେ, ଏପରି କୌଣସି ନଛୋଡ଼ବନ୍ଧା ଲୋକ ଯଦି ଆସେ, ଯାହାର କି ଏହି ଡାକ୍ତରକୁ ନ ନେଲେ ନ ଚଳେ, ତାହା ହେଲେ ସେ ଅଗତ୍ୟା ବାହାରକୁ ଆସେ। କିନ୍ତୁ ତାହାର ଭୃତ୍ୟ ଆଗରୁ ଯାଇ ଗୋଟିଏ ଗାଡ଼ିଭଡ଼ା କରି ଆଣେ। ସେହି ଗାଡ଼ିରେ ଆହ୍ୱାନକାରୀ ଲୋକଟା, ଡାକ୍ତର ନିଜେ ଏବଂ ଗୋଟିଏ ଦୁଗ୍ଧଫେନ ଶୁଭ୍ର-ଲୋମ ବହୁଳ କ୍ଷୁଦ୍ରାକୃତି କୁକୁର ଉଠେ।

ଏହି ଭୃତ୍ୟ ପାଖରୁ ମଧ୍ୟ ବାବୁଙ୍କ ସମ୍ବନ୍ଧରେ କିଛି ଜାଣିବାର ନଥିଲା। କାରଣ କିଛି ପଚାରିଲେ ସେ କହେ, "ବାବୁ ଜାଣନ୍ତି।" କିନ୍ତୁ ବାବୁ ଯେ କ'ଣ ଜାଣନ୍ତି ତାହା ବାବୁ ଛଡ଼ା ଦ୍ୱିତୀୟ ବ୍ୟକ୍ତିର ଜାଣିବାର ସୁବିଧା ବା ସମ୍ଭାବନା ନଥିଲା।

ଏହି ଅଦ୍ଭୁତ ଲୋକଟା ସମ୍ବନ୍ଧରେ ଲୋକଙ୍କ କୌତୂହଳର ସୀମା ନଥିଲା। ଛାତ ଉପରକୁ ଯାଇ, ଦରଜାର ଫାଙ୍କ ଦେଇ ବଜାର କିମ୍ବା ଘାଟରେ ଯେଉଁଠାରେ ଦେଖାହୁଏ, ଚାକରଟାକୁ ପ୍ରଶ୍ନ ଉପରେ ପ୍ରଶ୍ନ କରି ଲୋକେ ଏତିକି ଜାଣନ୍ତି ଯେ ଘରେ ନାରୀ ଜାତିର କୌଣସି ସମ୍ପର୍କ ନାହିଁ। ଚାକର ମୁନିବ (ମାଲିକ), ଗୋଟିଏ କୁକୁର ଏବଂ କେତେ ଖଣ୍ଡ ବାଦ୍ୟଯନ୍ତ୍ର, ଏହି ସବୁ ନେଇ ଡାକ୍ତରର ସଂସାର। ବିବାହ କରିଅଛି, କି କରିନାହିଁ, କରିବ କିମ୍ବା କରିବ ନାହିଁ-ଏହି କେତେଟା କଥାର ଗୋଟିଏ ହେଲେ ଖବର କେହି ପାଇପାରନ୍ତି ନାହିଁ।

ପରିଶେଷରେ ପ୍ରତିବେଶୀମାନେ ଜ୍ଞାନ, ବୁଦ୍ଧି ସବୁ ଖଟାଇଥିବା ସତ୍ତ୍ୱେ ହତାଶ ହୋଇ ଖବର ଜାଣିବା ଛାଡ଼ିଦେଲେ।

Digitized by srujanika@gmail.com

॥୨॥

ସକାଳଠାରୁ ଇତସ୍ତତଃ ହୋଇ ଚନ୍ଦ୍ରିକା ଡାକିଲା "ବାବୁ!"

ପ୍ରାତଃଭୋଜନ କରିସାରି ଜ୍ଞାନପ୍ରକାଶ ଗୋଟିଏ ଇଜି ଚେୟାରରେ ଅର୍ଦ୍ଧଶାୟିତ ଅବସ୍ଥାରେ ଖଣ୍ଡିଏ ବହି ପଢୁଥିଲା। ବହିଠାରୁ ମୁହଁ ଫେରାଇ ଜ୍ଞାନପ୍ରକାଶ ପଚାରିଲା, "କ'ଣରେ ?"

ଚନ୍ଦ୍ରିକା ଟିକିଏ ଅବନତ ହୋଇ କହିଲା - "ମୁଁ ତା'ହେଲେ ଯିବି ?"

"ହଁ ନଯିବୁ କାହିଁକି; ତୋର ଝିଅର ବାହା - ତୁ ନ ଗଲେ କିପରି ଚଳିବ ? କେଉଁ ଟ୍ରେନ୍‌ରେ ଯିବୁ ?"

"ବିବାହ ଆଜିଠାରୁ ଆଉ ଏକ ସପ୍ତାହ ଡେରି ଅଛି। କେବେ ଯିବି ଠିକ୍ କରିନି। ଜଣେ ଲୋକ ଏଠାରେ ରହିବ କହୁଛି; ଆଜି ତା'ର ଆସିବାର କଥା, ତାକୁ ସବୁ ଦେଖାଇ ଶୁଣାଇ ଦେଇ ତ ଯିବି।"

"ପୁଣି ଲୋକ ଗୋଟାଏ ବ୍ୟବସ୍ଥା କାହିଁକି କଲୁ ? ଏଠି କେଇଟା ଦିନ ଯେ କୌଣସି ପ୍ରକାରେ ଚଳାଇ ନେଇଥାନ୍ତି। କଳ ପାଣି ଅଛି ଆଉ ଭାବନା କ'ଣ ?"

ଭାବନା ଯେ କ'ଣ ତାହା ଚନ୍ଦ୍ରିକା ଠିକ୍ ଜାଣେ। ଯାହା ପାଇଁ ୫/୬ ଖଣ୍ଡ ଚିଠି ଆସିଥିବା ସତ୍ତ୍ୱେ ଯାଇ ପାରୁନି। ଚିଠି ଲେଖି ଦେଇଥିଲା ଘରକୁ - ବାବୁଙ୍କୁ ଏକାକୀ ଛାଡ଼ି ଘରକୁ ଯିବାର ଉପାୟ ନାହିଁ। ଗୋଟିଏ ବିଶ୍ୱାସୀ ଲୋକ ଠିକ୍ କରିସାରିଲେ ସେ ଯାଇପାରେ - ତାହା ଯେତେ ଡେରି ହେଲେ ମଧ୍ୟ ସେ ଅପେକ୍ଷା କରିବ।

ଚନ୍ଦ୍ରିକା ସିଂ ସେ ସବୁ ମନର କଥା ନ ଜଣାଇ କେବଳ ଜଣାଇଲା - "ଗୋଟିଏ ଲୋକ ନ ହେଲେ ଯେ କଷ୍ଟ ହେବ; ଅନ୍ତତଃ ଚା କିମ୍ବା ଜଳଖିଆ ତ କରିଦେବା ପାଇଁ ଗୋଟିଏ ଲୋକ ଦରକାର।"

"ଏହି କେଇଟି ଦିନ ମୁଁ ନିଜେ ହିଁ ଏକରକମ ଚଳାଇ ନେଇଥାନ୍ତି।" କହି ଜ୍ଞାନପ୍ରକାଶ ଗୋଟିଏ ଛୋଟ ମୁଣାରୁ ଖଣ୍ଡିଏ ବଡ଼ ସୁପାରିଖଣ୍ଡ ଆଣି ପାଟିରେ ପକାଇଦେଲା।

ଟିକିଏ ପରେ ଜ୍ଞାନପ୍ରକାଶ ପୁଣି କହିଲା - "ହଁ, ଏ ଚନ୍ଦ୍ରିକା, ତୋର ଝିଅର ବିବାହରେ କେତେ ଖର୍ଚ୍ଚ ହେବ ?"

Digitized by srujanika@gmail.com

"ତିନି ଶହ ପର୍ଯ୍ୟନ୍ତ ଟଙ୍କାରେ ହୋଇଯିବ।"

"ତିନି ଶତ ଟଙ୍କାରେ କିପରି ହେବରେ ?"

"କାହିଁକି ହେବ ନାହିଁ ବାବୁ? ବରଯାତ୍ରୀ ଆସିଥିବା ଲୋକଙ୍କ ଖାଇବା ପାଇଁ ଶଏ ଖଣ୍ଡିଏ, ଗହଣା ଇତ୍ୟାଦି ପାଇଁ ଶଏ ଖଣ୍ଡିଏ। ଆଉ ଏପଟ ସେପଟର ଖରଚ ବାକି ଟଙ୍କାଟାରେ ହୋଇଯିବ।"

"ଗହଣା ଶଏ ଖଣ୍ଡେରେ କିପରି ହେବରେ ପାଗଳ ?"

"ତାହା କାହିଁକି ହେବ ନାହିଁ ବାବୁ। ଦେହରେ ରୂପାର ଗହଣା, ପାଦରେ କଂସାର ଜିନିଷ। ଆପଣଙ୍କ ପରି ତ ଆଉ ସୁନା ସୁନାରେ ତା'ର ଦେହ ଛାଇ ଦେବାକୁ ପଡୁନି।"

"ତୁ ତ ମୋତେ କିଛି କହିନୁ - କୌଣସି ଖର୍ଚ୍ଚ ପାଇଁ ଟଙ୍କା ଚାହିଁନାହୁଁ।"

ଗତଥର ତ ଆପଣ ତିନିଶ' ଟଙ୍କା ଦେଇଥିଲେ। ତା'ର ମାଆଟା ମରିଗଲା ତେଣୁ ବିବାହଟା ହୋଇପାରିଲା ନାହିଁ। ସେ ଟଙ୍କା ତ ଅଛି।"

"ସବୁ ଟଙ୍କା କ'ଣ ଥିବ ଚନ୍ଦ୍ରିକା? ଶ୍ରାଦ୍ଧରେ ତ ତତେ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା।"

"ଶ୍ରାଦ୍ଧ ପାଇଁ ଆପଣ ଅଧିକା ଅଲଗା କରି ଶଏ ଟଙ୍କା ଦେଇଥିଲେ ତା' କ'ଣ ଆପଣଙ୍କର ମନେ ନାହିଁ? ବିବାହ ପାଇଁ ଯେଉଁ ଟଙ୍କା ଦେଇଥିଲେ ତାହା ମୁଁ ପୋଷ୍ଟ ଅଫିସ୍‌ରେ ଜମା କରି ଦେଇଥିଲି ଖର୍ଚ୍ଚ ହୋଇଯିବ ବୋଲି। ସେଦିନ ଦ୍ୱାରିକା ହାତରେ ଟଙ୍କା ଦେଇଦେଲି ପୂର୍ବରୁ କିଛି କିଣା କଟା କରିଥିବ ବୋଲି।"

"ଦ୍ୱାରିକା ତୋର ଛୋଟ ଭାଇ - ନୁହେଁ?"

"ହଁ ବାବୁ।"

"ହଁ ଭଲକଥା, ମୋର ମନିବ୍ୟାଗଟା ଥରେ ନେଇ ଆସ ତ।"

"ବର୍ତ୍ତମାନ ଟଙ୍କା କ'ଣ ହେବ ବାବୁ?"

"ନେଇ ଆସନା କେତେ ଅଛି ଦେଖିବା; ଯା' ଉଠ।"

ଚନ୍ଦ୍ରିକା ଅନିଚ୍ଛା ସତ୍ତ୍ୱେ ମଧ୍ୟ ବାକ୍ସରୁ ମନିବ୍ୟାଗଟା ବାହାର କରି ଆଣିଲା। ଟଙ୍କା, ପଇସା, ଚାବି ସବୁ ଚନ୍ଦ୍ରିକାର ଜିମାରେ ହିଁ ଥାଏ।

Digitized by srujanika@gmail.com

"ହଁରେ ତୁ ଯେଉଁ କେତେଗୁଡ଼ାଏ ଗିନି କରି ରଖିଥିଲୁ ସେଗୁଡ଼ାକ କାହିଁ ?"

"ତାହା ତ ବ୍ୟାଗ୍‌ରେ ନଥାଏ - ତାହା ଯେ ରୂପାର ଡବାରେ ଅଛି।"

"ଆଚ୍ଛା ସେଇଟା ନେଇଆସ, ଥରେ ଦେଖି।"

ଚନ୍ଦ୍ରିକା ପୁଣି ଯାଇ ରୂପାର ଡବା ଆଣି ବାବୁଙ୍କ ହାତରେ ଦେଲା। ଡବା ଖୋଲି କେତେଟା ଗିନି ବାହାର କରୁ କରୁ ଜ୍ଞାନପ୍ରକାଶ ପଚାରିଲା - "ଚନ୍ଦ୍ରିକା ତୁମ୍ଭର ଦେଶରେ ଗିନି ହାରର ବହୁତ ଆଦର, ନୁହେଁ ?"

ଚନ୍ଦ୍ରିକା ବ୍ୟାପାରଟା ଅନୁମାନ କରି ଚକ୍ଷୁଦ୍ୱୟ ଉପରକୁ ଚାହିଁ କହିଲା - "କେଜାଣେ ବାବୁ, ସେସବୁ ଅମୀର ଲୋକଙ୍କର ପାଖରେ ହୋଇପାରେ। ଆମ ପରି ଲୋକେ ଗିନି, ଟିନି ଭଲ ପାଉନା।" ଜ୍ଞାନ ପ୍ରକାଶ ତା'ର କଥାକୁ କର୍ଣ୍ଣପାତ ନ କରି କେତେଟା ଗିନି ହାତରେ ଧରି କହିଲା - "ଚନ୍ଦ୍ରିକା, ତୋର ଝିଅକୁ ଏଇ କେଇଟା ଗିନି ଗୁନ୍ଥି ପିନ୍ଧାଇ ଦେବୁ, ବୁଝିଲୁ ?"

ଚନ୍ଦ୍ରିକା ବାବୁଙ୍କୁ ଜାଣେ, ତଥାପି ଥରେ ଆପତ୍ତି କରିବାର ଚେଷ୍ଟା କଲା। କହିଲା - " ଯାହା ଦରକାର ସବୁ ତ ହୋଇଯାଇଛି ବାବୁ। ଏକ୍ଷଣି ଉପାୟ ନାହିଁ, ଏତେ ଖର୍ଚ୍ଚ କଲେ ଚଳିବ କିପରି ? ପୁଣି ଆମମାନଙ୍କ ମଧ୍ୟରେ ସେସବୁ ଗହଣାର ଚଳପ୍ରଚଳ ନାହିଁ।"

"ତୁ ବେଶୀ ବାକ୍‌ବିତଣ୍ଡା କରନା। ତୋରି ଝିଅକୁ ଏହି ଗହଣାଟି ମୁଁ ଦେଉଛି। ମୁଁ ତ ତୋ ପରି ରୂପାର ଗହଣା ଦେଇପାରିବିନି - ସେଟା ତ ଗୋଟିଏ ଜିନିଷ।"

ଚନ୍ଦ୍ରିକା ବାବୁଙ୍କ ହାତରୁ ଗିନି ନେଇ ଗଣି ଦେଖିଲା - ୧୨ଟା ଗିନି। ଭୟେ ଭୟେ କହିଲା "ଏକେବାରେ ୧୨ଟା ବାବୁ!"

"ତୁ ତା' ହେଲେ ଗଣି ଶିଖିଲୁଣି ଏତେ ଦିନେ।" କହି ହସି ହସି ଜ୍ଞାନପ୍ରକାଶ ପୁସ୍ତକ ଖଣ୍ଡିକ ହାତରେ ଧରିଲା।

ଚନ୍ଦ୍ରିକା ନିରୁତ୍ତର ହେଲା - ଆଉ କିଛି କହି ପାରିନି, ସୁବିଧା ପାଇନି।

ଟିକିଏ ପରେ ବହି ଉପରୁ ଆଖି ଫେରାଇ ମନିବ୍ୟାଗରୁ ୧୦ ଟଙ୍କିଆ ଦୁଇଟି ନୋଟ ବାହାର କରି ଜ୍ଞାନପ୍ରକାଶ କହିଲା - "ଦେଖ ଚନ୍ଦ୍ରିକା ଯିବା ଦିନ

Digitized by srujanika@gmail.com

କାଶୀରୁ କିଛି ଫଳ ଏବଂ ଆମ ବଙ୍ଗଳା ଦେଶର କିଛି ମିଷ୍ଟାନ୍ନ କିଣି ନେଇଯିବୁ। ସନ୍ଦେଶ, ରସଗୋଲା ନେବୁ - ବୁଝିଲୁ ? ତୁ ଯେ ବଙ୍ଗାଳୀ ଲୋକର ଗୃହରେ ଅଛୁ, ତା'ର ଗୋଟିଏ ଚିହ୍ନ ଥିବା ଦରକାର ତ ?"

ଆପତ୍ତି କରିବା ନିରର୍ଥକ ଜାଣି, ହାତ ବଢ଼ାଇ ଚନ୍ଦ୍ରିକା ନୋଟ ଦୁଇଖଣ୍ଡ ମଧ୍ୟ ନେଲା। ତା'ପରେ ମନିବ୍ୟାଗ ଓ ରୂପାର ଡବା ନେଇ ଗଲା ଘର ଭିତରକୁ ରଖିବା ପାଇଁ। କିନ୍ତୁ ଚକ୍ଷୁ ଦ୍ୱୟ ତା'ର ଜଳରେ ଭରିଗଲା।

ଅପରାହ୍ନରେ ଚନ୍ଦ୍ରିକା ଦ୍ୱାରା ଠିକ୍ କରାଯାଇଥିବା ଲୋକଟି ଉପସ୍ଥିତ ହେଲା। ଜ୍ଞାନପ୍ରକାଶ ଥରେ ମାତ୍ର ତା'ର ମୁହଁକୁ ଚାହିଁଲା - କିନ୍ତୁ କିଛି କହିଲା ନାହିଁ। ଚନ୍ଦ୍ରିକା, ତାହାକୁ ଆଡୁଆଳକୁ ନେଇଯାଇ କ'ଣ କ'ଣ କରିବାକୁ ହେବ, ବାବୁଙ୍କୁ କିପରି ଭାବରେ ଲକ୍ଷ୍ୟ ରଖିବାକୁ ହେବ, ସବୁ ମୋଟାମୋଟି ଏକରକମ ବୁଝାଇଦେଲା ଏବଂ ସକାଳରେ ଆସିବା ପାଇଁ କହିଲା - ତା'ର ଉଦ୍ଦେଶ୍ୟ - ସେ କିପରି ଭାବରେ ବାବୁଙ୍କ କାମ କରେ ତାହା ସେ ନୂତନ ଆସିଥିବା ଲୋକକୁ ଦେଖାଇଦେବ।

ଅପରାହ୍ନେ ଚନ୍ଦ୍ରିକା ପ୍ରଭୁ (ମୁନିବ)ଙ୍କୁ ଚା' ଆଣି ଦେଲା। ହାତର ବହି ଖଣ୍ଡିକ ରଖି ଜ୍ଞାନପ୍ରକାଶ ଧୀରେଧୀରେ ଚା' ପାନ କରି ପୁଣି ପଢ଼ାରେ ମନୋନିବେଶ କଲା।

ଟିକିଏ ପରେ ଘରର ସବୁ ଆଲୁଅ ଜାଳିଦେଇ ପଚାରିଲା - "କିଛି ଖାଇବାକୁ ଦେବି ବାବୁ ?"

ଜ୍ଞାନପ୍ରକାଶ ମୁହଁ ହଲାଇ ଜଣାଇଲା - "ନା।"

ଚନ୍ଦ୍ରିକା ପୁଣି ଥରେ କହିଲା - "ପରଦିନ ଖୁବ୍ ସନ୍ଦେଶ କିଣି ରଖିଥିଲି। ଆଜି ଯଦି ନ ଖାଆନ୍ତି ତ ସବୁ ନଷ୍ଟ ହୋଇଯିବ।"

"ସନ୍ଦେଶ କ'ଣ କରିବାକୁ ଆଣିଲୁ ଚନ୍ଦ୍ରିକା - ସେ ଆଉ ଭଲ ଲାଗୁନାହିଁ।" - ଟିକିଏ ଅପ୍ରସନ୍ନ ହୋଇ ଜ୍ଞାନପ୍ରକାଶ କହିଲା। ଗୋଟିଏ କଥା ମନେପଡ଼ି ଯିବାରୁ ଚନ୍ଦ୍ରିକା ଲଜ୍ଜିତ ହେଲା। ତେବେ ମଧ୍ୟ ସେ ଶେଷ ଚେଷ୍ଟା କରି କହିଲା - "ରାତ୍ରିରେ ତ ଖାଇବା ଜିନିଷ ପ୍ରାୟ ପଡ଼ିଥାଏ; ସନ୍ଧ୍ୟାରେ ଯଦି କିଛି ନ ଖାଇବେ, ଶରୀର ରହିବ କିପରି ? ଅନ୍ୟ କୌଣସି ଖାଦ୍ୟ ପଦାର୍ଥ କ'ଣ ଆଣିବି ?" ଚନ୍ଦ୍ରିକାର କଥା

Digitized by srujanika@gmail.com

ମଧ୍ୟରେ ଏପରି କୋମଳତା ଏବଂ ମିନିତି ଥିଲା ଯେ, ଯହିଁରେ ଜ୍ଞାନପ୍ରକାଶ ଚକ୍ଷୁଦ୍ୱୟ ଉପରକୁ ଉଠାଇ ଥରେ ଚାହିଁଲା, ତା'ପରେ କହିଲା - "ଆଚ୍ଛା ଯାହା ଘରେ ଅଛି ତାହା ନେଇ ଆସ।" ଚନ୍ଦ୍ରିକା ଆନନ୍ଦିତ ହୋଇ ଗୋଟିଏ ପ୍ଲେଟ୍‌ରେ ସନ୍ଦେଶ ଆଣି ଜ୍ଞାନପ୍ରକାଶର ସମ୍ମୁଖରେ ରଖିଲା। ଜ୍ଞାନପ୍ରକାଶ ସେଥିରୁ ଗୋଟିଏ ସନ୍ଦେଶ ନେଇ ଡାକିଲା - "କିଟି"

କିଟି ଚେୟାର ତଳେ ହାତ ଗୋଡ଼ ସବୁ ଗୋଟାଇ ବେଶ୍ ଆରାମରେ ଶୋଇଥିଲା। ପ୍ରଭୁର ଆହ୍ୱାନରେ ତତ୍‌କ୍ଷଣାତ୍ ବାହାରକୁ ଆସି ଚାରି ଗୋଡ଼କୁ ଟିକିଏ ପ୍ରସାରିତ କରି ଥରେ ଆଳସ୍ୟ ଭାଙ୍ଗିନେଲା ଏବଂ ଶ୍ୱାନ ସୁଲଭ ଗୋଟିଏ ମୃଦୁ ଶବ୍ଦ କରି ପ୍ରଭୁର ମୁହଁକୁ ଚାହିଁ ରହିଲା - ଯେପରି ଉତ୍ତର ଦେଲା - "ଆଜ୍ଞା।"

ଜ୍ଞାନପ୍ରକାଶ କିଟିର ମୁହଁକୁ ଚାହିଁ ଗମ୍ଭୀର ହୋଇ କହିଲା - "କିଟି ତୁମେ କ୍ରମଶଃ ଅଳସୁଆ ହୋଇଯାଉଛ। ମୋଠାରୁ - ବୁଝୁଛ ? କେବଳ ଖାଇବା ଏବଂ ଶୋଇବା। ଟିକିଏ ଅଧେ କାର୍ଯ୍ୟ କର୍ମ କର; ଏକେବାରେ ବାବୁ ହୋଇଯାଅନା।"

କିଟି ସମ୍ମତିସୂଚକ ଭାବ ଦେଖାଇବା ପାଇଁ ପ୍ରଭୁର ପାଖରେ ଆଉ ଘଷି ହୋଇ ବସିଲା।

ପାତ୍ରରୁ ଦୁଇଟି ସନ୍ଦେଶ ନେଇ କିଟି ପାଖରେ ରଖିଦେଇ ଜ୍ଞାନପ୍ରକାଶ କହିଲା - "ନେ, ଖାଇବାର ଜିନିଷ, ଖା।" ଚନ୍ଦ୍ରିକା କହୁଛି ସନ୍ଦେଶ ନ ଖାଇଲେ ରୋଗା ହୋଇଯିବୁଁ।"

ସନ୍ଦେଶ ଦୁଇଟି କେବଳ ଥରେ ଥରେ ଶୁଂଘି କିଟି ପ୍ରଭୁର ମୁହଁକୁ ଚାହିଁ ରହିଲା। ଜ୍ଞାନପ୍ରକାଶ ଗୋଟିଏ ସନ୍ଦେଶ ଡାହାଣ ହାତରେ ଧରି ସେଟାକୁ ଥରେ କାମୁଡ଼ି ଦେଇ କହିଲା - "ଏହି ଦେଖ ମୁଁ ଖାଉଛି, ତୁ ଖାଆ।" କିଟି ତେବେ ମଧ୍ୟ ପ୍ରଭୁର ମୁହଁକୁ ଚାହିଁ ରହିଲା।

ଅବଶିଷ୍ଟ ସନ୍ଦେଶ ଟିକକ ମୁହଁରେ ଦେଇ ଜ୍ଞାନପ୍ରକାଶ କହିଲା - "ଏହି ଦେଖ, ଏଥର ଖାଇପକାଇଛି।" ତା' ପରେ ଗ୍ଲାସ୍‌ରେ ଥିବା ପାଣି ପିଇଲା।

ତା'ପରେ କିଟି ଆନନ୍ଦରେ ଜଳଯୋଗ କଲା। ଏ ଦିଗରେ ଜ୍ଞାନପ୍ରକାଶ ମଧ୍ୟ ଅନ୍ୟ ଦିନଗୁଡ଼ିକ ପରି ଗୀତର ସୁର ଧରିଲା।

Digitized by srujanika@gmail.com

ରାତ୍ରି ୧୨ଟା ସମୟରେ ଜ୍ଞାନପ୍ରକାଶ ଗୀତ ବନ୍ଦ କରି ଡାକିଲା – "ଚନ୍ଦ୍ରିକା।"

ଚନ୍ଦ୍ରିକା ଆଖି ରଗଡ଼ି ରଗଡ଼ି ସମ୍ମୁଖକୁ ଆସିଲା।

"ଆଉ ଏକ ପିଆଲା ଚା' ଦେଇ ପାରିବୁ ଚନ୍ଦ୍ରିକା ?"

ଚନ୍ଦ୍ରିକା ଫେରିଯାଇ ଷ୍ଟୋଭ ଲଗାଇ ଜଳ ଚଢ଼ାଇଦେଲା। ଜ୍ଞାନପ୍ରକାଶ ପୁଣି ଗୀତ ଗାଇବାକୁ ଲାଗିଲା। ଚା' ତିଆରି ହୋଇଯିବା ପରେ ରଖିବାକୁ ଆସି ଚନ୍ଦ୍ରିକା ଦେଖିଲା ବାବୁ ଗୀତ ଗାଉଛନ୍ତି। ଆଉ ତାଙ୍କ ଚକ୍ଷୁ ଦ୍ୱୟ ବାରମ୍ବାର ସଜଳ ହୋଇଆସୁଛି। କେତେ ବିନ୍ଦୁ ଜଳ ମଧ୍ୟ ଚକ୍ଷୁ ମଧ୍ୟରୁ ଗଡ଼ିପଡ଼ିଲା। ଚନ୍ଦ୍ରିକା କିଛି ନ କହି କେବଳ ପ୍ରଭୁର ଦୃଷ୍ଟି ଆକର୍ଷଣ କରିବା ପାଇଁ ଛିଡ଼ା ହୋଇ ରହିଲା।

ଗୀତ ଶେଷ ହେଲା। ଜ୍ଞାନପ୍ରକାଶ ଚା' ପିଆଲା ହାତରେ ନେଇ କ'ଣ ଭାବିବାକୁ ଲାଗିଲା। ଚକ୍ଷୁର ଜଳ ପୋଛିଦେବାକୁ ତା'ର ମନେହେଲାନି। ଟିକିଏ ପରେ କହିଲା – "ଚନ୍ଦ୍ରିକା ଗୀତ ଆଜି ବଡ଼ ଭଲ ଲାଗୁଛି।" ସଙ୍ଗେ ସଙ୍ଗେ ଆଉ କେତେକ ବିନ୍ଦୁ ଜଳ ତାହାର ଚକ୍ଷୁ ଭିତରୁ ଝରଝର ହୋଇ ଝରିପଡ଼ିଲା।

ଜ୍ଞାନପ୍ରକାଶ ଜମିଦାରର ପୁଅ। ଅଳ୍ପ ବୟସରେ ପିତୃ ମାତୃହୀନ। ବିଶ୍ୱାସୀ ଦେବାନ୍ ବିଶ୍ୱନାଥର ହାତରେ, ତାହାର ରକ୍ଷଣାବେକ୍ଷଣର ଭାର ପଡ଼େ। ବିଷୟ, ସମ୍ପତ୍ତିର ଭାର ପୂର୍ବରୁ ହିଁ ଥିଲା।

ବିଏ ପାଶ୍ କରି ଜ୍ଞାନପ୍ରକାଶ ଡାକ୍ତରୀ ପଢ଼ିବାକୁ ଚାହିଁଲା। ବିଶ୍ୱନାଥ ଥରେ କହିଲେ – "ସେ ପଥରେ ତ ପୁଣି ପାଞ୍ଚ ଛଅ ବର୍ଷ ଲାଗିବ, ତା' ଅପେକ୍ଷା ବିଷୟପତ୍ର ଦେଖିଲେ ହୁଅନ୍ତା ନାହିଁ ?"

ଜ୍ଞାନପ୍ରକାଶ କହିଲା – "ମୁଁ ଦେଖିଲେ ବିଷୟପତ୍ର ଏପରି କ'ଣ ଅଧିକ ବଢ଼ିଯବ ?" ବିଶ୍ୱନାଥ କହିଲେ – "ତେବେ ମଧ୍ୟ ସବୁ ଶିଖିବା ଓ ଜାଣିବା ଦରକାର।"

ଜ୍ଞାନପ୍ରକାଶ କହିଲା – "ଶିକ୍ଷା ?" ତାହା ସେ ଡାକ୍ତରୀ ପାଶ୍ କରି ଆସିଲେ ମଧ୍ୟ ଆପଣ ତ ଶିଖାଇ ଦେଇ ପାରିବେ। ଯେତେଦିନ ଆପଣ ଅଛନ୍ତି, ସେତେଦିନ ଆପଣ ମୋତେ ଟିକିଏ ପଢ଼ାଶୁଣା କରିବାକୁ ଦିଅନ୍ତୁ। ବାପା ମାଆ କେହି ତ ନାହାନ୍ତି। ଆପଣ ମୋର ସବୁ। ଆପଣ ଯଦି ଏପରି କହିବେ...।"

Digitized by srujanika@gmail.com

ବୃଦ୍ଧ ବିଶ୍ୱନାଥ ସଜଳ ନୟନରେ କହିଲେ – "ନା ବାବା ମୁଁ ଆଉ ଏକଥା କହିବି ନାହିଁ। ମୋର କଥା ମୁଁ ଫେରାଇ ନେଉଛି। ତୁମ୍ଭର ଯେତେଦିନ ଇଚ୍ଛା ଲେଖାପଢ଼ା କର।"

ଜ୍ଞାନପ୍ରକାଶ ଡାକ୍ତରୀ ପଢ଼ି ପାଶ୍ କଲା। ତା'ପରେ ସ୍ଥିର କଲା ଆଇନଟା ମଧ୍ୟ ପଢ଼ିନେବ ଏବଂ ବିଶ୍ୱନାଥଙ୍କର ସମ୍ମତି ନେଇ ଲ କଲେଜରେ ନାମ ଲେଖାଇଲା।

ଏହି ସମୟରେ ଅଜୟର ସାଥୀରେ ତା'ର ବନ୍ଧୁତ୍ୱ ହୁଏ। ଅଜୟର ଘରକୁ ମଧ୍ୟ ସେ ଯାଏ। ଅଜୟର ପିତା ବାରିଷ୍ଟର ସଞ୍ଜୟ ସେନ ମିଷ୍ଟର ଏସ୍. ସେନ ନାମରେ ଅଧିକ ପରିଚିତ ଥିଲେ। ବାରିଷ୍ଟରି ପ୍ରତି ତାଙ୍କର ବହୁତ ଅନୁରାଗ। ଜ୍ଞାନପ୍ରକାଶକୁ ସେ ବେଶ୍ ପସନ୍ଦ କରୁଥିଲେ। ପିଲାଟି ସୁଶିକ୍ଷିତ, ସତ୍‌ଚରିତ୍ର ଓ ଧନବାନ ବୋଲି ସେନ୍‌ଙ୍କୁ ଆହୁରି ଭଲ ଲାଗୁଥିଲା। ଏହାର କାରଣ ଏହି ଯେ ତାହାଙ୍କର ଏକମାତ୍ର କନ୍ୟା ବିଜୟାର ସ୍ୱାମୀ ନିର୍ବାଚନରେ ବିଭ୍ରାଟ ଘଟିଥିଲା। ଏହାର ଗୋଟିଏ ଇତିହାସ ଥିଲା।

.ମି. ସେନଙ୍କର ଗୋଟିଏ ପଣ ଥିଲା ଯେ, ବାରିଷ୍ଟର ଛଡ଼ା ସେ ଆଉ କାହାରିକୁ ଜାମାତା ପଦରେ ନିଯୁକ୍ତି ଦେବେ ନାହିଁ। ତାଙ୍କର ମତ, ଯେପରି ପଶୁଙ୍କର ରାଜା ସିଂହ, ସେପରି ମନୁଷ୍ୟମାନଙ୍କର ରାଜା ବାରିଷ୍ଟର – ଯାହାର ଭ୍ରୂଭଙ୍ଗୀରେ ଏବଂ ଦର୍ପରେ ଚିଫ୍ ଜଷ୍ଟିସ୍ ପର୍ଯ୍ୟନ୍ତ କାହିଲ ହୋଇ ପଡ଼ନ୍ତି। କିନ୍ତୁ ଏପରି ସତ୍ ପାତ୍ର ବଜାରରେ ତିଆରି ହୋଇଥିବାର ଦେଖା ଯାଏ ନାହିଁ। ନିଜକୁ ତିଆରି କରିବାକୁ ହୁଏ। ଏଥିଲାଗି ମିଷ୍ଟର ସେନ୍ ଅର୍ଥବ୍ୟୟ କରିବାକୁ କୁଣ୍ଠିତ ନଥିଲେ। ଅଜୟର ବନ୍ଧୁମାନଙ୍କ ମଧ୍ୟରୁ ବାଛି ବାଛି ଉପଯୁକ୍ତ ଛାତ୍ରଙ୍କୁ ସେ ସମାଦର କରନ୍ତି ଏବଂ ଘରକୁ ଡାକି ଘରର ମହିଳାମାନଙ୍କ ସହିତ ପରିଚୟ ମଧ୍ୟ କରାଇ ଦିଅନ୍ତି। ଯେଉଁ କେତୋଟି ଯୁବକ ତାହାଙ୍କ ଘରକୁ ଯାତାୟାତ କରନ୍ତି, ସେମାନଙ୍କ ମଧ୍ୟରୁ କୁମୁଦନାଥ ନାମକ ଗୋଟିଏ ଯୁବକ ପ୍ରତି ବିଜୟା ଅନୁରକ୍ତ ହୁଏ। ବିଜୟା ସେତେବେଳେ ସ୍କୁଲ ଛାଡ଼ି କଲେଜରେ ପ୍ରଥମ ପ୍ରବେଶ କରିଛି। କୁମୁଦନାଥ ଦୁଇଥର ବିଏ ଫେଲ୍ ହୋଇ ମଧ୍ୟ କଲେଜ ଛାଡ଼ିନାହିଁ। କୁମୁଦର ଦୈହିକ ସୌନ୍ଦର୍ଯ୍ୟ, ତାହାର କଥାବାର୍ତ୍ତା କହିବାର ଅଦ୍ଭୁତ କ୍ଷମତା, ସବୁରକମର କାର୍ଯ୍ୟରେ ତାହାର ଅସୀମ ସାହସ, ବିଜୟାକୁ ଅତିଶୟ ମୁଗ୍ଧ କରିଥିଲା।

Digitized by srujanika@gmail.com

ମି. ସେନ୍ ଏହା ଲକ୍ଷ୍ୟ କରି, ତା' ସହିତ ବିଜୟାର ବିବାହର କଥାବାର୍ତ୍ତା ଠିକ୍ କରିନେଲେ। ସ୍ଥିର ହେଲା ଯେ ମି. ସେନ୍‌ଙ୍କ ଖର୍ଚ୍ଚରେ ହିଁ କୁମୁଦ ବିଲାତ ଯାଇ ବାରିଷ୍ଟର ହୋଇ ଆସିବ ଏବଂ ଆସିକରି ସଙ୍ଗେ ସଙ୍ଗେ ବିଜୟାକୁ ବିବାହ କରିବ। ବିଏ ପାଶ୍ କରିବା ପାଇଁ ଆଉ ବୃଥା ଚେଷ୍ଟା ନ କରି କୁମୁଦ ଯଥା ସମୟରେ ବିଜୟାକୁ କନ୍ଦାଇ ବିଲାତ ଯାତ୍ରା କଲା। ପ୍ରୟୋଜନରୁ ବଳି ଆହୁରି ଟିକିଏ ବେଶୀ ଟଙ୍କା ମି. ସେନ୍ କୁମୁଦ ପାଖକୁ ପଠାନ୍ତି। ପୂର୍ବରେ କଥା ଥିଲା ଯେ ପରୀକ୍ଷା ଦେଇସାରି ସଙ୍ଗେ ସଙ୍ଗେ କୁମୁଦ ଚାଲିଆସିବ।

ପରୀକ୍ଷା ପରେ ସେ ଜଣାଇଲା ବିଲାତ ତ୍ୟାଗ କରିବା ପୂର୍ବରୁ ସେ ଥରେ ସମଗ୍ର ୟୁରୋପଟା ଘୂରି ଆସିବ। ମି. ସେନ୍ ଆପତ୍ତି କରି ନାହାନ୍ତି। ନିଜେ ମନକୁ ବୁଝାଇଲେ, କୁମୁଦ ସେପରି କଲେ ତା'ର ଶିକ୍ଷାଟା ସମ୍ପୂର୍ଣ୍ଣ ହେବ।

କିନ୍ତୁ ୟୁରୋପ ଭ୍ରମଣ ଟିକିଏ ବେଶୀ ବିଳମ୍ବ ହେଲା। ପରୀକ୍ଷାର ସମ୍ବାଦ ବାହାରିଲା, ଜଣାଗଲା କୁମୁଦ ପାଶ୍ କରିଛି। ଅଭିନନ୍ଦନ ସୂଚକ ଟେଲିଗ୍ରାମ ମଧ୍ୟ ତାଙ୍କ ପାଖକୁ ପଠାହେଲା। ତହିଁ ସଙ୍ଗେ ସଙ୍ଗେ ଆସିବାର ଖର୍ଚ୍ଚ ମଧ୍ୟ ପଠାହେଲା କିନ୍ତୁ କୁମୁଦ ଫେରିଲା ନାହିଁ। ପୁଣି ନ ଆସିବାର କାରଣ ମଧ୍ୟ ଜଣାଇନି। ମି. ସେନ୍ ଉଦ୍‌ବିଗ୍ନ ହୋଇ, ବିଲାତରେ ତାଙ୍କର ଯେଉଁ ବନ୍ଧୁମାନେ ଥିଲେ, ତାଙ୍କ ପାଖକୁ କୁମୁଦର ସମ୍ବାଦ ପଠାଇବା ପାଇଁ ଲେଖିଲେ।

ସମ୍ବାଦ ଆସିଲା ଅତି ନିଦାରୁଣ। ସେ ସେଠାରେ ଗୋଟିଏ ଶ୍ୱେତାଙ୍ଗିନୀକୁ ବିବାହ କରିଅଛି ଏବଂ ବିଲାତରେ ହିଁ ରହିବାର ସଂକଳ୍ପ କରିଅଛି। ଏହି ସମ୍ବାଦ ଶୁଣି ମିଷ୍ଟର ସେନ୍ ମୁଣ୍ଡରେ ହାତ ଦେଇ ସେହି ସ୍ଥାନରେ ହିଁ ବସି ପଡ଼ିଲେ। ସେ ପ୍ରକୃତରେ କୁମୁଦକୁ ବହୁତ ଭଲ ପାଉଥିଲେ। ତା'ର ଏହିପରି ବ୍ୟବହାରରେ ତାଙ୍କର ହୃଦୟରେ ଦାରୁଣ ଆଘାତ ତଥା ଦୁଃଖ ହେଲା। ବିଜୟାର ମୁହଁକୁ ସେ ଦେଖିପାରନ୍ତି ନାହିଁ। କିପରି ବର୍ତ୍ତମାନ ସବୁ ଦିଗ ବଜାୟ ରହିବ। ସେ ସେହି ଚିନ୍ତାରେ ସତତ ମଗ୍ନ ରହିଲେ। ଠିକ୍ ଏହି ସମୟରେ ଜ୍ଞାନପ୍ରକାଶ ସଙ୍ଗେ ତାଙ୍କର ପରିଚୟ ହୁଏ।

ବିଜୟା ଅତି ସୁନ୍ଦରୀ। ଏହି ଆଘାତ ତାହାର ତୀବ୍ର ସୌନ୍ଦର୍ଯ୍ୟ ଏବଂ ସର୍ବୋଜ୍ଜ୍ୱଳ ମୂର୍ତ୍ତିକୁ ସ୍ନିଗ୍ଧ, ଶାନ୍ତ କରି ଆହୁରି ମନୋରମ କରିପକାଇଲା।

Digitized by srujanika@gmail.com

ଜ୍ଞାନପ୍ରକାଶ ଡାକ୍ତରୀ ପଢ଼ା ଶେଷରେ ପୁଣି ଆଇନ ପଢୁଛି ଜାଣି, ମି. ସେନ୍ ତାହାକୁ ଦିନେ କଥାରେ କଥାରେ କହିଲେ ସେ କାହିଁକି ବିଲାତ ଯାଇ ବାରିଷ୍ଟରିଟା ପଢ଼ି ଆସୁନାହିଁ? ଓକିଲ ଏବଂ ବାରିଷ୍ଟର ମଧ୍ୟରେ ବଡ଼ ତଫାତ୍, ଯେପରି ବଙ୍ଗଳା ଦେଶର ଜରାଜୀର୍ଣ୍ଣ ଛାଗା-କୃତି ଗାଭୀ ଆଉ ଭାଗଲପୁରର ପ୍ରସିଦ୍ଧ ଗାଭୀର ବ୍ୟବଧାନ।

ଜ୍ଞାନପ୍ରକାଶ କୌଣସି ଆପତ୍ତି କରି ନାହିଁ। କେବଳ କହିଲା - "ଜ୍ୟେଷ୍ଠ ମହାଶୟଙ୍କ ଥରେ ମତ ନେବାକୁ ହେବ।" (ବିଶ୍ୱନାଥଙ୍କୁ ଜ୍ଞାନପ୍ରକାଶ 'ଜ୍ୟେଷ୍ଠ ମହାଶୟ' କହେ)

ଜ୍ଞାନପ୍ରକାଶକୁ ବାରିଷ୍ଟରି ପଢ଼ିବାର ଇଚ୍ଛୁକ ଜାଣି ସେ ସଙ୍ଗେ ସଙ୍ଗେ ନିଜର ସଂକଳ୍ପ ପ୍ରକାଶ କଲେ ଏବଂ ବିଜୟା ସହିତ ବିବାହର ପ୍ରସ୍ତାବ କଲେ। ଜ୍ଞାନପ୍ରକାଶ ଯେପରି ହାତରେ ଚାନ୍ଦ ପାଇଲା ସେ ସାଗ୍ରହରେ ସମ୍ମତ ହେଲା ଏବଂ ସାହସ ମଧ୍ୟ ଦେଲା ଯେ ଜ୍ୟେଷ୍ଠ ମହାଶୟଙ୍କ ମତ ନେବା କଠିନ ହେବ ନାହିଁ। ମିଷ୍ଟର ସେନ୍ କହିଲେ - "ତେବେ ବିବାହ ଶେଷ କରି ପରେ ବିଲାତ ଯିବାକୁ ହେବ।"

ବିଜୟାକୁ ଲାଭ କରିସାରି ଇଂଲଣ୍ଡଠାରୁ ଶତଗୁଣ ଦୂରକୁ ମଧ୍ୟ ଯିବାକୁ ଜ୍ଞାନପ୍ରକାଶର କୌଣସି ଆପତ୍ତି ନଥିଲା।

ଗୋଟିଏ ଭାବନାର ବିଷୟ ଥିଲା - ବିଜୟା ପରେ ଯଦି କୌଣସି ଗୋଳମାଳ କରି ବସେ! କୁମୁଦକୁ ସେ ଯେ ଏ ପର୍ଯ୍ୟନ୍ତ ଭୁଲି ନାହିଁ ଏହା ମିଷ୍ଟର ସେନ୍ ଜାଣନ୍ତି। ଝିଅ ବଡ଼ ହୋଇଛି - ବିଶେଷତଃ ସେହି ବ୍ୟାପାରଟା ପରେ ଝିଅର ମତଟା ନେବା ନିତାନ୍ତ ଦରକାରୀ ହୋଇପଡ଼ିଛି। ମତ ନେବାର ଭାର ପଡ଼ିଲା ଅନସୂୟାଙ୍କ ଉପରେ। ଅନସୂୟା ମିଷ୍ଟର ସେନ୍‌ଙ୍କ ଦୂର ସମ୍ପର୍କୀୟ ଭ୍ରାତୃଷ୍ପୁତ୍ରୀ। ବର୍ଷ ମଧ୍ୟରେ ପ୍ରାୟ ଛଅ ମାସ ତା'ଠାରୁ ମଧ୍ୟ ବେଶୀ। ଏହିଠାରେ ତାହାର ବିଧବା ମାତା ସଙ୍ଗେ ବାସ କରେ। ତା'ଛଡ଼ା ମିଷ୍ଟର ସେନ୍ ଯଦି କୌଣସି ଆତ୍ମୀୟାର ପ୍ରୟୋଜନ କରନ୍ତି ତ ତାଙ୍କୁ ହିଁ ଏଠାକୁ ନେଇଆସିଥାନ୍ତି।

ଅନସୂୟା ବିଜୟାଠାରୁ ବୟସରେ କିଛି ଛୋଟ - ଅତି ଶାନ୍ତ ଓ ମଧୁର ପ୍ରକୃତି। ଚନ୍ଦ୍ରମା ଶୋଭିତ-ଗଗନର ଗୋଟିଏ କୋଣରେ ନୀଳ ସ୍ନିଗ୍ଧୋଜ୍ଜ୍ୱଳ ତାରକା

Digitized by srujanika@gmail.com

ପରି ପ୍ରସ୍ଫୁଟିତ। ମିଷ୍ଟର ସେନ୍‌ଙ୍କ କଥା ଅନୁଯାୟୀ ଅନସୂୟା ବିଜୟା ପାଖରେ କଥାଟି ଉତ୍‌ଥାପନ କଲା। ଜଣାଇଲା ଯେ ବାବା ମହାଶୟ ଏହି ବିବାହ ଠିକ୍ କରିଛନ୍ତି। ପରଦିନ ବିବର୍ଣ୍ଣ ମୁହଁରେ ଅନସୂୟା ମିଷ୍ଟର ସେନ୍‌ଙ୍କୁ ଜଣାଇଲା ଯେ, ଖୁବ୍ ଆଗ୍ରହ ଓ ଜଣାଇଲେ ମଧ୍ୟ ବିଜୟା କୌଣସି ଆପତ୍ତି କରିନାହିଁ ଏବଂ କରିବ ନାହିଁ ମଧ୍ୟ। ପୁଣି ମିଷ୍ଟର ସେନ୍‌ଙ୍କ ମୁହଁ ପ୍ରଫୁଲ୍ଲ ହୋଇଉଠିଲା। କିନ୍ତୁ ସେହି ଦିନଠାରୁ ଅନସୂୟାର ହସ ଟିକକ କୁଆଡ଼େ ମିଳାଇଗଲା।

ଜ୍ଞାନପ୍ରକାଶ ସଙ୍ଗେ ସଙ୍ଗେ ବିଶ୍ୱନାଥଙ୍କୁ ନିଜର ଇଚ୍ଛା ଜ୍ଞାପନ କରି ଖଣ୍ଡିଏ ପତ୍ର ଲେଖିଲା ଏବଂ ତାଙ୍କର ଅନୁମତି ମାଗିଲା। ତାଙ୍କୁ ଅନୁରୋଧ ମଧ୍ୟ କଲା ଯେ ସେ ଯେପରି ଆସି ବିଜୟାକୁ ଆଶୀର୍ବାଦ ଦେଇଯାଆନ୍ତୁ।

ଜ୍ଞାନପ୍ରକାଶର ପିତା ସ୍ୱେଚ୍ଛାରେ ବ୍ରହ୍ମଧର୍ମ ଗ୍ରହଣ କରିଥିଲେ। ସୁତରାଂ ଏହି ପରିବାରରେ ଜ୍ଞାନପ୍ରକାଶର ବିବାହ ବିଷୟ ନେଇ ବିଶ୍ୱନାଥଙ୍କର କୌଣସି ଆପତ୍ତି ନଥିଲା। ସେ ନିଜେ ହିନ୍ଦୁ ହେଲେ ମଧ୍ୟ ସେହି ପ୍ରସ୍ତାବକୁ ସେ ଆନନ୍ଦରେ ସମର୍ଥନ କଲେ। ଯଥା ସମୟରେ ବିବାହ ଶେଷ ହେଲା। ବିବାହ ପରେ ଅନସୂୟା ମାତା ସଙ୍ଗେ ସ୍ୱଦେଶକୁ ଯିବାକୁ ଇଚ୍ଛା କଲା। ଜ୍ଞାନପ୍ରକାଶ ବାଧା ଦେଲା। ପ୍ରକୃତରେ ଜ୍ଞାନପ୍ରକାଶ ଅନସୂୟାକୁ ସ୍ନେହଚକ୍ଷୁରେ ଦେଖେ; କହିଲା - "ମୁଁ ବିଲାତ ଗଲା ପରେ ତୁମେ ଯାଇପାର। ବର୍ତ୍ତମାନ ନୁହେଁ। ଜ୍ଞାନପ୍ରକାଶର ବିଲାତ ଯିବା ଦିନ ଆସିଲା। ବିଜୟା ପାଖରୁ ବିଦାୟ ନେଇ ଜ୍ଞାନପ୍ରକାଶ ଅନସୂୟାକୁ ଖୋଜିଲା। ତା'ର କିନ୍ତୁ ସାକ୍ଷାତ ସେ ପାଇ ପାରିଲା ନାହିଁ।

ଜ୍ଞାନପ୍ରକାଶର ବିଲାତ ଯିବାର କେତେ ମାସ ପରେ ମି. ସେନ୍ କୁମୁଦର ଖଣ୍ଡିଏ ପତ୍ର ପାଇଲେ। ଗୋଟିଏ ଇଂରାଜୀ ତନୟା ତାହାର ସାମାନ୍ୟ ଟିକିଏ ଦୁର୍ବଳତା ପାଇଁ ଭୟ ଦେଖାଇ ତାହାକୁ ବିବାହ କରିବା ପାଇଁ ସମ୍ମତି ନେଇଥିଲା ଏବଂ ସେ ତା'ର ଇଚ୍ଛା ବିରୁଦ୍ଧରେ ବିବାହ କରିଥିଲା। କିନ୍ତୁ ବର୍ତ୍ତମାନ ସେ ତା'ର ପାଇଁ ମହା ବିପଦରେ ପତିତ। ଜଣାଯାଇଛି ଯେ, ସେ ଅପର ଜଣକର ବିବାହିତା ସ୍ତ୍ରୀ। ପୂର୍ବ ବିବାହର କଥା ଗୋପନ ରଖି ଏବଂ ସେହି ବିବାହ ବନ୍ଧନ ଛିନ୍ନ କରି ସେ ପୁନର୍ବାର ବିବାହ କରିଥିଲା। ତାହାର ପୂର୍ବ ସ୍ୱାମୀ ବର୍ତ୍ତମାନ ତା'ରି ନାମରେ ନାନା

Digitized by srujanika@gmail.com

ପ୍ରକାର ଅଭିଯୋଗ ଆଣୁଛି। ବର୍ତ୍ତମାନ ଦୁଇ ଏକ ହଜାର ଟଙ୍କା ନ ହେଲେ ତାହାର ଆଉ ପରିତ୍ରାଣ ନାହିଁ। ପରିଶେଷରେ ସେ କ୍ଷମା ମାଗିଛି ଏବଂ ପୁଣି ମଧ୍ୟ ଜଣାଇଛି ଯେ, ସ୍ୱଦେଶକୁ ଫେରିଆସି ବିଜୟାକୁ ପାଇଲେ ସେ କୃତାର୍ଥ ହେବ।

ବାସ୍ତବିକ ମିଷ୍ଟର ସେନ୍ କୁମୁଦକୁ ହୃଦୟ ଦେଇ ସ୍ନେହ କରନ୍ତି। ସେ ଆବଶ୍ୟକ ଅର୍ଥ ତତ୍‌କ୍ଷଣାତ୍ କୁମୁଦ ପାଖକୁ ପଠାଇଦେଲେ ଏବଂ ବିଜୟାର ଯେ ବିବାହ ହୋଇଯାଇଛି ସେକଥା ମଧ୍ୟ ଜଣାଇଲେ।

ଏହାପରେ ତିନି ମାସ କଟିଯାଇଛି। ଦିନେ ହଠାତ୍ କୁମୁଦ ମିଷ୍ଟର ସେନ୍‌ଙ୍କ ଗୃହରେ ଆସି ହାଜର ହେଲା। କୁମୁଦ ଜଣେ ଅତି ଉତ୍କୃଷ୍ଟ ଅଭିନେତା। ସେ ଆସି ଏପରି ଦୁଃଖ ଓ ଅନୁତାପର ଛଳନା କଲା ଯେ, ସମସ୍ତଙ୍କର ହୃଦୟ ତାହାର ପ୍ରତି ସମବେଦନାରେ ପୂର୍ଣ୍ଣ ହୋଇଗଲା। ବିଜୟା ତ ଦୁଃଖାତିଶଯ୍ୟରେ ଏକେବାରେ କାନ୍ଦି ପକାଇଲା। ଲଜ୍ଜା ପଦାର୍ଥଟା କୁମୁଦର କୌଣସି ସମୟରେ ନଥାଏ। ସେ ମିଷ୍ଟର ସେନ୍‌ଙ୍କ ଗୃହକୁ ପୂର୍ବ ପରି ଯାତାୟାତ କରିବାକୁ ଲାଗିଲା। କୁମୁଦର କଥା କହିବାର ଯେଉଁ ଅଦ୍ଭୁତ କ୍ଷମତା ଥିଲା, ତାହା ସେ ଏହି ସମୟରେ ଖୁବ୍ କାର୍ଯ୍ୟକାରୀ କରି ପାରିଥିଲା। ଧୀରେଧୀରେ ସମସ୍ତେ ତାହାର ଅପରାଧର କଥା ଭୁଲିଗଲେ। ବିଜୟାର ବର୍ତ୍ତମାନ ମଧ୍ୟ ଥରେ ଥରେ ମନେହୁଏ ଯେ ଜ୍ଞାନପ୍ରକାଶ ମଝିରେ ଆସି ନ ପଡ଼ିଥିଲେ ପୂର୍ବରୁ ଯେପରି ଥିଲା ବର୍ତ୍ତମାନ ମଧ୍ୟ ସେପରି ହୁଅନ୍ତା।

ଜ୍ଞାନପ୍ରକାଶ ଯେତେବେଳେ ପାଶ୍ କରି ଫେରିଲା କୁମୁଦ ସେତେବେଳେ ଭାଙ୍ଗିଯାଇଥିବା ପ୍ରେମକୁ ରୀତିମତ ଯୋଡ଼ିବାରେ ବ୍ୟସ୍ତ। ସେ ଏ ସବୁ କଥା କିଛି ମାତ୍ର ଅବଗତ ନଥିଲା। କୁମୁଦକୁ ଏହାଙ୍କର କେହି ଜଣେ ବିଶିଷ୍ଟ ଆତ୍ମୀୟ ବୋଲି ଗ୍ରହଣ କଲା। ଜ୍ଞାନପ୍ରକାଶ ଯେତେବେଳେ ବିଜୟାକୁ ନେଇ ପୃଥକ ବସା ବାନ୍ଧିଲା ସେତେବେଳେ ମଧ୍ୟ କୁମୁଦ ଯାତାୟାତ କରିବାକୁ ଲାଗିଲା। କୁମୁଦ ନାମକୁ ମାତ୍ର କୋର୍ଟକୁ ଯାଏ। ଜ୍ଞାନପ୍ରକାଶ ଯେତେବେଳେ କୋର୍ଟରେ କେସ୍ ନେଇ ବ୍ୟସ୍ତ ଥାଏ, କୁମୁଦ ସେତେବେଳେ ବିଜୟା ପାଖକୁ ଆସି ଅନୁତାପ ଜଣାଇ ଏବଂ କଳ୍ପିତ ଦୁଃଖ ଓ ମନୋଭଙ୍ଗୀର କାହାଣୀ କହି ବିଜୟାର ମନକୁ ବିଚଳିତ ତଥା ବିଗଳିତ

Digitized by srujanika@gmail.com

କରେ । ଜ୍ଞାନପ୍ରକାଶର ବିଶ୍ୱସ୍ତ ଭୃତ୍ୟ ଚନ୍ଦ୍ରିକା ସିଂକୁ କିନ୍ତୁ କୁମୁଦର ଏପରି ଭାବର ଘନିଷ୍ଠତାକୁ ଭଲ ଲାଗୁନଥାଏ । କିନ୍ତୁ ସେ ଭୃତ୍ୟ । କୌଣସି କଥା କହିବାକୁ ତାହାର ସାହସ କୁଳାଏନି ।

କେତେଦିନ ପରେ କୁମୁଦ ବିଜୟାକୁ ନେଇ ନିରୁଦ୍ଦିଷ୍ଟ ହେଲା । କଥାଟା ସେହି ଦିନ ହିଁ ରାଷ୍ଟ୍ର ହୋଇଗଲା । ମି. ସେନ୍ ମଧ୍ୟ ସେହିଦିନ ରାତ୍ରିରେ ନିତାନ୍ତ ଅପରାଧୀ ପରି ଜ୍ଞାନପ୍ରକାଶ ସଙ୍ଗେ ଦେଖା କରିବାକୁ ଆସିଲେ । ପୂର୍ବ କଥା ଯାହା ଏତେ ଦିନ ଗୋପନ କରି ରଖିଥିଲେ, ସମସ୍ତ ଜ୍ଞାନପ୍ରକାଶକୁ ଜଣାଇଲେ । ଜ୍ଞାନପ୍ରକାଶ କାହାକୁ ଦୋଷ ଦେଇ ନାହିଁ । କେବଳ କହିଲା – "ସେ ଦୁହିଁଙ୍କ ମଙ୍ଗଳ ପାଇଁ ମୁଁ ବିବାହ ବନ୍ଧନ ଛିନ୍ନ କରି ଦେଉଛି । ଯାହାଦ୍ୱାରା ସେମାନଙ୍କର ବିବାହରେ ଯେପରି କୌଣସି ବାଧା ଉପସ୍ଥିତ ନ ହୁଏ ।"

ଜ୍ଞାନପ୍ରକାଶ, ଏହା ପରେ ଅତି ଅଳ୍ପ ଦିନ ମଧ୍ୟରେ ବିବାହ ବନ୍ଧନ ଛିନ୍ନ କରିଦେଇ, ବାରିଷ୍ଟରି ରୋଜଗାର ଛାଡ଼ି କଲିକତା ତ୍ୟାଗ କଲା । କେବଳ ଚନ୍ଦ୍ରିକା ଯାହା ହେଲେ ମଧ୍ୟ ପ୍ରଭୁର ସଙ୍ଗ ତ୍ୟାଗ କରିନାହିଁ । ଜ୍ଞାନପ୍ରକାଶ ଯିବା ସମୟରେ ବିଶ୍ୱନାଥଙ୍କୁ ଜଣାଇଲା ଯେ ଦେଶ, ବିଦେଶ ଘୂରି ଦୁଇ ତିନି ବର୍ଷ ପରେ ସେ ସ୍ୱଦେଶକୁ ଫେରିବ । ଦରକାର ହେଲେ ସେ ଅର୍ଥ ପାଇଁ ପତ୍ର ଦେବ । ଯଦି ସେ ୫ ବର୍ଷ ମଧ୍ୟରେ ଫେରି ନ ଆସେ, ତାହାହେଲେ ସମସ୍ତ ବିଷୟ, ସମ୍ପତ୍ତି ବିଶ୍ୱନାଥଙ୍କର ପୁତ୍ରର ହେବ – କାରଣ ବିଶ୍ୱନାଥଙ୍କ ପୁତ୍ର ତାହାର ନିଜର ଭାଇଟି ପରି ।

ତା'ପରେ ଦୁଇ ତିନି ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଚନ୍ଦ୍ରିକା ସଙ୍ଗରେ ଭ୍ରମଣ କରି ଜ୍ଞାନପ୍ରକାଶ କାଶୀକୁ ଆସେ । ଚନ୍ଦ୍ରିକାର ଅନୁରୋଧ କ୍ରମେ ସେ କାଶୀରେ କିଛି ଦିନ ରହିବା ପାଇଁ ସ୍ଥିର କରିଥିଲା । ଗୋଟିଏ ସ୍ଥାନ ଛାଡ଼ି ଅନ୍ୟ ସ୍ଥାନକୁ ଯିବାର ଉତ୍ସାହ ମଧ୍ୟ ତାହାର ଆଉ ନଥିଲା । ଚନ୍ଦ୍ରିକା ଅନୁରୋଧ କରି ବସାର ଗେଟ୍‌ର ପ୍ରସ୍ତରଫଳକ ଉପରେ ପ୍ରଭୁର ନାମରେ ତାଙ୍କର ପଦବୀଟା ଯୋଗ କରିବାର ବ୍ୟବସ୍ଥା କରିଥିଲା, ଯାହାର ଫଳରେ ମଧ୍ୟରେ ମଧ୍ୟରେ ତାହାଙ୍କୁ ଦୁଇଟା ଗୋଟାଏ ରୋଗୀ ଦେଖିବା ପାଇଁ ବାହାରକୁ ଯିବାକୁ ପଡୁଥାଏ ।

Digitized by srujanika@gmail.com

॥୪॥

ହରିଶ୍ଚନ୍ଦ୍ର ଘାଟରେ ସ୍ନାନ ବଢ଼ାଇ ଗୋଟିଏ ଯୁବତୀ ଫେରୁଥାଏ। ସମୟ ସେତେବେଳେ ୨ଟା ବାଜି ଗଲାଣି। ସେଦିନ ସୂର୍ଯ୍ୟଗ୍ରହଣ ତେଣୁ କରି ମୁକ୍ତିର ସ୍ନାନ କରିବା ପାଇଁ ଏତେ ଡେରିରେ ସେ ଘାଟକୁ ଆସିଥିଲା। ମୁଣ୍ଡ ତଳକୁ କରି ଯୁବତୀଟି ଚଞ୍ଚଳ ପଦବିକ୍ଷେପରେ ଆସୁଛି। ଏପରି ସମୟରେ ଗୀତର କେତୋଟି ପଦ ତାହାର କର୍ଣ୍ଣକୁହରରେ ପ୍ରବେଶ କଲା -

ଦୁଃଖରେ ମୁଁ ଡରିବି ନାହିଁ ଆଉ
ଦୁଃଖ ହେବ ମୋର କଣ୍ଠର ହାର
ଜାଣେ, ତୁମେ ମୋତେ ପାଇବ
ଅନଳେ ଯେତିକି ଦହିବ।

ଯେଉଁ ଗୃହ ମଧ୍ୟରୁ ଗୀତର ଧ୍ୱନି ଆସୁଥାଏ - ଯୁବତୀ ମନ୍ତ୍ରମୁଗ୍ଧବତ୍ ସେହି ଦିଗକୁ ଚାହିଁ ରହିଲା। ଏହି କଣ୍ଠ ତାହାର ଅତି ପରିଚିତ। ଠିକ୍ ରାସ୍ତା ଉପରେ ଘର। ଟିକିଏ ପାଖକୁ ଆସି, ପ୍ରସ୍ତର ଫଳକ ଲିଖିତ ଗୃହ ସ୍ୱାମୀର ନାମ ପଢ଼ି, ସେ ସ୍ତବ୍ଧ ହୋଇ ଛିଡ଼ାହେଲା। ପ୍ରଥମରେ ଯେଉଁ ଘର, ତାହାର ଦରଜା ଖୋଲା। ସୁରର ଆହ୍ୱାନ ସେ ଏଡ଼ିନପାରି ମୁକ୍ତଦରଜା ଦେଇ ସେହି ଗୃହକୁ ପ୍ରବେଶ କଲା। ବାମ ଦିଗର କକ୍ଷରେ ଜ୍ଞାନପ୍ରକାଶ ଅର୍‌ଗାନ ବଜାଇ ବଜାଇ ତା'ରି ସାଥୀରେ ଗୀତ ଗାଉଛି ଏବଂ ତାହାର ପାଦ ପାଖରେ ବସି ଗୋଟିଏ କୁକୁର ତାହାର ମୁହଁକୁ ନିର୍ନିମେଷ ଦୃଷ୍ଟି ଦେଇଛି। ଉକ୍ତ ଗୃହରୁ ଜ୍ଞାନପ୍ରକାଶର ମୁହଁର ଏକାଂଶ ମାତ୍ର ଦେଖାଯାଉଥିଲା। ତାହା ଦେଖି ଯୁବତୀ ତା'ର ଶବ୍ଦାୟମାନ ହୃଦୟକୁ ଦୁଇ ହସ୍ତରେ ଚାପି ଧରି ବସିପଡ଼ିଲା।

ଲୋକଚକ୍ଷୁଠାରୁ ନିଜକୁ ବଞ୍ଚାଇବା ପାଇଁ ରାସ୍ତା ଆଡ଼କୁ ଯେଉଁ ଗବାକ୍ଷ ଥିଲା ତାହା ରୁଦ୍ଧ କରିଦେଲା।

ଓଲଟ ପାଲଟ କରି ଜ୍ଞାନପ୍ରକାଶ ଗାଉଥିଲା ଅବିଶ୍ରାନ୍ତ ଗତିରେ -

ସଂସାରେ ମନ ପାଇନି ସାହାରା
ତୁମେ ତ ମୋର ହିଁ ରହିବ

Digitized by srujanika@gmail.com

ବହିବାରେ ଯଦି ନ ପାଏ ଏଭାର
ତୁମେ ତ ବନ୍ଧୁ ବହିବ ।
କଲୁଷ ମୋର ଦୀନତା ମୋର
ତୁମକୁ ଆଘାତ କରେ ଶତବାର
ଆଉ କେହି ଯଦି ନ ପାରେ ସହି
ତୁମେ ତ ବନ୍ଧୁ ସହିବ ।
ଗୁନ୍ଥିଛି ଯେତିକି ମୋର ଫୁଲ ମାଳ
ଥାକ ପରେ ଥାକ ଭରା ଫୁଲଡାଲା
ନହେବ ବିଫଳ ମୋର ଫୁଲତୋଳା
ତୁମେ ହିଁ ଚରଣେ ଘେନିବ ।
ଦୁଃଖରେ ମୁଁ ଆଉ ଡରିବି ନାହିଁ
ଜାଣେ ତୁମେ ମୋତେ ପାଇବ
ଯେତିକି ଅନଳେ ଦହିବ ।

ଯୁବତୀ ଦେଖିଲା ଜ୍ଞାନପ୍ରକାଶର ଚକ୍ଷୁରୁ କେତେଥର ଅଶ୍ରୁ ବାହାରି ପଡ଼ିଛି, କେତେ ଥର ଝରି ପଡ଼ିଛି । ଗୀତ ଶେଷ ହେବା ପରେ ସେ କିଛି ସମୟ ଅର୍‌ଗାନ ଉପରେ ମୁଣ୍ଡ ରଖି ସ୍ତବ୍ଧ ହୋଇ ରହିଲା । ପରେ ମୁଣ୍ଡ ଟେକି ଚକ୍ଷୁ ପୋଛି, ଡାକିଲା କ୍ଷୀଣ ସ୍ୱରରେ – 'କିଟି' ।

କୁକୁରଟି ଥରେ ମୁଣ୍ଡକୁ ଟେକି ଏପାଖ ସେପାଖ କଲା ପୁଣି କୋଳରେ ମୁଣ୍ଡ ରଖିଲା ।

ଜ୍ଞାନପ୍ରକାଶ କହିଲା – "କିଟି ଆଜି ଏକାଦଶୀ କିଛି ଖାଇବାର ନୁହେଁ । ବୁଝିଲୁ ?"

କିଟିର ଲାଞ୍ଜକଟା । ତେଣୁ ଲାଞ୍ଜ ହଲେଇବା ପରିବର୍ତ୍ତେ ସ୍ୱାମୀଙ୍କ କୋଳକୁ ମୁଣ୍ଡ ନେଇ ପୁଣି ନିଜର କୋଳରେ ରଖିଲା ।

"କିଟି, ଆଉ ଦୁଇଦିନ ପରେ ଚନ୍ଦ୍ରିକା ଆସିବ – ଏହି ଦୁଇଟି ଦିନ କ'ଣ ଉପବାସ କରି ରହିପାରିବୁ ନାହିଁ ?"

Digitized by srujanika@gmail.com

କିଟି ମୁହଁ ଉପରକୁ କରି ପ୍ରଭୁର ଉତ୍ତର ସ୍ୱରୂପ ଗୋଟିଏ ବିକଳ ଶବ୍ଦ କଲା ଏବଂ ପୁଣି ମୁହଁ ତଳକୁ କଲା – ଯେପରି କହିଲା, "ତୁମେ ଯଦି ଉପବାସ କରିବ ମୁଁ ଅବା ଉପବାସ ନ କରିବି କାହିଁକି ?"

"କିଟି, ଆଉ ଗୋଟିଏ ଗୀତ ଶୁଣିବୁ ?"

କିଟି ତାହାର ନିଜର ଭାଷାରେ ଉତ୍ତର ଦେବା ପୂର୍ବରୁ ରାସ୍ତା ପାଖର ଦରଜାରେ କ'ଣ ଗୋଟିଏ ଶବ୍ଦ ଶୁଣି ଚଞ୍ଚଳ ସେଠାକୁ ଚାଲିଗଲା। ବ୍ୟାପାର କ'ଣ ଦେଖିବା ପାଇଁ ଚକ୍ଷୁ ଫେରାଇ ଜ୍ଞାନପ୍ରକାଶ ଦେଖିଲା। ଅନସୂୟା ତାହାକୁ ସଜଳ ଚକ୍ଷୁରେ ଦେଖୁଛି ଏବଂ କିଟି ଆନନ୍ଦାତିଶଯ୍ୟରେ ତାହାର ପାଦ ଉପରେ ନିଜର ଦେହକୁ ଘଷି ଘଷିକା ତାହାକୁ ଅଭ୍ୟର୍ଥନା କରୁଛି। ଜ୍ଞାନପ୍ରକାଶ ପ୍ରଥମରେ କଥା କହିଲା – "ଅନସୂୟା !"

ଅନସୂୟା କମ୍ପିତ ପଦବିକ୍ଷେପରେ ଜ୍ଞାନପ୍ରକାଶ ପାଖକୁ ଆସି ତାହାକୁ ସବିନୟ ପ୍ରଣାମ କରି ଛିଡ଼ା ହେଇ ରହିଲା। "ସେହି ବିଛଣାରେ ବସ। ଏପରି ସମୟରେ ଆସିଛ ଯେ ତମର ଅଭ୍ୟର୍ଥନା କରିବାକୁ କୌଣସି ଉପାୟ ନାହିଁ।"

ଅନସୂୟା ଶଯ୍ୟାର ଗୋଟିଏ ପାଖରେ ବସି ପଚାରିଲା – "ଆପଣ ଏଠାରେ କେତେ ଦିନ ହେଲା ଅଛନ୍ତି ?"

"ଦୁଇ ମାସ – ତୁମେ କେବେ ଆସିଲ ? କାହା ସାଥୀରେ ?"

"ମୁଁ ମାଆଙ୍କ ସାଥୀରେ ମାସେ ଖଣ୍ଡେ ହେବ ଏଠାରେ ଅଛି। ଏ ଘାଟକୁ ପ୍ରାୟ ମୁଁ ଆସେନି। ଭୁବନେଶ୍ୱର ଦର୍ଶନ କରିବି ବୋଲି ଆଜି ଆସିଥିଲି; ମାଆଙ୍କ ଶରୀରଟା ଆଜି ଅସୁସ୍ଥ ତେଣୁ ସେ ଆଜି ଆସିପାରି ନାହାନ୍ତି।"

"କେଉଁଠାରେ ଅଛ ?"

"ଏଇ ପାଖରେ, ଆଉ ଏକ ମହଲରେ ମୋର ଜଣେ ମାଉସୀ ମାଆ ଅଛନ୍ତି। ସେହି ସ୍ଥାନରେ ଅଛି।"

"ଆଚ୍ଛା ବର୍ତ୍ତମାନ ଆଉ କ'ଣ ପଚାରିବି କହ ତ ?"

"କଥା ଖୋଜି ପାଉନାହାନ୍ତି ? ଆଚ୍ଛା ବର୍ତ୍ତମାନ ମୁଁ ପଚାରିବି ଆପଣ ଉତ୍ତର ଦିଅନ୍ତୁ। ଆପଣଙ୍କର ଲୋକ ଆତ୍ମୀୟ ସବୁ ଗଲେ କେଉଁ ଆଡ଼େ ?"

Digitized by srujanika@gmail.com

"ଲୋକ ଅବା ଆତ୍ମୀୟ ତ କେହି ଏଠାରେ ନାହାନ୍ତି।"

"କେହି ନାହାନ୍ତି! ରାନ୍ଧିବା କିମ୍ବା କାମ କରିବା ପାଇଁ ମଧ୍ୟ ନାହାନ୍ତି ?"

"ନା।"

"କାହିଁକି, ଆପଣଙ୍କର ଚନ୍ଦ୍ରିକା ତେବେ ଗଲା କାହିଁ ?"

"ସେ ଝିଅର ବିବାହ ଦେବାକୁ ସ୍ୱଦେଶକୁ ଯାଇଛି।"

"ଆଉ କୌଣସି ଲୋକ ରଖି ନାହାନ୍ତି ?"

"ଚନ୍ଦ୍ରିକା ଗୋଟିଏ ଲୋକ ଠିକ୍ କରି ଯାଇଥିଲା।"

"କାହିଁଗଲା ସେ ?"

"ସେ ମଧ୍ୟ ଚାଲିଯାଇଛି।"

"କେବେ ଗଲା ସେ ?"

"ତିନିଦିନ ହେଲା।"

"ଆଉ ଫେରି ଆସିନାହିଁ ?"

"ନା।"

"ଆସିଲା ନାହିଁ କାହିଁକି ?"

"ଯିବା ସମୟରେ କେତେଗୁଡ଼ିଏ ଜିନିଷ ନେଇଗଲା ତେଣୁ ଲଜ୍ଜାରେ ବୋଧହୁଏ ଆଉ ଆସିନି। କେତେ ଟଙ୍କା ଗୋଟିଏ ଘଡ଼ି ଏବଂ କେତେଗୁଡ଼ିଏ କପଡ଼ା। ଏହି ସବୁ।"

"ଏହି ୩ ଦିନ କିପରି ଚଳିଲେ ?"

"ଗୀତ ଗାଇ।"

"କ'ଣ ଖାଉଥିଲେ ?"

"ଦୁଇ ପ୍ରହର ସମୟରେ କଳପାଣି ଖାଉ। ରାତ୍ରିରେ ପାଖ ଗଳିର ଜଣେ ଭଦ୍ରଲୋକ କିଛି ଖାଦ୍ୟ ପଠାଇ ଦିଅନ୍ତି। ତାଙ୍କର ରୁଗ୍ଣା ସ୍ତ୍ରୀଙ୍କର ଚିକିତ୍ସା କରେ ବୋଲି ମୋର ଖବର ନିଅନ୍ତି।"

"ଦିନବେଳେ ପଠାଇ ଦେଇପାରନ୍ତି ନାହିଁ ?"

"ତାଙ୍କର ସ୍ତ୍ରୀ ରୁଗ୍ଣା; ତେଣୁ ଯେନତେନ ପ୍ରକାରେ ଦିନବେଳାଟା ନିଜେ

Digitized by srujanika@gmail.com

ରାନ୍ଧି ମୁଠାଏ ପାଟିରେ ପକାନ୍ତି। ରାତ୍ର ସମୟଟା ନିଶ୍ଚିନ୍ତ ହୋଇ ରାନ୍ଧନ୍ତି।"

"ଏହି କେତେଦିନ ଦିନବେଳା କିଛି ଖାଆନ୍ତି ନାହିଁ?"

"ଜଳପାଣି ବେଶୀ ପରିମାଣରେ ଖାଇଛି।"

"ତେଣୁ ବୋଧହୁଏ ଆପଣ କିଟିକୁ ଅମାବାସ୍ୟା ଦିନରେ ଏକାଦଶୀ କରିବା ପରାମର୍ଶ ଦେଇଛନ୍ତି ! ଚାଲନ୍ତୁ ତ ମୋତେ ଥରେ ରନ୍ଧାଘରଟା ଦେଖାଇ ଦିଅନ୍ତୁ।"

"କାହିଁକି ?"

"ଆପଣଙ୍କୁ ଅନେକ ଦିନ ପରେ ମୋର ରନ୍ଧା ଆଜି ଖୁଆଇ ଯିବି। ଉଠନ୍ତୁ।"

"ରନ୍ଧାଘର ଏହି ପାଖରେ - ଏହି ଦିଗରୁ ଯିବାକୁ ହୁଏ, କିନ୍ତୁ ଏକ୍ଷଣି ତ କୌଣସି ଜିନିଷର ବ୍ୟବସ୍ଥା ନାହିଁ।"

"ଚାଉଳ, ଡାଲି ଅଛି ତ ?"

"ହଁ, ଅଛି।"

"ଆଳୁ ଇତ୍ୟାଦି ?"

"ତାହା ମଧ୍ୟ ବୋଧହୁଏ ଅଛି, ଚନ୍ଦ୍ରିକା ତ ମାସେ ଖଣ୍ଡିଏର ପଦାର୍ଥ ରଖିଦେଇ ଯାଇଥିଲା।"

"ତାହାହେଲେ ହେବ। ମୁଁ ଚଞ୍ଚଳ ଭାତ, ଆଳୁ କରି ରାନ୍ଧିଦେଉଛି।" କହି ଅନସୂୟା ଉଠିଲା।

"ସବୁ ଇତଃସ୍ତତଃ ହୋଇଯାଇଛି - କଷ୍ଟ ହେବ।"

"କିଛି କଷ୍ଟ ହେବ ନାହିଁ। ଆପଣ ଚୁପ୍ କରି ବସନ୍ତୁ ତ।"

"ବରଂ ଗୋଟିଏ କାମ କର। ତିନି ଦିନ ହେଲା ଚା' ଖାଇନାହିଁ। ତୁମେ ବରଂ ଟିକିଏ ଚା' କରି ଖୁଆ - ଭାତ ଥାଉ।"

'ଆଚ୍ଛା, ମୁଁ ଚା' ପ୍ରଥମରେ କରିଦେଉଛି।"

ଜ୍ଞାନପ୍ରକାଶ ଚେୟାରରେ ବସି ଭାବିବାକୁ ଲାଗିଲା। କିଟି ଅନସୂୟାକୁ ଘର, ଦୁଆର ସମସ୍ତ ଦେଖାଇବାରେ ଲାଗିଲା। ବାରଣ୍ଡାର ଗୋଟିଏ ପାଖରେ ତିନି ଚାରି ଖଣ୍ଡ ଥାଳିଆ ଉଚ୍ଛିଷ୍ଟ ହୋଇ ପଡ଼ିଛି। କେତେ ଖଣ୍ଡି ଗିନା ଏବଂ ଗୋଟିଏ ଗ୍ଲାସ ମଧ୍ୟ ଇତଃସ୍ତତଃ ହେଇ ପଡ଼ିଛି। ରନ୍ଧାଘରର ଦରଜା ଖୋଲା। କେତେ ଖଣ୍ଡ ହାଣ୍ଡି

Digitized by srujanika@gmail.com

ଖୋଲା ହୋଇ ପଡ଼ିଛି । ଗୋଟିଏ କେଟଲି ବାରଣ୍ଡାର କୋଣରେ ପଡ଼ିଛି ତାହାର ଢାଙ୍କୁଣିଟା ଆଉ ଟିକିଏ ଦୂରରେ ମଇଳା ଗଦା ପାଖକୁ କାହିଁକି ଚାଲିଯାଇଛି ।

ଅନସୂୟା, ଜ୍ଞାନପ୍ରକାଶର ଦୁଃଖ କଥା ସମସ୍ତ ଜାଣେ । ଅଞ୍ଚଳରେ ଆଖି ପୋଛି ବାଲଟିରେ ପାଣି ଆଣି ପ୍ରଥମରେ ଘର ଦୁଆର ପରିଷ୍କାର କରିଦେଲା । କେଟଲି ଭଲ ଭାବରେ ମାଜି ଘଷି ଜାଳେଣି ଜାଳିଲା ଏବଂ ପିଆଲା ଧୋଇ ଦୁଇ ପିଆଲା ପାଣି ଚୁଲି ଉପରେ ବସାଇଦେଲା । ଦୁଧଓ୍ୱାଲା ଯେଉଁ ଦୁଧ ଦେଇଯାଇଥିଲା ତାହା ଠିକ୍ ସେପରି ଭାବରେ ରଖା ହୋଇଛି । ଜଳ ଗରମ ହେଉ ହେଉ ଟି ପଟ୍‌ଟି ଖୋଜି ବାହାର କଲା । ତା'ପରେ ପାଣିରେ ଚା ଲଗାଇ ଚିନି ଦେଲା ଏବଂ ଟି ପଟ୍‌ଟି ପରିଷ୍କାର କଲା ପରେ କ୍ଷିପ୍ର ହସ୍ତରେ ଦୁଧ ଦେଇ ଜ୍ଞାନପ୍ରକାଶ ପାଖକୁ ନେଇ ଆସିଲା । ଜ୍ଞାନପ୍ରକାଶ ଦୁଇଥର ଚା' ପାନ କରି କହିଲା – "ସୁନ୍ଦର ହୋଇଛି । ଅନେକ ଦିନ ଏପରି ସୁନ୍ଦର ଚା' ଖାଇନି ।" ସଙ୍ଗେ ସଙ୍ଗେ ଜ୍ଞାନପ୍ରକାଶର ଆଖିରୁ ଲୁହ ଝରି ପଡ଼ିଲା ।

ଅନସୂୟା କହିଲା – "ଆପଣ ଏପରି ଅସୁସ୍ଥ ଥିଲା ପରି ଦେଖାଯାଉଛନ୍ତି କାହିଁକି ?"

ଜ୍ଞାନପ୍ରକାଶ ମୁହଁ ଉପରକୁ କରି ମ୍ଳାନ ହସିଲା ଏବଂ ସଙ୍ଗେ ସଙ୍ଗେ ଦୁଇ ବୁନ୍ଦା ଅଶ୍ରୁ ତା'ର ନୟନରୁ ଝରିପଡ଼ିଲା । ଦୁଇ ଏକ ଘଣ୍ଟା ମଧ୍ୟରେ ଭାତ ଓ ଡାଲି ଆଳୁ ତରକାରୀ କରି ଅନସୂୟା ଜ୍ଞାନପ୍ରକାଶକୁ ଖାଇବାକୁ ଦେଲା । ଯତ୍ ସାମାନ୍ୟ ଖାଇ ଜ୍ଞାନପ୍ରକାଶ କିଟିକୁ ଖାଇବାକୁ ଦେଲା ।

ଅନସୂୟା କହିଲା – "ବର୍ତ୍ତମାନ ମୁଁ ଯାଉଛି ।"

ଜ୍ଞାନପ୍ରକାଶ ନତ ଦୃଷ୍ଟିରେ ଅନସୂୟା ଆଡ଼କୁ ଦେଖି କହିଲା – "ଆଚ୍ଛା ଅନସୂୟା, ଚନ୍ଦ୍ରିକା ଯଦି ଏଥର ଚାଲିଯାଏ, ତୁମ୍ଭ ପାଖକୁ କିପରି ଖବର ପଠାଇବି – ଯଦି ଆସି ଏପରି ଖାଇବାକୁ ଦେଇଯିବ ।"

ଅନସୂୟା ମୃଦୁ ହସି କହିଲା – "ଯଦି ଏକ ମାସ ମଧ୍ୟରେ ଖବର ପଠାଇବେ ତ ୧୩୩ ନମ୍ବର ଆଉଧ ଗର୍ବିକୁ ଏହାର ପରେ ହେଲେ ଆମ ଘରକୁ, 'କୁସୁମପୁର' ।

"କିନ୍ତୁ ତୁମେ ଶ୍ୱଶୁରାଳୟକୁ ଗଲେ – ସେଠାକାର ଠିକଣାଟା କ'ଣ ?"

Digitized by srujanika@gmail.com

"ତାହା ଠିକ୍ ଜାଣିନି - କାରଣ ତାହା ଠିକ୍ ହୋଇନି।"

କହି ଅନୁସୂୟା ଦ୍ରୁତ ପଦରେ ଘରୁ ଚାଲିଆସିଲା ଦାଣ୍ଡକୁ। ରାସ୍ତାକୁ ଓହ୍ଲାଇ ତା'ର ସଜଳ ଚକ୍ଷୁ ଦୁଇଟି ଭଲ ଭାବରେ ପୋଛି ପକାଇ ଅନସୂୟା ତାହାର ଘର ଦିଗକୁ ରାସ୍ତା ଧରିଲା।

॥୬॥

ମା'ଙ୍କୁ ସମସ୍ତ ବିଷୟ କହି, ତାଙ୍କର ଅନୁମତି ନେଇ ଅନସୂୟା ପରଦିନ ପ୍ରାତଃରୁ ତାହାର ଛୋଟ ମାଉସୀପୁଅ ଭାଇକୁ ସଙ୍ଗରେ ଧରି ଜ୍ଞାନପ୍ରକାଶର ବସାକୁ ଆସିଲା।

ଅନସୂୟାର ମା' ଏ ସମ୍ବାଦ ଶୁଣି ବଡ଼ ମର୍ମାହତ ହେଲେ ଏବଂ ସାରାଟା ଦିନ ଦୁଃଖିତ ହୋଇଥିଲେ। ବିଜୟାର ବିବାହ ପରେ ଅନସୂୟାର ବିବାହର ଚେଷ୍ଟା ଚାଲିଥିଲା ମାତ୍ର ଅନସୂୟା ବିକଳ କ୍ରନ୍ଦନ କରି ମା'ଙ୍କୁ ଜଣାଇଥିଲା ଯେ ସେ ବିବାହ କରିବ ନାହିଁ। ସମାଜ କ'ଣ କହିବ ବୋଲି ପ୍ରଶ୍ନ କଲେ ସେ କହେ ଯେ ତା'ର ତ ଭାଇ ନାହିଁ, ଯାହା ପାଇଁ ସମାଜକୁ ମାନି ଚଳିବାକୁ ହୁଅନ୍ତା। ମା' ଆଉ ଭଗବାନଙ୍କ ନାମ ନେଇ ଜୀବନଟା କଟାଇଦେଲେ ତ ଚଳିବ। ଜ୍ଞାନପ୍ରକାଶକୁ ଭଲ ପାଇଥିଲା ବୋଲି ସେ ଯେ ବିବାହ କରିବ ନାହିଁ ବୋଲି କହୁଥିଲା ତାହା ତାହାର ମା' ଭଲ କରି ଜାଣନ୍ତି। ତାଙ୍କର ମନରେ ଗୋଟିଏ କ୍ଷୀଣ ଆଶା ଜାଗ୍ରତ ହେଲା। ତାହା ସେ ଗୋପନରେ ରଖିଲେ।

ଅନସୂୟା ଆସି ଦେଖିଲା ଜ୍ଞାନପ୍ରକାଶ ଏ ପର୍ଯ୍ୟନ୍ତ ଶୋଇଛି ଏବଂ କିଟି ପହରା ଦେଉଛି। ଦୁଧ ସକାଳରେ ଆସିବ କି ନାହିଁ ତାହାର ଠିକ୍ ନାହିଁ ଭାବି ସେ ଛୋଟ ଗୋଟିଏ ପାତ୍ରରେ ଦୁଧ ମଧ ନେଇ ଆସିଥିଲା। ଅନସୂୟା ବରାବର ରନ୍ଧାଘରକୁ ଯାଇ, ଘରଦ୍ୱାର ପରିଷ୍କାର କରି କିଛି ଖାଦ୍ୟ ଏବଂ ଚା' ପ୍ରସ୍ତୁତ କରି ଆଣିଲା।

ଜ୍ଞାନପ୍ରକାଶକୁ ଡାକିବାରୁ ସେ ଉଠି ବସିଲା। ସକାଳଟାରୁ ଅନସୂୟାକୁ ଦେଖି ସେ ବିସ୍ମିତ ହେଇ କହିଲା - "କାହିଁ ତୁମେ ତ କହିନଥିଲ ସକାଳରେ ଆସିବା ପାଇଁ!"

Digitized by srujanika@gmail.com

ଅନସୂୟା ଉତ୍ତର ଦେଲା - "ନ କହି କ'ଣ ଆସି ହୁଏନାହିଁ? ଏତେ ଡେରିରେ ଉଠନ୍ତି କାହିଁକି ? ଏଥିଲାଗି ଶରୀର ଆହୁରି ଖରାପ ହୋଇଥାଏ । କେତେ ରାତ୍ରରେ ଶୁଅନ୍ତି ?"

"ଠିକ୍ ନାହିଁ।"

"ଗତକାଲି କେତେ ରାତ୍ରରେ ଶୋଇଥିଲେ ?"

"ଦୁଇଟା, ତିନିଟା ସମୟରେ।"

"କ'ଣ କରୁଥଲେ ଏତେ ବେଳ ପର୍ଯ୍ୟନ୍ତ।"

"ଗାନ।"

"ସମସ୍ତ ସମୟଟା ?"

"ହଁ।"

"କଷ୍ଟ ହୁଏକି ?"

"ନା, ନ ଗାଇଲେ ବରଂ କଷ୍ଟ ହୁଏ।"

"ହେଉ ତେବେ ବର୍ତ୍ତମାନ ଉଠନ୍ତୁ, ଖାଇବାର ଅଛି, ଖାଇପକାନ୍ତୁ। ଚା' ମଧ୍ଯ ଖାଇଦିଅନ୍ତୁ। ମୁଁ ଏ ମଧ୍ୟରେ ରୋଷେଇ କରି ପକାଉଛି। କେବଳ କିଛି ଦରକାରୀ ଜିନିଷ ଆଣିବାକୁ ହେବ - ତା' ରଞ୍ଜିତ ଆଣି ଦେଇପାରିବୁ ନାହିଁ?"

(ଅନସୂୟାର ମାଉସୀ ପୁଅ ଭାଇର ନାମ ରଞ୍ଜିତ)

ସେ ମୁଣ୍ଡ ହଲାଇ କହିଲା - "ହଁ ପାରିବି। ଏହି ତ ବଜାରଟା ପାଖରେ।"

ଜ୍ଞାନପ୍ରକାଶ କହିଲା - "କେବଳ ଟିକିଏ ଚା' ଦିଅ, ଆଜି ଆଉ କିଛି ଖାଇବି ନାହିଁ, ଶରୀର ମୋର ସୁସ୍ଥ ଲାଗୁନାହିଁ। ମୁଣ୍ଡରେ କ'ଣ ଗୋଟାଏ ଯନ୍ତ୍ରଣାବୋଧ କରୁଛି।"

"କାହିଁକି ? ଅସୁସ୍ଥ ଲାଗୁଛି ? ଦେଖି!" କହି ଅନସୂୟା ଜ୍ଞାନପ୍ରକାଶର ଦେହରେ ହାତ ଦେବାକୁ ବଢ଼ାଇଥିଲା। ପୁଣି କ'ଣ ଭାବି ଫେରାଇ ଆଣିଲା।

ଜ୍ଞାନପ୍ରକାଶ ବହୁତ କଷ୍ଟ ପାଇଲା ପରି "ଉ" କରି ଦୀର୍ଘପ୍ରଶ୍ୱାସ ନେଲା।

"ଆପଣଙ୍କୁ କଷ୍ଟ ହେଉଛି ?" କହି ଅନସୂୟା ଜ୍ଞାନପ୍ରକାଶର କପାଳରେ ହାତଦେଇ ଦେଖିଲା ମୁଣ୍ଡ ଖବ୍ ଗରମ ଅଛି।

Digitized by srujanika@gmail.com

"ନା, ଏହା କିଛି ନୁହେଁ ଛାଡ଼ିଯିବ।" କହି ଜ୍ଞାନପ୍ରକାଶ ମୁହଁ ଧୋଇବା ଲାଗି ଉଠିବାକୁ ଚେଷ୍ଟା କଲା, କିନ୍ତୁ ମୁଣ୍ଡବିନ୍ଧାରେ 'ଉଃ' କହି ପୁଣି ଶୋଇପଡ଼ିଲା।

"ଥାଉ, ଆପଣ ଉଠିବେନି।" କହି କ୍ଷିପ୍ର ହସ୍ତରେ ମୁହଁ ଧୋଇବାର ପାଣି ଆଣି ଅନସୂୟା ଜ୍ଞାନପ୍ରକାଶର ମୁହଁ ଧୋଇଦେଲା। ଶଯ୍ୟା ଉପରେ ଶୋଇକି ଜ୍ଞାନପ୍ରକାଶ ଚା' ପାନ କଲା। କେତେ ଘଣ୍ଟା ପରେ ଜ୍ୱର ଖୁବ୍ ବଢ଼ିଉଠିଲା। ଡାକ୍ତରର ବେଗ୍‌ରେ ଥର୍ମୋମିଟର ଥାଏ, ତାହା ଅନସୂୟା ଜାଣିଥିଲା। ତେଣୁ ଥର୍ମୋମିଟର ବାହାର କରି ରୋଗୀର ଉତ୍ତାପ ପରୀକ୍ଷା କଲା; ଦେଖିଲା ୧୦୫ ଡିଗ୍ରୀ।

ମୁଣ୍ଡରେ ଜଳପଟି ଦେଇ ଅନସୂୟା ପଙ୍ଖା କରିବାକୁ ଲାଗିଲା। ଆଉଧ ମହଲାରେ ଜଣେ ଡାକ୍ତର ଥାଆନ୍ତି, ଅନସୂୟା ରଞ୍ଜିତକୁ ତାଙ୍କ ପାଖକୁ ପଠାଇଦେଲା ଏବଂ ମା'ଙ୍କୁ ମଧ୍ୟ ଖବର ଦେବା ପାଇଁ କହିଦେଲା।

କେତେ କ୍ଷଣ ପରେ ଜ୍ଞାନପ୍ରକାଶ ଆଖି ମଳି ଦେଖିଲା। ଅନସୂୟା ପଚାରିଲା – "କିଛି କହିବେ ?"

ଜ୍ଞାନ ପ୍ରକାଶ କହିଲା – "ସେହି ବ୍ୟାଗରେ ମୋର ଡ୍ରୟାର ଚାବି ଅଛି। ଦରକାର ହେଲେ ଡ୍ରୟାରରୁ ଟଙ୍କା ନେବ ଆଉ ଯଦି ରୋଗ ଖୁବ୍ ବଢ଼ିଯାଏ ମୋର ଜ୍ୟେଷ୍ଠ (ଜେଠା) ମହାଶୟ ପାଖକୁ ଗୋଟାଏ ତାର କରିଦେବ। ମୋର ଡାଏରୀରେ ଆଡ୍ରେସ୍ ଲେଖା ଅଛି। ଅନସୂୟା କହିଲା – "ଆପଣ କିଛି ଭାବନ୍ତୁ ନାହିଁ। ଶୀଘ୍ର ଭଲ ହେଇଯିବେ ଯେ।"

"ନା, ଭାବିବାର ତ ଆଉ କିଛି ନାହିଁ।"

ଡାକ୍ତର ଆସି ଦେଖିଗଲେ। ଔଷଧ ପ୍ରେସ୍‌କ୍ରାଇବ୍ କଲେ। ବସାରେ ପୁରୁଷ ଲୋକ କେହି ନଥିବାରୁ ରୋଗୀ ସମ୍ବନ୍ଧରେ କାହାକୁ କିଛି କହିପାରିନଥିଲେ। ଅନସୂୟା ଭିଜିଟ୍ ଦେବାକୁ ଆସିବାରୁ କହିଲେ – "ବାହାରର ଲେଖାଟା ପ୍ରଥମେ ଖୋଲି ରଖିଦିଅ ମା'। ତା'ପରେ ଭିଜିଟ୍ ନେବି।"

ଅପରାହ୍ନରେ ଜ୍ୱର ଆହୁରି ବଢ଼ିଗଲା। ରାତ୍ରରେ କିଏ ରହିବ, ଏକାକୀ ସେ କ'ଣ କରିବ ? ଯଦି କିଛି ବିପଦ ଘଟିବ ତ କାହାର ସାହାଯ୍ୟ ନେବ ? ଏହି ସମସ୍ତ

Digitized by srujanika@gmail.com

କଥା ଅନୁସୂୟା ଭାବୁଛି, ଜ୍ଞାନପ୍ରକାଶ ମୁଦ୍ରିତ ଚକ୍ଷୁ ମୁଖମଣ୍ଡଳକୁ ନିର୍ନିମେଷ ନୟନରେ ବିକଳ ହୋଇ ଅନେଇ ରହିଛି ଏପରି ସମୟରେ ମୁହଁବନ୍ଧ ଗୋଟିଏ ହାଣ୍ଡି ଏବଂ ପୁଟୁଳି ହସ୍ତରେ ଚନ୍ଦ୍ରିକା ସିଂ ଆସି ଉପସ୍ଥିତ ହେଲା ।

ଚନ୍ଦ୍ରିକା ଅନସୂୟାକୁ ଦେଖି ଚିହ୍ନି ପାରିଲା । ଜ୍ଞାନପ୍ରକାଶର ବିବାହ ପୂର୍ବରୁ ଏବଂ ପରେ ମଧ୍ୟ ସେ ଅନସୂୟାକୁ କେତେ ଥର ଦେଖିଛି । ପ୍ରଭୁଙ୍କୁ ଶଯ୍ୟାଗତ ଦେଖି ଚନ୍ଦ୍ରିକା ମୁଣ୍ଡରେ ହାତ ମାରି ବସି ପଡ଼ିଲା ।

କେବେ ଅସୁସ୍ଥ ହେଲେ, ଅନସୂୟା କେବେ ଆସିଲା, ଯେଉଁ ଚାକର ସେ ରଖାଇଦେଇ ଯାଇଥିଲା ସେ କାହିଁଗଲା, ଏହି କେତେ ଦିନ ପ୍ରଭୁର କିପରି ଭାବରେ କଟିଛି, ଏହି ସମସ୍ତ ଘଟଣା ଶୁଣି ଚନ୍ଦ୍ରିକା କାନ୍ଦି ଉଠିଲା ।

ଅନସୂୟାର ଚକ୍ଷୁରୁ ଜଳ ବାହାରି ପଡ଼ିଲା, ତେବେ ମଧ୍ୟ ସେ ଚନ୍ଦ୍ରିକାକୁ ବୁଝାଇଲା - ବର୍ତ୍ତମାନ ଅଧୀର ହେଲେ ଚଳିବ ନାହିଁ । ଅସୁଖ କାହାର ହୁଏନି ! ଚିକିତ୍ସା ଓ ଶୁଶ୍ରୂଷାରେ ଭଲ ହୋଇଯିବେ ।"

ଅନସୂୟାକୁ ଚନ୍ଦ୍ରିକା ଯିବାକୁ ଦେଲା ନାହିଁ । ହାତଯୋଡ଼ି କହିଲା - "ଏକେ ତ ମୁଁ ରୋଗରୁ କିଛି ବୁଝି ନାହିଁ । ତା' ଉପରେ ବାବୁଙ୍କର ଅସୁସ୍ଥରେ ମୋର ହାତଗୋଡ଼ ଚଳୁ ନାହିଁ । ଆପଣ ନ ରହିଲେ ବାବୁ ବଞ୍ôଚିବେ ନାହିଁ ।" ଅନସୂୟା ମା'ଙ୍କର ଅନୁମତି ନେଇ ରହିଗଲା ।

ପରଦିନ ଜ୍ଞାନପ୍ରକାଶ ସଂଜ୍ଞାହୀନ ହୋଇଗଲା । ଅନସୂୟାର କଥା ଅନୁଯାୟୀ ଚନ୍ଦ୍ରିକା ଡାକଘରକୁ ଯାଇ ବିଶ୍ୱନାଥଙ୍କ ନାମରେ ତାର କରି ଆସିଲା । ଚନ୍ଦ୍ରିକା, ଅନସୂୟା ଓ କିଟି ଏକ ପ୍ରକାର ଆହାର ନିଦ୍ରା ପରିହାର କରି ରୋଗୀ ପାଖରେ ବସି ରହିଥିଲେ । ଅନସୂୟା ଏବଂ ଚନ୍ଦ୍ରିକା ପାଳି କରି ଥରେ ଥରେ ଯାଆନ୍ତି ଏବଂ ମୁହଁରେ କିଛି ଆହାର ମଧ୍ୟ ଦିଅନ୍ତି ମାତ୍ର କିଟି ଯାହା ହେଉନା କାହିଁକି ସେ ଘର ଛାଡ଼େନି । କାହିଁ ଯାଏନି ।

ପରଦିନ ବିଶ୍ୱନାଥ ଅପରାହ୍ନରେ ଜଣକୁ ସଙ୍ଗେ ନେଇ ଆସି ଜ୍ଞାନପ୍ରକାଶ ଘରେ ପହଞ୍ଚିଲେ ।

ଜ୍ଞାନପ୍ରକାଶର ଅବସ୍ଥା ଦେଖି ସେ ଚକ୍ଷୁ ଜଳରୋଧ କରିବାକୁ ଅକ୍ଷମ

Digitized by srujanika@gmail.com

ହେଲେ। ଚନ୍ଦ୍ରିକା ଏବଂ ଅନସୂୟାଠାରୁ ସମସ୍ତ ଘଟଣାଟି ଶୁଣି ସେ କହିଲେ - "ଜ୍ଞାନର ପଇସାରେ ଜ୍ଞାନର ଘରେ ଆମ୍ଭେମାନେ ରାଜା, ମହାରାଜା ପରି ସୁଖ ସ୍ୱାଚ୍ଛନ୍ଦ୍ୟ, ମଉଜ, ମଜଲିସ୍‌ରେ ଅଛୁ ଆଉ - ଜ୍ଞାନ ମୋର ଏଠାରେ ଏତେ କଷ୍ଟ ପାଉଛି - ରାନ୍ଧି କରି ଖାଇବାକୁ ଦେବା ପାଇଁ ଗୋଟିଏ ଲୋକ ତା' ପାଖରେ ନାହିଁ। କ୍ଷୁଧାରେ ସେ - କ୍ଷୁଧା ମେଣ୍ଟାଇବା ପାଇଁ ସେ ପାଣି ପିଉଛି ?"

ଯେଉଁ ଡାକ୍ତର ମହାଶୟ ଚିକିତ୍ସା କରୁଥିଲେ ତାଙ୍କୁ ଡକା ହେଲା। କାଶୀର ସର୍ବଶ୍ରେଷ୍ଠ ଡାକ୍ତରଙ୍କୁ ଡକା ହେଲା। ବିଶ୍ୱନାଥ ହାତ ଯୋଡ଼ି କହିଲେ - "ଆପଣ ଦୁହେଁ ଦେଖନ୍ତୁ ଆଜ୍ଞା।"

ରୋଗର ବୃଦ୍ଧି ସମୟରେ କମିବାର ସମ୍ଭାବନା ନଥାଏ। ତା'ପରେ ଶକ୍ତ ବି ଟାଇପ୍‌ର ଟାଇଫଏେଡ୍। ଅନସୂୟା ଲଜ୍ଜା, ସଂକୋଚ ସମସ୍ତ ଦୂରକୁ ଫିଙ୍ଗିଦେଇ ସମସ୍ତ ସମୟଟା ରୋଗୀର ସେବାରେ ନିୟୋଗ କଲା। ଡାକ୍ତରମାନେ ମଧ୍ୟ କହିବାକୁ ଲାଗିଲେ - ଯଦି ରୋଗୀ ବଞ୍ଚିଯାଏ ଏହାଙ୍କର ହିଁ ଶୁଶ୍ରୂଷା ଗୁଣରେ କହିବାକୁ ହେବ।" ଶୁଣି ଅନସୂୟାର ମୁହଁ ଲଜ୍ଜାରେ ତଳକୁ ହୋଇଗଲା, ଚକ୍ଷୁ ଅଶ୍ରୁସିକ୍ତ ହେଲା। ରୋଗୀର ଜ୍ଞାନ (ସଂଜ୍ଞା) ପାଇବା ସମ୍ଭାବନା କେବଳ ମଧ୍ୟରେ ମଧ୍ୟରେ ଥରେ ଦେଖାଯାଏ। କେବେ କେବେ ଖାଲି ନାମ ଧରି ଡକା ପକାଏ ରୋଗୀ - "ଜ୍ୟେଷ୍ଠ ମହାଶୟ-ଅନସୂୟା-ଚନ୍ଦ୍ରିକା।" ଦିନେ ଦିନେ କହେ "କିଟି, କିଟି ଖା।"

ଠିକ୍ ପଇଞ୍ଚାଳିଶ (୪୫) ଦିନ ପରେ ଜ୍ଞାନପ୍ରକାଶର ଜ୍ୱର କମିଲା। ତାହାର ସ୍ୱାଭାବିକ ଜ୍ଞାନ ଫେରି ଆସିଲା। ସେ ପ୍ରଥମରୁ ଡାକିଲା - "କିଟି, କିଟି।"

ପଥ୍ୟ ପାଇ ସେଦିନ ଜ୍ଞାନପ୍ରକାଶ ବିଛଣାରୁ ଉଠି ଛିଡ଼ା ହେଲା। ସେଦିନ କିଟିର ସ୍ଫୂର୍ତ୍ତି ଦେଖେ କିଏ ? ସେ ଯେପରି ବଞ୍ଚି ଯାଇଛି। ସେଦିନ ଘରର ଛାତ ଉପରେ ଗୋଟିଏ ପକ୍ଷୀର ସୁଦ୍ଧା ଉଡ଼ିବାର ଯୁ' ନଥାଏ।

ଦିନେ ଅନସୂୟା ଜ୍ଞାନପ୍ରକାଶକୁ ପଥ୍ୟ ଖାଇବାକୁ ଦେଇ ଯତ୍ନର ସହିତ ତାହାର ମୁହଁପୋଛି କହିଲା - "ଓଃ କିପରି ଭାବରେ ଆପଣ ଏ ରୋଗରୁ ମୁକ୍ତି ପାଇଛନ୍ତି ଏଥର ! ଭାଗ୍ୟକୁ ଜ୍ୟେଠା ମହାଶୟ ଯଥା ସମୟରେ ଆସି ଏଠାରେ

Digitized by srujanika@gmail.com

ପହଞ୍ଚିଲେ। ତେଣୁ କରି ତ ଏତେ ଚିକିତ୍ସା ହେବାର ବ୍ୟବସ୍ଥା ହେଲା। ନ ହେଲେ କି ରକ୍ଷା ଥିଲା?"

ଜ୍ଞାନପ୍ରକାଶ କହିଲା - "କେବଳ ଚିକିତ୍ସା ନୁହେଁ ଅନସୂୟା, ତୁମର ଶୁଶ୍ରୂଷା ଗୁଣରେ ହିଁ ମୁଁ ମୋର ପ୍ରାଣ ଫେରିପାଇଛି। କିନ୍ତୁ ଏଥିରେ ତ କିଛି ଲାଭ ନାହିଁ। ମୋର ଏତେ ଦିନ ଧରି ଚେଷ୍ଟାକୁ ତୁମେ ବ୍ୟର୍ଥ କରିଦେଲ। ପୁଣି ସେହି, ପୁରୁଣା କଥା ଦିନ ପରେ ରାତି, ରାତି ପରେ ଦିନ। ଆଲୋକ ନାହିଁ, ପବନ ନାହିଁ - ଯେପରି ଅନ୍ଧକାର କାରାଗାର ମଧ୍ୟରେ ସେହି ପୁରୁଣା ଦୀର୍ଘଶ୍ୱାସ!"

ଅନସୂୟା କହିଲା - "ଦେଖନ୍ତୁ ରୋଗରୁ ମୁକ୍ତ ହୋଇଛନ୍ତି। ବର୍ତ୍ତମାନ ଏସବୁ ଚିନ୍ତା କରିବେ ନାହିଁ। ଜୀବନରେ କରିବାକୁ କେତେ କାମ ଅଛି। ଗୋଟିଏ ଦିଗରୁ କ୍ଷତି ହୋଇଛି ବୋଲି ଚାରି ଦିଗକୁ ବିମୁଖ ହୋଇ ରହିବା ଆପଣଙ୍କ ପକ୍ଷରେ ଶୋଭା ପାଉନାହିଁ। ଏହାପରେ ଶରୀର ଦିଗକୁ ଟିକିଏ ଦୃଷ୍ଟି ଦେବେ। ଆମେ ତ କେତେ ଦିନ ପରେ ଚାଲିଯିବୁ। ଜ୍ୟେଠା ମହାଶୟ ମଧ୍ୟ ବରାବର ତ ରହିପାରିବେ ନାହିଁ।"

॥୬॥

ଜ୍ଞାନପ୍ରକାଶ କେତେ କ୍ଷଣ ନୀରବ ରହି ପଚାରିଲା - "କେବେ ତୁମେ ଯିବ ଅନସୂୟା?"

"ଆପଣଙ୍କୁ ଟିକିଏ ସୁସ୍ଥ ଦେଖିଲେ ଦୁଇ ଚାରି ଦିନ ମଧ୍ୟରେ ହିଁ ଚାଲିଯିବି। - ରାଗ କଲେ?"

"ନା, ରାଗ କରିବି କାହିଁକି? ତୁମେ ଯାହା କରିଛ ତାହା ମୋ ପକ୍ଷରେ ଯଥେଷ୍ଟ ହୋଇଛି। ତୁମକୁ କେଉଁ ଆଶା ଦେଇ କେଉଁ ସାହସରେ ଧରି ରଖିବି?"

ଅନସୂୟାର ହୃଦୟ ଧଡ଼୍‌ଧଡ଼୍ କଲା। କିନ୍ତୁ ସେ ମୁହଁ ଖୋଲି ନଥିଲା।

ଜ୍ଞାନପ୍ରକାଶ ପୁଣି କହିଲା - "ଦେଖ ଅନସୂୟା, କେହି ଦରଦୀ ଅଛି, କେହି ଭଲପାଇବାକୁ ଅଛି, ମୁଁ ମରିଗଲେ କାହାର ମନ କାନ୍ଦିବ - ଏପରି ଭରସା ନଥିଲେ ମନୁଷ୍ୟ ବଞ୍ଚି ରହିବାକୁ ଇଚ୍ଛା କରେ ନାହିଁ। ଜୀବନ ତା' ପକ୍ଷରେ ମରଣଠାରୁ ଭୟାନକ ହୋଇ ଉଠେ-ଗୋଟିଏ ବୋଝ ପରି ମନେହୁଏ।"

Digitized by srujanika@gmail.com

ଅନସୂୟା ମୁଣ୍ଡ ତଳକୁ କରି ବସିଥିଲା, ଧୀରେଧୀରେ ମୁଣ୍ଡ ଉଠାଇ କହିଲା – ଆପଣଙ୍କ ଦରଦୀ ଲୋକ ତ ବରାବର ଅଛନ୍ତି।"

"ଅଛନ୍ତି ଅବଶ୍ୟ; ଜ୍ୟେଠା ମହାଶୟଙ୍କ ସ୍ନେହ ଭୁଲିବାର ନୁହେଁ। ଚନ୍ଦ୍ରିକା ଏବଂ କିଟିର ମଧ୍ୟ ଅନୁରାଗ କମ୍ ନୁହେଁ। କିନ୍ତୁ ମନ ଯେପରି ଆଉ କିଛି ଚାହେଁ। ଅଭାବବୋଧ କରେ। ଏକାକୀ ଥିଲା ପରି ଜଣାପଡ଼େ।"

"ଏହାଛଡ଼ା ଏପରି ଜଣେ ଅଛି ଯେ ତୁମ୍ଭଙ୍କୁ ଦେଖିଲେ ସବୁ ଭୁଲିଯାଏ।" – ଭାବାବେଗରେ ଅନସୂୟାର ହୃତ୍‌ସ୍ପନ୍ଦନ ଖୁବ୍ ଜୋର୍‌ରେ ଦୁଲକି ଉଠିଲା।

"ଅଛି। – କିଏ ଅଛି ଅନସୂୟା !" – ଜ୍ଞାନପ୍ରକାଶର ଗଳା ସେତେବେଳେ କମ୍ପି ଉଠିଥିଲା।

ଅନସୂୟା ଉତ୍ତର ଦେଇ ପାରିନଥିଲା – ଦୁଇ ହାତରେ ମୁହଁ ଢାଙ୍କି ଉଚ୍ଛ୍ୱସିତ ହୋଇ କାନ୍ଦି ପକାଇଲା।

ଆହତ ହୃଦୟରେ ଜ୍ଞାନପ୍ରକାଶ ଅନସୂୟାର ଅଶ୍ରୁମୁଖକୁ କିଛି କ୍ଷଣ ଚାହିଁ ରହିଲା। ତା' ପରେ ଅନସୂୟାର ଗୋଟିଏ ହାତ ଆଣି ନିଜ ହାତ ମଧ୍ୟରେ ରଖି କହିଲା – "ଅନସୂୟା ମୋତେ କ୍ଷମା କର। ତୁମ୍ଭଙ୍କୁ ମୁଁ ଚିହ୍ନିପାରି ନଥିଲି। କିନ୍ତୁ ତୁମ୍ଭଙ୍କୁ ଆଉ ମୁଁ ଛାଡ଼ି ଦେବି ନାହିଁ। ତୁମ ପ୍ରତି ମୁଁ ଚିରଦିନ ଅନୁରକ୍ତ – କିନ୍ତୁ ମୁଁ ତୁମ୍ଭଙ୍କୁ ଭିନ୍ନ ଚକ୍ଷୁରେ ଏତେ ଦିନ ପର୍ଯ୍ୟନ୍ତ ଦେଖି ଆସୁଥିଲି। ବର୍ତ୍ତମାନ ଭାବୁଛି – ସେ ସମୟରେ ଯଦି ଭୁଲ ପଥରେ ଯାଇ ନଥାନ୍ତି, ତାହା ହେଲେ ଜୀବନଟା ଏପରି ହାହାକାରମୟ ହୋଇନଥାନ୍ତା।"

ଅନସୂୟାର ବହୁ ଦିନର ସଂଚିତ ଅଶ୍ରୁ ଏତେ କାଳ ପରେ ଆଜି ଝରିବାକୁ ଲାଗିଲା। ସେ ତା'ର ହାତ ଜ୍ଞାନପ୍ରକାଶର ହାତରୁ ଉଠାଇ ନେଇନଥିଲା। ସ୍ନେହାତିଶଯ୍ୟ ତଥା ଗଦଗଦ ପ୍ରାଣର ଅତ୍ୟଧିକ ହେତୁ ସେ ବାକ୍ୟହୀନ ହୋଇଥିଲା। ସେ କେବଳ ଚାହିଁରହିଥାଏ ହର୍ଷୋତ୍‌ଫୁଲ୍ଲରେ ଜ୍ଞାନପ୍ରକାଶର ମୁହଁକୁ।

ଠିକ୍ ଏହି ସମୟରେ ବିଶ୍ୱନାଥ ଘର ଭିତରକୁ ପଶିଆସିଲେ। ଅନସୂୟା ଲଜ୍ଜିତ ହୋଇ ତତ୍‌କ୍ଷଣାତ୍ ହାତ ଉଠାଇ ନେବାକୁ ଇତଃସ୍ତତଃ ହେଉଛି, ଏହିପରି ସମୟରେ ସେ କହିଲେ,– "ବସ ମା' ସେ, ବୃଦ୍ଧପୁଅ ପାଖରେ ଲଜ୍ଜା ଗୋଟିଏ

Digitized by srujanika@gmail.com

କ'ଣ ମା' ! ହଁ ଗୋଟିଏ କଥା ତୁମ୍ଭମାନଙ୍କୁ କହିବାକୁ ଆସିଛି, ଆସନ୍ତା ସୋମବାର ଦିନ ଆମେ ସମସ୍ତେ ଦେଶକୁ ଚାଲିଯାଉଛୁ । ଜ୍ଞାନକୁ ଆଉ ମୁଁ ଏପରି ଭାବରେ ଛାଡ଼ିଦେଇ ଯିବି ନାହିଁ। ଏତେଦିନ ପର୍ଯ୍ୟନ୍ତ ତୋର କଥା ମୁଁ ଶୁଣି ଆସିଛି। ଜ୍ଞାନ ମାନିଛି ମଧ୍ୟ କିନ୍ତୁ ଆଜିଠାରୁ କେତେଦିନ ପର୍ଯ୍ୟନ୍ତ ତୋତେ ମୋର କଥା ଶୁଣିବାକୁ ହେବ - ମାନିନେବାକୁ ହେବ। ଆଉ ମା' ଅନସୂୟା ମୁଁ ତୁମ୍ଭଙ୍କୁ ସହଜରେ ଛାଡୁନାହିଁ - ଏଠି ସମସ୍ତଙ୍କ ସାଥୀରେ ତୁମ୍ଭଙ୍କୁ ମଧ୍ୟ ଯିବାକୁ ହେବ । ତୁମ ମା'ଙ୍କଠାରୁ ମୁଁ ଏହି ଅନୁମତି ନେଇ ଆସିଛି। ତାଙ୍କୁ ମଧ୍ୟ ସଙ୍ଗରେ ନେଇଯିବା। ସେ ସଙ୍ଗେ ନଥିଲେ ଗୃହକାର୍ଯ୍ୟ କିଏ ସମ୍ଭାଳିବ । ଆଉ ତୁମ୍ଭଙ୍କୁ ଆସିବାକୁ ଦେବି ନାହିଁ। ତୁମେ ମୋର ଜ୍ଞାନର ଗୃହଲକ୍ଷ୍ମୀ ହେବ । ମୁଁ ଆଶୀର୍ବାଦ କରୁଛି ତୁମ୍ଭେ ଦୁହେଁ ସୁଖୀ ହୁଅ ।"

ଜ୍ଞାନପ୍ରକାଶ ଓ ଅନସୂୟା ଦୁହେଁ ଏକ ସଙ୍ଗରେ ଉଠି ବିଶ୍ୱନାଥଙ୍କ ଚରଣ ତଳେ ସାଷ୍ଟାଙ୍ଗ ପ୍ରଣିପାତ କଲେ। ସେହି ଦୁହିଁଙ୍କର ନୟନ ଅଶ୍ରୁ ପୂଜା-ଫୁଲ ପରି ପିତୃସମ ବୃଦ୍ଧ ବିଶ୍ୱନାଥଙ୍କ ଚରଣ ତଳେ ନିବେଦିତ ହେଉଥିଲା ।

❖❖❖

Digitized by srujanika@gmail.com

ଅନୁବାଦକ

କିଶୋର ଚନ୍ଦ୍ର ମେହେର

ସଂପାଦନା

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସ୍ୱଭାବକବି ଗଙ୍ଗାଧର ମେହେରଙ୍କ କନିଷ୍ଠ ପୌତ୍ର ହେଉଛନ୍ତି କିଶୋର ଚନ୍ଦ୍ର ମେହେର। ନିଜସ୍ୱ ପ୍ରତିଭାକୁ ଲୁକ୍କାୟିତ କରି ରଖିବାକୁ ଯଦି ଏକ ଶ୍ରେଷ୍ଠ କଳା ବୋଲି କୁହାଯାଏ, କିଶୋର ଚନ୍ଦ୍ର ହେଉଛନ୍ତି ସେଇ ସ୍ତରର ଜଣେ ଉଚ୍ଚକୋଟୀର ସାହିତ୍ୟ ଶିଳ୍ପୀ। ସେ ନିଜ ଜୀବନକାଳ ମଧ୍ୟରେ ଅଧ୍ୟୟନ କରିଛନ୍ତି ଅସଂଖ୍ୟ ପୁସ୍ତକ। ଓଡ଼ିଆ ବ୍ୟତୀତ ସେ ବଙ୍ଗଳା ପୁସ୍ତକର ଥିଲେ ଜଣେ ଅସାମାନ୍ୟ ସାହିତ୍ୟାନୁରାଗୀ ମର୍ମଜ୍ଞ ପାଠକ। ଯେଉଁ କେତୋଟି ଗଳ୍ପ ସେ ବଙ୍ଗଳା ଓ ହିନ୍ଦୀ ସାହିତ୍ୟରୁ ଅନୁବାଦ କରିଛନ୍ତି ଉତ୍କୃଷ୍ଟ କଳା ଦୃଷ୍ଟିରୁ ତାହା ଭାରତୀୟ ସାହିତ୍ୟ ଓ ବିଶ୍ୱ ସାହିତ୍ୟର ଏକ ଏକ ଅମୂଲ୍ୟ ରତ୍ନ। ଦୁଃଖର ବିଷୟ ଯେ, ଅନୁବାଦକ ଆଜି ଆଉ ସଶରୀରରେ ନାହାନ୍ତି। ପିତୃସ୍ମୃତିକୁ ଚିର ଉଜ୍ଜୀବିତ ରଖିବା ସକାଶେ ତାଙ୍କର ସୁପୁତ୍ର ପ୍ରଫେସର ମଣୀନ୍ଦ୍ର କୁମାର ମେହେର ସେଇ ଗଳ୍ପ କେତୋଟିକୁ ଅତି ସୁନ୍ଦର ଭାବରେ ଗୁନ୍ଥି ଦେଇ ପ୍ରସ୍ତୁତ କରିଛନ୍ତି ଏ ଆକର୍ଷଣୀୟ ମାଳାଟିକୁ। ଆଶା, ସହୃଦୟ ପାଠକମାନେ ଉଭୟ ପିତାପୁତ୍ରଙ୍କ କଳାକତ୍ନ ଭାବାବେଗକୁ ନିଶ୍ଚୟ ହୃଦୟଙ୍ଗମ କରି ପାରିବେ।

– ପ୍ରକାଶକ

ISBN : 978-93-94543-01-0

9 789394 543010

Regd. Office: Lenda,Barpali, Dist. Bargarh-768029

Digitized by srujanika@gmail.com